RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-76 ♦WEDNESDAY ♦9 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୭୬ ♦ବୁଧବାର ♦୯ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦



ୟୁଏସ୍ ଓପନ୍; କ୍ୱାର୍ଟର୍‌ରେ ରିବାକିନା
▶ପୃଷ୍ଠା ୧୧ ଦେଖନ୍ତୁ...

### ମତଦାତାଙ୍କ ବୟସ ଓ ସଂଖ୍ୟା ମଧ୍ୟରେ ବ୍ୟବଧାନ ବିଶାଳ

# କଟିବେ ୧୫ କୋଟି ଭୋଟର

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଦେଶରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ସେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ ବା ଏସ୍ଆଇଆର୍) କୁ ନେଇ ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିଭିନ୍ନ ରାଜ୍ୟରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ୩୭ ଲକ୍ଷ ନାଁ ବାଦ ଦିଆଯାଇଛି। ତେବେ ବିଭିନ୍ନ ଆପତ୍ତି ଅଭିଯୋଗ ଓ ଯୋଗ ବିଯୋଗ ପରେ ସାରା ଦେଶରେ ଏସ୍ଆଇଆର୍ ଶେଷ ବେଳକୁ ଅନ୍ୟୂନ ୧୧.୫ କୋଟି ଭୋଟର ବାଦ ପଡ଼ିବା ଆପାତତଃ ନିଶ୍ଚିତ ବୋଲି କୁହାଯାଉଛି। ମାତ୍ର ଏହା ମଧ୍ୟରେ ଆଉ ଯେଉଁ ବଡ଼ ତଥ୍ୟଟି ବାହାରକୁ ଆସିଛି, ତାହା ସବୁଠାରୁ ସଂଘାତିକ ମନେହେଉଛି। ଏହି ତଥ୍ୟ ଅନୁସାରେ ବୟସ ଦୃଷ୍ଟିରୁ ଦେଶର ଭୋଟଦାନ ନିମନ୍ତେ ଯୋଗ୍ୟତା ଅର୍ଜନ କରିଥିବା ମୋଟ ଜନସଂଖ୍ୟାର ପ୍ରାୟ ୧୫% ଅର୍ଥାତ୍ ୧୫ କୋଟି ଲୋକ ଭୋଟର ତାଲିକାରୁ ବାଦ ପଡ଼ିବା ଆପାତତଃ ନିଶ୍ଚିତ ହୋଇଯାଇଛି।

ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରକାଶିତ ତଥ୍ୟ ଅନୁସାରେ ୨୦୨୪ ଲୋକସଭା ନିର୍ବାଚନ ସମୟରେ ଦେଶର ମୋଟ ମତଦାତାଙ୍କ ସଂଖ୍ୟା ଥିଲା ପ୍ରାୟ ୯୮ କୋଟି। ମାତ୍ର ସେହି

### ଏସ୍ଆଇଆର ଡ୍ରାଫ୍ଟ ତାଲିକାରୁ ୧୩.୩୭ କୋଟି ନାଁ ବାଦ

ସମୟରେ ମତଦାନ ପାଇଁ ଯୋଗ୍ୟ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କର ମୋଟ ସଂଖ୍ୟା ଥିଲା ୯୯ କୋଟି। ଏସ୍ଆଇଆର୍ ପରେ ଦେଶରେ ମତଦାନ ନିମନ୍ତେ ଯୋଗ୍ୟ ଅର୍ଥାତ୍ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ୧୦୩ କୋଟିକୁ ବୃଦ୍ଧି ପାଇଥିବା ସମୟରେ ମୋଟ ଭୋଟର ତାଲିକା ଅନୁସାରେ ମତଦାତାଙ୍କ ସଂଖ୍ୟା ୮୮ କୋଟିକୁ ଖସିବା ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ମତଦାନ ନିମନ୍ତେ ଯୋଗ୍ୟ ଓ ଭୋଟର ତାଲିକାରେ ସୂଚୀଭୁକ୍ତ ମତଦାତାଙ୍କ ସଂଖ୍ୟା ମଧ୍ୟରେ ୧୫ କୋଟିର ବିଶାଳ



ପାର୍ଥକ୍ୟକୁ ନେଇ ଏବେ ସାରା ଦେଶରେ ସନ୍ଦେହ ସୃଷ୍ଟି ହୋଇଛି। ଯାହାକୁ ନେଇ ରାଜନୈତିକ ସମୀକ୍ଷକ, ସୂଚନାଧିକାର କର୍ମୀ ଅଦାଲତର ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚା ହେଉଛି।

ଏସ୍ଆଇଆର୍‌ର ପ୍ରଥମ ପର୍ଯ୍ୟାୟରେ ବିହାରରୁ ୬୫.୧ ଲକ୍ଷ ଭୋଟରଙ୍କ ନାମ କଟିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଛତିଶଗଡ଼, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗରୁ ୬.୫ କୋଟି ଭୋଟରଙ୍କ ନାମ ବାଦ ଦିଆଯାଇଛି। ସେହିପରି ତୃତୀୟ ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶ, ହରିଆଣା, ଝାଡ଼ଖଣ୍ଡ, କର୍ଣ୍ଣାଟକ, ମହାରାଷ୍ଟ୍ର, ଦିଲ୍ଲୀ, ଓଡ଼ିଶା, ପଞ୍ଜାବ, ତେଲଙ୍ଗାନା, ଉତ୍ତରାଖଣ୍ଡରୁ ୬.୧ କୋଟି ଭୋଟର ବାଦ ପଡ଼ିଛନ୍ତି। ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ଭୋଟର, ତ୍ରୁଟିପୂର୍ଣ୍ଣ ନାମ ଯୋଗୁଁ ଅନେକ ମତଦାତାଙ୍କ ନାମ ବାଦ୍ ଦିଆଯିବାରେ କିଛି ଅସ୍ୱାଭାବିକତା ନାହିଁ; ମାତ୍ର ଅନେକ ସମୟରେ ଇଚ୍ଛାକୃତ ଭାବରେ ଅନେକ ଭୋଟରଙ୍କ ନାମକୁ ତାଲିକାରୁ ବାଦ ଦିଆଯାଉଥିବା ଅଭିଯୋଗ ▶ପୃଷ୍ଠା-୭

# ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଭୟଙ୍କର ତ୍ରୁଟି; ୨ ଗିରଫ

■ ମୁମ୍ବାଇ, ୮।୯ (ଏଜେନ୍ସି): ମୁମ୍ବାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ତାଙ୍କର ସୁରକ୍ଷାରେ ଭୟଙ୍କର ତ୍ରୁଟି ଦେଖାଦେଇଛି। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ଯୁବକ ନିଜକୁ ପ୍ରଧାନମନ୍ତ୍ରୀ ଅଫିସର ଅଧିକାରୀ ବୋଲି କହିବା ସହିତ ତା ପାଖରେ ନକଲି ପରିଚୟପତ୍ର ମଧ୍ୟ ଥିଲା। ଅନ୍ୟ ବ୍ୟକ୍ତି ଜଣକ ହେଉଛି, ତାର କଥିତ ବଡିଗାର୍ଡ। ତା ପାଖରୁ ଗୋଟିଏ ପିସ୍ତଲ ଜବତ କରାଯାଇଛି। ଏହି ଘଟଣାକୁ ନେଇ ମୁମ୍ବାଇରେ ଆତଙ୍କ ଖେଳିଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଆଜି ମୁମ୍ବାଇ କେବିସିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା। ଏହାକୁ ଦୃଷ୍ଟିରେ ରଖି ସେଠାରେ ଗତକିଛି ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଏହାସତ୍ତ୍ୱେ ରୋହନ ପାରେଖ ନାମ ଜଣେ ଯୁବକ ଗତକାଲି ସନ୍ଧ୍ୟାରେ ଜିଓ ୱାର୍ଲଡ ପ୍ଲାଜାରେ ପଶିଯାଇଥିଲା। ତାସହିତ ତାର ଗାର୍ଡ ମଧ୍ୟ ଥିଲା। ତାର ଗତିବିଧିକୁ ନେଇ ସୁରକ୍ଷା କର୍ମୀମାନେ ସନ୍ଦେହ କରିବାରୁ ଯୁବକ



ନକଲି ପିଏମ୍‌ଓ ପରିଚୟପତ୍ର, ପିସ୍ତଲ ଜବତ

ଜଣକ ପିଏମଓ ଅଧିକାରୀ ଭାବେ ନିଜର ପରିଚୟ ଦେବାସହିତ ପରିଚୟପତ୍ର ଦେଖାଇଥିଲା। କିନ୍ତୁ ଏହା ନକଲି ଜଣାପଡ଼ିବା ପରେ ତାକୁ ଏବଂ ତାର ବଡିଗାର୍ଡକୁ ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ସେ କେମିତି ଏବଂ କେଉଁ ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ସ୍ଥଳକୁ ଆସିଥିଲା, ତାହାର ଯାଞ୍ଚ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆଜି ଥିବା ବେଳେ ଗତକାଲି ସନ୍ଧ୍ୟାରେ ତାକୁ ଗିରଫ କରାଯାଇଛି। ଏହି ଘଟଣାରେ ଆଉ ଜଣେ ବ୍ୟକ୍ତି ସଂପୃକ୍ତ ଥିବା ପଚରାଉଚରା ବେଳେ ଜଣାପଡ଼ିଛି।

# ଆବୁଧାବିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

### ୩ ଦିନ ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ | ନିବେଶକଙ୍କ ସହ ଆଲୋଚନା ଆଜି

■ ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଏବଂ ବିଶ୍ୱସ୍ତରରେ ରାଜ୍ୟର ନିବେଶ ସମ୍ଭାବନାକୁ ପ୍ରଦର୍ଶନ କରିବା ଲକ୍ଷ୍ୟରେ ୟୁଏଇ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଆବୁଧାବିରେ ପହଞ୍ଚିଛନ୍ତି। ସେପ୍ଟେମ୍ବର ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ତାଙ୍କର ପ୍ରମୁଖ କାର୍ଯ୍ୟକ୍ରମ ରହିଥିବାବେଳେ ୧୨ ତାରିଖରେ ସେ ଭାରତ ଫେରିବେ। ଆବୁଧାବିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି ଏବଂ ଏହି ଯାତ୍ରାରେ ୟୁଏଇ ସହିତ ଆମର ସମ୍ପର୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ । ଆମେ କେବଳ ନିବେଶ ଆମନ୍ତ୍ରଣ କରିବା ପାଇଁ



'ଓଡ଼ିଶା ଶିଳ୍ପ ବିକାଶର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି'

ନୁହେଁ, ବରଂ ବିଶ୍ୱାସ, ପ୍ରଯୁକ୍ତିବିଦ୍ୟା, ମୂଲ୍ୟ ସୃଷ୍ଟି ଏବଂ ନିଯୁକ୍ତି ଉପରେ ଆଧାରିତ ଦୀର୍ଘସ୍ଥାୟୀ ଭାଗୀଦାରୀ ଗଢ଼ିବା ପାଇଁ ଏଠାକୁ ଆସିଛୁ। ୟୁଏଇ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଅର୍ଥନୈତିକ ଭାଗୀଦାର ଅଟେ ଏବଂ ଆମେ ଠୋସ୍ ନିବେଶ ▶ପୃଷ୍ଠା-୭

### ଖଡ଼ଗେଙ୍କ ସଭା ପରେ 'ଶୁଦ୍ଧିକରଣ' ବିବାଦ

# ୨୦ ସାଂସଦଙ୍କ ଏତଲା ରଖିଲାନି ପୁଲିସ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଗତମାସ ଉତ୍ତରାଖଣ୍ଡର ହଲଦୱାନୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ସଭା ପରେ ସେଠାରେ କେତେକ ଦକ୍ଷିଣପନ୍ଥୀ ସଂଗଠନ କରିଥିବା ଶୁଦ୍ଧିକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଦୃଢ଼ ଦାବି ସତ୍ତ୍ୱେ ଆୟୋଜକଙ୍କ ବିରୋଧରେ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସର ୨୦ ଜଣ ତଫସିଲଭୁକ୍ତ ଜାତି/ଉପଜାତି ସାଂସଦ ଆଜି ପାର୍ଲାମେଣ୍ଟ ଷ୍ଟ୍ରିଟ୍ ଥାନାରେ ପହଞ୍ଚି ଏଫଆଇଆର ଦାଖଲ କରିଛନ୍ତି। କିନ୍ତୁ ଥାନାଧିକାରୀ ଏଫଆଇଆର ଗ୍ରହଣ କରିବାକୁ ମନା କରିଦେବାରୁ ସେଠାରେ ଭୀଷଣ ଉତ୍ତେଜନା



ରାଷ୍ଟ୍ରପତିଙ୍କୁ ଭେଟି ସ୍ମାରକପତ୍ର ଦେବେ ୩୨ ସାଂସଦ

ପ୍ରକାଶ ପାଇଥିଲା। ଜିରୋ ଏଫ୍ଆଇଆର୍ ପାଇଁ ଥାନା ଅଧିକାରୀ ମନା କରିବାରୁ ଏହାର କାରଣ ଜାଣିବାକୁ ଚାହିଁଥିଲେ ସାଂସଦ। କିନ୍ତୁ ଥାନା ପକ୍ଷରୁ ଏହାର କୌଣସି କାରଣ ଦର୍ଶା ନଯିବାରୁ କଂଗ୍ରେସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

କଂଗ୍ରେସ ସାଂସଦ ମାଲ୍ଲୁ ରବି କହିଛନ୍ତି ଯେ ଖଡ଼ଗେ ତଫସିଲଭୁକ୍ତ ଜାତି ସଂପ୍ରଦାୟରୁ ଆସିଥିବାରୁ ତାଙ୍କୁ ଅପମାନିତ କରିବା ଲାଗି ଏଭଳି ଶୁଦ୍ଧିକରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହା ସମଗ୍ର ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ପାଇଁ ଅପମାନ। କେବଳ ଏତିକି ନୁହେଁ, ଆୟୋଜକ ଏଭଳି କାଣ୍ଡ କରି ସମ୍ବିଧାନର ହତ୍ୟା କରିଛନ୍ତି। ଖଡ଼ଗେଙ୍କ ସଭା ଅଗଷ୍ଟ ୮ ତାରିଖରେ ହୋଇଥିବା ବେଳେ ସେଠାରେ ୧୦ ତାରିଖରେ ଶୁଦ୍ଧିକରଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ରୀରାମ ଧର୍ମାର୍ଥ ସେବାନ୍ୟାସର ସଭାପତି ଗିରିଶ ପାଣ୍ଡେ ଏହି କାର୍ଯ୍ୟକ୍ରମର ମୁଖ୍ୟ କାର୍ପରଦାର ଥିଲେ ଏବଂ ଏଥିରେ ଆଉ ୧୫ ▶ପୃଷ୍ଠା-୭

# ୧୧ରୁ ୫ ଦିନ ବ୍ୟାଙ୍କ ବନ୍ଦ

■ ନୂଆଦିଲ୍ଲୀ, ୮।୯ (ଏଜେନ୍ସି): ଚଳିତମାସ ୧୧ ୪ରିଖରୁ ବ୍ୟାଙ୍କ କର୍ମଚାରୀ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ବ୍ୟାଙ୍କ ଧର୍ମଘଟକୁ ଲାଗି ଶନିବାର, ରବିବାର, ଗଣେଷ ପୂଜା ଏବଂ ନୂଆଖାଇ ପଡୁଥିବା ଯୋଗୁ ଶୁକ୍ରବାରଠାରୁ

**ଶୁକ୍ରବାର ଦେଶବ୍ୟାପୀ କର୍ମଚାରୀଙ୍କ ଧର୍ମଘଟ**

ମଙ୍ଗଳବାର ଯାଏ କ୍ରମାଗତ ଭାବେ ୫ ଦିନ ଧରି ସାରା ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍‌ବିୟୁ) ବ୍ୟାଙ୍କ କର୍ମଚାରୀଙ୍କ କେତେକ ଦାବିକୁ ନେଇ ଧର୍ମଘଟ ଡାକରା ଦେଇଥିବାରୁ ଏହିସମୟାରେ ବ୍ୟାଙ୍କ ସେବା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପରେ। ୧୧ ତାରିଖରେ ଧର୍ମଘଟ ପରେ ୧୨ ତାରିଖ ମାସର ଦ୍ୱିତୀୟ ଶନିବାର ଏବଂ ୧୩ ତାରିଖ ରବିବାର ପାଇଁ ବ୍ୟାଙ୍କ ସାଧାରଣ ଭାବେ ବନ୍ଦ ରହିବ।। ସୋମବାର ଅର୍ଥାତ୍ ସେପ୍ଟେମ୍ବର ୧୪ ଗଣେଶ ପୂଜା ପାଇଁ ବ୍ୟାଙ୍କ ଛୁଟି ଏବଂ ଶେଷରେ ସେପ୍ଟେମ୍ବର ୧୫ (ମଙ୍ଗଳବାର) ନୂଆଖାଇ ପାଇଁ ଛୁଟି ରଖାଯାଇଛି। ତେଣୁ ଏସବୁକୁ ମିଶାଇଲେ ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ କମାଗତ ଭାବେ ରାଜ୍ୟରେ ୫ ଦିନ ବ୍ୟାଙ୍କ ବନ୍ଦ ରହିବ। ଲଗାତାର ଭାବେ ବ୍ୟାଙ୍କ ବନ୍ଦ ରହୁଥିବାରୁ ଗ୍ରାହକମାନେ ଏହି ଦିନଗୁଡିକରେ ବ୍ୟାଙ୍କ ସେବା ପାଇବାରେ ବହୁ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ହକି ଇଣ୍ଡିଆର ୟୁ-ଟର୍ଣ୍ଣ

# ଭାଙ୍ଗିଲା ଗେରୁଆ ମୋହ



### ରଙ୍ଗ ବଦଳାକୁ ନେଇ କରାଯାଇଥିଲା ତୀବ୍ର ବିରୋଧ

### କ୍ଷୋଭ ପ୍ରକଟ କରିଥିଲେ ବିରୋଧୀଦଳ ନେତା ନବୀନ

■ ଭୁବନେଶ୍ୱର, ୮।୯ (ସମିସ): ହକି ଇଣ୍ଡିଆର ଭାଙ୍ଗିଛି ଗେରୁଆ ଜର୍ସି ମୋହ। ଗତ ମାସରେ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ଲାଗି ହକି ଇଣ୍ଡିଆ ଏହାର ଖେଳାଳିଙ୍କ ଜର୍ସି ରଙ୍ଗ ପାରମ୍ପରିକ ନୀଳରୁ ଗେରୁଆକୁ ପରିବର୍ତ୍ତନ କରିଥିଲା। ଯାହାକୁ ନେଇ ଭାରତୀୟ ହକିର ସର୍ବୋଚ୍ଚ ସଂସ୍ଥା 'ହକି ଇଣ୍ଡିଆ'କୁ ଚାରିଆଡୁ ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏପରିକି ଏହି ଜର୍ସିରେ ବିଶ୍ୱକପରେ ଭାରତୀୟ ପୁରୁଷ ଦଳ ନୈରାଶ୍ୟଜନକ ପ୍ରଦର୍ଶନ ସହ ୮ମ ସ୍ଥାନକୁ ଖସିବା ପରେ ସାମାଜିକ ଗଣମାଧ୍ୟମରେ ହକି ଇଣ୍ଡିଆ ଟ୍ରୋଲର ଶିକାର ହୋଇଥିଲା। ବିଭିନ୍ନ ମହଲରୁ ଚାପ ଓ ସମାଲୋଚନା ପରେ ହକି ଇଣ୍ଡିଆ ଗେରୁଆ ମୋହ ଛାଡ଼ି ପୁଣି ନୀଳ ଜର୍ସିକୁ ଆପଣେଇଛି। ଚଳିତ ମାସ ୧୯ ତାରିଖରୁ ଜାପାନରେ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାରେ ଭାରତୀୟ ହକି ଖେଳାଳିମାନେ ଗେରୁଆ ପରିବର୍ତ୍ତେ ପୂର୍ବ ପ୍ରଚଳିତ ନୀଳ ଜର୍ସି ପିନ୍ଧିବେ ବୋଲି ସୂଚନା ମିଳିଛି।

ଏସୀୟ କ୍ରୀଡ଼ା ଲାଗି ଭାରତୀୟ ଅଲିମ୍ପିକ୍ ଆସୋସିଏସନ୍ ପକ୍ଷରୁ ହକି ▶ପୃଷ୍ଠା-୭

# ଭୋଗରାଇରୁ ୫ ଓରାଙ୍ଗଉଟାନ ଉଦ୍ଧାର



■ ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୮।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ରଣକୋଠା ବନ ବିଭାଗ ଅଧୀନ ସଂରକ୍ଷିତ ଜଙ୍ଗଲ ନିକଟ କାନ୍ଥଭଉଁରୀ ପଞ୍ଚାୟତର ବଡ଼ପାହି ଅଞ୍ଚଳରୁ ଏକାଥରେ ୫ଟି ଓରାଙ୍ଗଉଟାନ ଉଦ୍ଧାର ହୋଇଛନ୍ତି। ଏହି ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଚର୍ଚ୍ଚା ଓ ଆଶ୍ଚର୍ଯ୍ୟ ପ୍ରକାଶ ପାଇଛି। ବିଚିତ୍ରପୁର ପ୍ରକୃତି ନିବାସରୁ ଭୂଷଣ୍ଡେଶ୍ୱର ଯାଇଥିବା ରାସ୍ତାର ବଡ଼ପାହି ନିକଟରେ ଏହି ବିରଳ ଜଙ୍ଗଲୀ ଜୀବଗୁଡ଼ିକୁ ଉଦ୍ଧାର କରାଯାଇଛି। ରାସ୍ତାଠାରୁ ପ୍ରାୟ ୨୦୦ ମିଟର ଭିତରକୁ ଥିବା ଝାଉଁ ଜଙ୍ଗଲରେ ଗଛମୂଳେ ୫ଟି ଓରାଙ୍ଗଉଟାନ ବସିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ସେମାନେ ତୁରନ୍ତ ବନ ବିଭାଗକୁ ଖବର ଦେଇଥିଲେ। ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବନରକ୍ଷୀ ନିରାକାର ପଣ୍ଡା, ଫୁଲମଣୀ ମୁର୍ମୁଙ୍କ ସମେତ ସବୁଜବାହିନୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଙ୍ଗଲ ଭିତରେ ଏକାଠି ଥିବା ୫ଟି ଓରାଙ୍ଗଉଟାନକୁ ଦେଖି ବନ ବିଭାଗର କର୍ମଚାରୀମାନେ ମଧ୍ୟ ଚକିତ ହୋଇଯାଇଥିଲେ। ▶ପୃଷ୍ଠା-୭

### ନନ୍ଦନକାନନରେ ସଙ୍ଗରୋଧ ବ୍ୟବସ୍ଥା

■ ଭୁବନେଶ୍ୱର, ୮।୯ (ସମିସ): ବାଲେଶ୍ୱରରୁ ଉଦ୍ଧାର ଓରାଙ୍ଗଉଟାନକୁ ରେସ୍କ୍ୟୁ ଭ୍ୟାନରେ ନନ୍ଦନକାନନ ଅଣାଯାଇଛି। ୩ ଜଣ ବନ କର୍ମଚାରୀ ଓ ପଶୁଡ଼ାକ୍ତରଙ୍କୁ ନେଇ ଗଠିତ ଏକ ଟିମ୍ ଏହି ବିରଳ ପଶୁମାନଙ୍କୁ ଆଣିବା ପରେ ସେମାନଙ୍କୁ ସଂଗରୋଧରେ ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ସେମାନଙ୍କ ଓଜନ ମାପ ଓ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଷ୍ପତ୍ତି ହୋଇଥିବା ନନ୍ଦନକାନନର ଉପନିର୍ଦ୍ଦେଶକ ପ୍ରଦୀପ ମୀରାସେ କହିଛନ୍ତି। ପାଞ୍ଚଟି ଓରାଙ୍ଗ ଓଟାନ ମିଳିବା ଘଟଣାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ ପାଟ୍ରୋଲିଂ ବେଳେ ▶ପୃଷ୍ଠା-୭

### ଓଲଟ ପାଲଟ



ମୋଦୀ କହିଥିଲେ ଜିଡିପି ବଢିବ
ହୋଇଗଲା ତାହା ସତ !
ଜି'ରୁ ଗ୍ୟାସ ଡି'ରୁ ଡିଜେଲ
ପି'ରୁ ପେଟ୍ରୋଲ,
ଦରବୃଦ୍ଧି ପ୍ରମାଣିତ ।
ମାରୁଛି ପଛୁଆ ନାତ !
ତେଲ ଚିନି ଅଟା ସବୁତ ମହଙ୍ଗା।
ପେଟକୁ ନରୁଚେ ଭାତ !!
-ଯାଯାବର

### ଡିଜି ନିଯୁକ୍ତି ମାମଲା

# ଅଡୁଆ ବଢ଼ାଇଲା ଆମିକସ୍ କ୍ୟୁରୀଙ୍କ ରିପୋର୍ଟ

### ମୂଳ ତାଲିକା ଆଧାରରେ ଚୟନ ପାଇଁ ସୁପାରିସ; ରାଜ୍ୟ କ୍ଷମତା ଅଳିନ୍ଦରେ ନୂଆ ଯୁଦ୍ଧର ଆଭାସ

■ ଭୁବନେଶ୍ୱର, ୮।୯ (ସମିସ): ଓଡ଼ିଶା ପୁଲିସ ଡିଜି ଚୟନକୁ ନେଇ ସୁପ୍ରିମକୋର୍ଟରେ ଚାଲିଥିବା ମାମଲା ଏବେ ରାଜ୍ୟ ସରକାରଙ୍କ ପାଇଁ ଅଧିକ ଅଡୁଆ ସୃଷ୍ଟି କରିଛି। ମାମଲାରେ ନିରପେକ୍ଷ ମତ ରଖିବା ପାଇଁ ନିଯୁକ୍ତ ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍‌ଙ୍କ ରିପୋର୍ଟରେ ଡିଜି ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ ଭୂମିକାକୁ ନେଇ ଏକାଧିକ ଗମ୍ଭୀର ପ୍ରଶ୍ନ ଉଠାଯାଇଛି। ବିଶେଷକରି ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡିଜି ନିଯୁକ୍ତି ଦେବା ପାଇଁ ସରକାର ସବୁ ନିୟମକୁ ଉଲ୍ଲଂଘନ କରିଥିବା ଆମିକସ୍ କ୍ୟୁରୀ କହିଥିବା ସୂଚନା ମିଳିଛି ।

ଆମିକସ୍ କ୍ୟୁରୀଙ୍କ ରିପୋର୍ଟ ଅନୁଯାୟୀ ରାଜ୍ୟ ସରକାର ମେ' ୧୪ ତାରିଖରେ ୟୁପିଏସ୍‌ସି ନିକଟକୁ ୧୧ ଜଣ ଆଇପିଏସ୍ ଅଧିକାରୀଙ୍କ ଯୋଗ୍ୟତା ତାଲିକା ପଠାଇଥିଲେ। ଏଥିରେ ଲେଭଲ୍-୧୬ ପାହ୍ୟାର ୩ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ ନାଥ ଓ ଆର୍‌ପି କୋଚେଙ୍କ ସମେତ ଲେଭଲ ୧୫ ପାହ୍ୟାର ଆଉ ୮ ଜଣ ଅତିରିକ୍ତ ଡିଜି ସାମିଲ ଥିଲେ। ଏହି ତାଲିକାରେ ୧୯୯୫ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କ ନାଁ ନ ଥିଲା। ମାତ୍ର ତାଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେବା



ସମୟରେ ରାଜ୍ୟ ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ତାହା ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି ଓ ଏଥିରେ ନିୟମର ଉଲ୍ଲଂଘନ କରାଯାଇଥିବା ବୋଲି ଆମିକସ୍ କ୍ୟୁରୀ କହିଛନ୍ତି। ଅନ୍ୟପକ୍ଷରେ ୟୁପିଏସ୍‌ସି ଅଗଷ୍ଟ ୭ରେ ଏମ୍ପାନେଲମେଣ୍ଟ କମିଟିର ବୈଠକ ପାଇଁ ପ୍ରସ୍ତୁତି କରିଥିଲା। ତେବେ ବୈଠକର ଠିକ୍ ପୂର୍ବରୁ ଅଗଷ୍ଟ ୭ ତାରିଖରେ ରାଜ୍ୟ ସରକାର ବୈଠକ ବାତିଲ କରିବାକୁ ଅନୁରୋଧ କରିଥିଲେ। ଏଥିପାଇଁ 'କିଛି ନୂଆ ଘଟଣାକ୍ରମ'କୁ କାରଣ ଭାବେ ଦର୍ଶାଯାଇଥିଲେ ମଧ୍ୟ ଏହାର ସ୍ପଷ୍ଟ ବିବରଣୀ ଦିଆଯାଇ ନଥିଲା। ଏହାର ପରଦିନ ଅର୍ଥାତ୍ ଅଗଷ୍ଟ ୮ରେ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖି ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ୩୨ ବର୍ଷ ପୂରଣ ହୋଇଥିବା ଉଲ୍ଲେଖ କରିଥିଲେ। କିନ୍ତୁ ରାଜ୍ୟ ସରକାର ମେ' ୧୪ରେ ୟୁପିଏସ୍‌ସିକୁ ପଠାଇଥିବା ଅଧିକାରୀଙ୍କ ତାଲିକାରେ ଶ୍ରୀ ପଣ୍ଡା ୧୯୯୫ ସେପ୍ଟେମ୍ବର ୩ରେ ଚାକିରିରେ ଯୋଗ ଦେଇଥିବା ଉଲ୍ଲେଖ ରହିଥିଲା। ଏହି ଦୁଇ ତଥ୍ୟ ମଧ୍ୟରେ ଅସଙ୍ଗତି ଥିବା ଆମିକସ୍ କ୍ୟୁରୀ ଦର୍ଶାଇଛନ୍ତି।

ଏହାବ୍ୟତୀତ ଅଗଷ୍ଟ ୯ରେ ଦୁଇଟି ଅସ୍ଥାୟୀ ଡିଜି ପଦକୁ ▶ପୃଷ୍ଠା-୭

# ସୁରକ୍ଷା ବ୍ୟବସ୍ଥା ଉପରେ ବର୍ଷିଲେ ରାହୁଲ ଗାନ୍ଧୀ

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀରେ ମଣିପୁରର ଜଣେ ପ୍ରସିଦ୍ଧ ସଙ୍ଗୀତଜ୍ଞଙ୍କୁ ସଂଘବଦ୍ଧ ଭାବେ ପିଟିପିଟି ହତ୍ୟା କରାଯାଇଛି। ମୃତକ ସଙ୍ଗୀତଜ୍ଞ ଚୋଙ୍ଗଥାମ ବିକ୍ରମ ସିଂହଙ୍କ ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରିଛନ୍ତି। ରାହୁଲ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନେତୃତ୍ୱାଧୀନ ଗୃହ ମନ୍ତ୍ରଣାଳୟ ଉପରେ ବର୍ଷିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ନିଜ ଦେଶର ରାଜଧାନୀରେ ଏବଂ ନିଜ ଘର ସାମ୍ନାରେ ଜଣେ ପିତାଙ୍କୁ ହତ୍ୟା କରାଯିବା ଅତ୍ୟନ୍ତ ଚିନ୍ତାଜନକ ବିଷୟ ବୋଲି କହିଛନ୍ତି। ଏହି ଘଟଣା ପରେ ଉତ୍ତର-ପୂର୍ବ ଭାରତର ପ୍ରତ୍ୟେକ ପରିବାର ମନରେ ସେମାନେ ଦେଶରେ କେତେ ସୁରକ୍ଷିତ ବୋଲି ପ୍ରଶ୍ନ ଉଠୁଥିବା ସେ କହିଛନ୍ତି।

## ନେପାଳ ବନ୍ୟାରେ ୧୩୫୭ ମୃତ, ୫ ହଜାର ନିଖୋଜ



କାଠମାଣ୍ଡୁ, ୮।୯(ଏଜେନ୍ସି): ନେପାଳ-ତିବ୍ବତ ସୀମାରେ ବରଫ ପାହାଡ଼ ସ୍ଖଳନ ଯୋଗୁଁ ଭୋଟେକୋଶୀ ନଦୀରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ବନ୍ୟା ନେପାଳରେ ବ୍ୟାପକ ଧନଜୀବନ ହାନି କରିଛି। ମଙ୍ଗଳବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧,୩୫୭ରେ ପହଞ୍ଚିଥିବା ବେଳେ ପ୍ରାୟ ୫,୩୨୬ ଜଣ ଏବେ ବି ନିଖୋଜ ଅଛନ୍ତି। ସୂଚନା ଅନୁସାରେ, ଏପର୍ଯ୍ୟନ୍ତ ପ୍ରାୟ ୧୩,୫୮୩ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏହି ବନ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ନେପାଳରେ ଅନେକ ଘରଦ୍ୱାର, ରାସ୍ତାଘାଟ, ଗାଡ଼ି ଓ ପୋଲ ଭାସିଯିବା ସହ ଜଳବିଦ୍ୟୁତ ପ୍ରକଳ୍ପଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପର ଭୂତଳ ସୁଡ଼ଙ୍ଗରେ ପ୍ରାୟ ୧୨୧ ଜଣ ଶ୍ରମିକ ଫସି ରହିଥିବା ଆଶଙ୍କା କରାଯାଉଛି। ସୀମା ଆରପାରି ଚୀନ ପାର୍ଶ୍ୱରେ ମଧ୍ୟ ଏହି ବିପର୍ଯ୍ୟୟରେ ଅତିକମରେ ୪୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତିବ୍ବତରେ ୫୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ରାସ୍ତା ଓ ପୋଲ ଗୁଡ଼ିକ ଭାଙ୍ଗିଯାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଏଣୁ ନେପାଳ ସରକାର ଜରୁରୀକାଳୀନ ଭିତ୍ତିରେ ଭାରତ ଓ ଚୀନ ପାଖରୁ ଅସ୍ଥାୟୀ ପୋଲ ପାଇଁ ସହାୟତା ଲୋଡ଼ିଛନ୍ତି। ଚୀନ ପ୍ରଶାସନ ମୁସ୍ତାଙ୍ଗର କୋରାଲା ସୀମା ଦେଇ ଦୁଇଟି ୧୦୦ ମିଟର ଲମ୍ବର ବ୍ରିଜ୍ ପଠାଇଥିବା ବେଳେ ଭାରତ ମଧ୍ୟ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି। ରାସ୍ତାଘାଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ପ୍ରଭାବିତ ଅଞ୍ଚଳକୁ ସାମଗ୍ରୀ ପରିବହନ କରିବା ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏକ ବଡ଼ ଆହ୍ୱାନ ପାଲଟିଛି। ବର୍ତ୍ତମାନ ହଜାର ହଜାର ପ୍ରଭାବିତ ଲୋକ ସରକାରୀ ଶିବିର, ସ୍କୁଲ, ମନ୍ଦିର ଏବଂ ଅସ୍ଥାୟୀ ଟେଣ୍ଟରେ ଆଶ୍ରୟ ନେଇଛନ୍ତି।

## ମୋବାଇଲ ରିଲ୍ସ ନିଶା: ଇଣ୍ଟରନେଟ୍ ବିଭ୍ରାଟରୁ ମହିଳାଙ୍କ ଆତ୍ମହତ୍ୟା

କୋରବା, ୮।୯(ଏଜେନ୍ସି): ରିଲ୍ସ ଦେଖିବା ବେଳେ ଇଣ୍ଟରନେଟ୍ କାମ ନକରିବାରୁ କ୍ଷୁବ୍ଧ ହୋଇ ଜଣେ ୫୨ ବର୍ଷୀୟା ମହିଳା କୀଟନାଶକ ଖାଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ଛତିଶଗଡ଼ର କୋରବା ଜିଲ୍ଲାରେ ଏହି ଘଟଣା ଘଟିଛି। ପୁଲିସର ଅନୁଯାୟୀ, ମୃତ ମହିଳା ଜଣକ ହେଉଛନ୍ତି କର୍ତ୍ତଲା ଥାନା ଅନ୍ତର୍ଗତ କେରାକାଛାର ଗ୍ରାମର ମଙ୍ଗଲୋ ବାଇ ସାରଥୀ। ପରିବାର ସଦସ୍ୟଙ୍କ ଅନୁଯାୟୀ, ମଙ୍ଗଲୋ ବାଇ ମୋବାଇଲ୍‌ଙ୍କ ଫୋନରେ ରିଲ୍ସ ଦେଖିବା ନିଶା ହୋଇଥିଲା। ଫୋନରେ ରିଲ୍ସ ଦେଖୁଥିବା ସମୟରେ ବାରମ୍ବାର ଇଣ୍ଟରନେଟ୍ ନେଟୱର୍କ କଟିଯାଉଥିଲା। ଯାହା ଫଳରେ ଭିଡିଓଗୁଡ଼ିକ ବନ୍ଦ ହୋଇଯାଉଥିଲା। ଏଥିରେ ଅତ୍ୟନ୍ତ ବିରକ୍ତ ହୋଇ ସେ ନିଜ ମୋବାଇଲ୍ ଫୋନକୁ ତଳେ ଫିଙ୍ଗି ଦେଇଥିଲେ। ଫଳରେ ଫୋନଟି ଭାଙ୍ଗି ଯାଇଥିଲା। ଫୋନ୍ ଭାଙ୍ଗିବା ପରେ ମଙ୍ଗଲୋ ମାନସିକ ଭାରସାମ୍ୟ ହରାଇ ଘରେ ରଖାଯାଇଥିବା କୀଟନାଶକ ଖାଇଦେଇଥିଲେ। ତାଙ୍କର ଅବସ୍ଥା ବିଗିଡ଼ିବା ଦେଖି ପରିବାର ସଦସ୍ୟ ତାଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରବା ସ୍ଥିତ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ଏବଂ ଏହି ଘଟଣାର ପରବର୍ତ୍ତୀ ତଦନ୍ତ ଜାରି ରଖିଛି।

## ରାଜପାଲଙ୍କୁ ୫ କୋଟି ଟଙ୍କା ପୈଠ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଚେକ୍ ବାଉନ୍ସ ମାମଲାରେ ଜେଲ୍ ଦଣ୍ଡାଦେଶର ପାଇଥିବା ଅଭିନେତା ରାଜପାଲ ଯାଦବଙ୍କୁ ସର୍ବୋଚ୍ଚ ନ୍ୟାୟାଳୟରୁ ସର୍ତ୍ତମୂଳକ ସାମୟିକ ଆଶ୍ୱାସନା ମିଳିଛି। କୋର୍ଟରେ ଆତ୍ମସମର୍ପଣ କରିବାରୁ ରକ୍ଷା ପାଇବା ପାଇଁ ବୁଧବାର ସୁଦ୍ଧା ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରିରେ ୫ କୋଟି ଟଙ୍କା ଜମା କରିବାକୁ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ବେଞ୍ଚ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟଙ୍କ ଜୁଲାଇ ୧୦ର ରାୟକୁ ଚ୍ୟାଲେଞ୍ଜ କରି ରାଜପାଲ ଆବେଦନ କରିଥିଲେ। ମାତ୍ର ସେଥିରେ ତାଙ୍କର ଦଣ୍ଡାଦେଶକୁ କାଏମ ରଖାଯାଇଥିଲା। ଏହି ଆବେଦନ ଉପରେ ସୁପ୍ରିମକୋର୍ଟ ସର୍ତ୍ତମୂଳକ ନୋଟିସ୍ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୧୫ ତାରିଖରେ ହେବ। ହାଇକୋର୍ଟ ପୂର୍ବରୁ ତାଙ୍କୁ ସେପ୍ଟେମ୍ବର ୧୦ ସୁଦ୍ଧା ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ରାଜପାଲଙ୍କୁ ୩ ମାସର ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି।

# ପାଟିତୁଣ୍ଡକୁ ବିରୋଧ କରିବାରୁ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା



ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଘର ବାହାରେ ଭୀଷଣ ପାଟିତୁଣ୍ଡ ଓ ଶବ୍ଦକୁ ବିରୋଧ କରିବାରୁ ଦିଲ୍ଲୀରେ ଜଣେ ୫୪ ବର୍ଷୀୟ ପ୍ରତିଷ୍ଠିତ ମଣିପୁରୀ ସଙ୍ଗୀତଜ୍ଞଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ଜଣେ ନାବାଳକ ସମେତ ୮ ଜଣଙ୍କୁ କାବୁ କରିଛି। ମୃତ ସଙ୍ଗୀତଜ୍ଞଙ୍କ ନାମ ସି. ବିକ୍ରମ ସିଂହ (୫୪) ଏବଂ ସେ ମଣିପୁରର ମେତେଇ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ସେ ଦୀର୍ଘ ବର୍ଷ ଧରି ଦିଲ୍ଲୀର କିଲୋକାରୀ ଗ୍ରାମରେ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସୋମବାର ତାଙ୍କ ଆପାର୍ଟମେଣ୍ଟ ବାହାରେ କିଛି ଡେଲିଭରି କର୍ମଚାରୀ ଏବଂ ଢାବା କର୍ମଚାରୀ ମଦ୍ୟପାନ କରି ଜୋରରେ ପାଟିତୁଣ୍ଡ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ। ବିକ୍ରମ ତଳକୁ ଆସି ଏହାର ପ୍ରତିବାଦ କରିବା ସହ ସେମାନଙ୍କୁ ସୋର୍ ଶବ୍ଦ କମାଇବା ପାଇଁ କହିଥିଲେ। ଏଥିରେ ଉତ୍ତକ୍ଷିପ୍ତ ହୋଇ ଉକ୍ତ ଗୋଷ୍ଠୀ ତାଙ୍କ ଉପରକୁ ମରଣାନ୍ତକ ଆକ୍ରମଣ କରିଥିଲା। ଆକ୍ରମଣରେ ବିକ୍ରମ ଗୁରୁତର ଆହତ ହୋଇଥିଲେ। ବିକ୍ରମଙ୍କ ପୁଅ ଯାଇଫାବା ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନେଇଯାଇଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଖବର ପାଇ ତୁରନ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି। ହତ୍ୟାକାଣ୍ଡରେ ସମ୍ପୃକ୍ତ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଜଣେ ନାବାଳକକୁ ଅଟକ ରଖିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଭରତ କୁମାର (୧୯), ପ୍ରମୋଦ (୨୬), ରମଜାନ ଖାନ (୨୨), ଦୀପାଂଶୁ (୨୧), ମୋହନ ବିଶ୍ୱକର୍ମା (୩୨), ବିଜୟ (୩୬) ଏବଂ ମନ୍ନୁ (୨୬)। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ଥାନୀୟ ବିଭିନ୍ନ ଢାବା ଏବଂ ଖାଦ୍ୟ ଷ୍ଟଲରେ କାର୍ଯ୍ୟ କରୁଥିବା ପୁଲିସ କହିଛି।

# ବେଙ୍ଗାଲୁରୁରେ ଆମାଜନ ଓ ଇନଷ୍ଟାମାର୍ଟରୁ ୧.୩୮ କୋଟିର ବାସି ଅପମିଶ୍ରିତ ଖାଦ୍ୟ ଜବତ

ବେଙ୍ଗାଲୁରୁ, ୮।୯(ଏଜେନ୍ସି): କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା ଓ ଔଷଧ ପ୍ରଶାସନ ପକ୍ଷରୁ ବେଙ୍ଗାଲୁରୁ ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଚଢ଼ଉ ସମୟରେ ଖ୍ୟାତନାମା ଇ-କମର୍ସ ସଂସ୍ଥା ଆମାଜନ ଓ ସ୍ୱିଗି ଇନଷ୍ଟାମାର୍ଟର ଗୋଦାମ ସମେତ ଅନ୍ୟାନ୍ୟ ସ୍ଥାନରୁ ପ୍ରାୟ ୧.୩୮ କୋଟି ଟଙ୍କାର ବାସି, ପୁରୁଣା ଓ ଭୁଲ୍ ଲେବଲ୍ ଥିବା ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଏହା ସହିତ ବିନା ଲାଇସେନ୍ସରେ ଗଚ୍ଛିତ ଥିବା ପ୍ରାୟ ୪.୦୨ ଲକ୍ଷ ଟଙ୍କାର ଔଷଧ ମଧ୍ୟ ଜବତ ହୋଇଛି। ସୂଚନା ଅନୁଯାୟୀ, ଦେବନହଲ୍ଲୀ ଓ ଆନେକାଲ୍‌ରେ ଥିବା ଆମାଜନର ଦୁଇଟି କେନ୍ଦ୍ରରୁ ମୋଟ ୫୬ ଲକ୍ଷ ଟଙ୍କାର ନିମ୍ନମାନର ଓ ଏକ୍ସପାୟରୀ ଖାଦ୍ୟ ସାମଗ୍ରୀ ଜବତ କରାଯାଇଛି। ଅନ୍ୟପଟେ, ହୋସକୋଟେ ସ୍ଥିତ ସ୍ୱିଗି ଇନଷ୍ଟାମାର୍ଟ କେନ୍ଦ୍ରରୁ ପ୍ରାୟ ୪୨ ଲକ୍ଷ ଟଙ୍କାର ଏକ୍ସପାୟରୀ ସାମଗ୍ରୀ ଜବତ ହୋଇଛି। ଏହାସହ ଅସ୍ୱାସ୍ଥ୍ୟକର ପରିବେଶ ପାଇଁ ଏହି କେନ୍ଦ୍ରକୁ ବନ୍ଦ କରିଦିଆଯାଇଛି। ଏହି ଚଢ଼ଉରେ ସ୍ଥାନୀୟ ବ୍ୟବସାୟୀ ସପ୍ତ ବଜାର ଏବଂ ଲିଓ ୭ ଏଣ୍ଟରପ୍ରାଇଜେସ୍ ମଧ୍ୟ ସାମିଲ ଥିଲେ। ସେଠାରୁ ବିପୁଳ ପରିମାଣର ନଷ୍ଟ



ହୋଇସାରିଥିବା ଘିଅ, ଦୁଗ୍ଧଜାତ ଦ୍ରବ୍ୟ ଓ ନିମ୍ନମାନର ସାମଗ୍ରୀ ମିଳିଛି। ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରୁ ବେଙ୍ଗାଲୁରୁର ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ ଓ ଗୋଦାମ୍ ଗୁଡ଼ିକରେ ଯାଞ୍ଚ କଡ଼ାକଡ଼ି କରାଯାଇଛି।

# ତାମିଲନାଡୁ ବିଧାନସଭା ଅଶାନ୍ତ



■ ମୁଖ୍ୟମନ୍ତ୍ରୀ ବିଜୟଙ୍କ ମନ୍ତବ୍ୟକୁ ନେଇ ହଟ୍ଟଗୋଳ
■ ଡିଏମ୍‌କେ ବିଧାୟକଙ୍କୁ ଗୃହରୁ ବାହାର କରାଗଲା

ଚେନ୍ନଇ, ୮।୯(ଏଜେନ୍ସି): ଇଡି ସଂପର୍କରେ ତାମିଲନାଡୁ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ମନ୍ତବ୍ୟକୁ କେନ୍ଦ୍ର କରି ଶାସକ ଏବଂ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ ବିଧାନସଭା ରେକର୍ଡରୁ ବାଦ୍ ଦେବା ପାଇଁ ଦାବି କରି ବିରୋଧୀ ଡିଏମକେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ବାଚସ୍ପତିଙ୍କ ପରାମର୍ଶ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିବାରୁ ମାର୍ଶଲ ଲଗାଇ ସେମାନଙ୍କୁ ଗୃହରୁ ବାହାର କରାଯାଇଛି।

ମୁଖ୍ୟମନ୍ତ୍ରୀ ବିଜୟ ଗତକାଲି ଇଡି କାର୍ଯ୍ୟାନୁଷ୍ଠାନ ଆଧାରରେ ଦୁର୍ନୀତି ସହିତ ଡିଏମ୍‌କେର ସମ୍ପର୍କ ଉପରେ ମନ୍ତବ୍ୟ ଦେଇଥିଲେ। ଆଜି ଗୃହର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଡିଏମକେ ସଭ୍ୟ ଇଭି. ଭେଲୁ, ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ବିରୋଧ କରିଥିଲେ। ଇଡିର ଅଭିଯୋଗ ଆଧାରରେ ଦୁର୍ନୀତି ସମ୍ପର୍କିତ ମନ୍ତବ୍ୟ ଗୃହର ନିୟମାବଳୀର ଉଲ୍ଲଂଘନ କରୁଥିବାରୁ ଏହାକୁ ବିଧାନସଭା ରେକର୍ଡରୁ ହଟାଇବା ପାଇଁ ସେ ଦାବି କରିଥିଲେ। ଏହାସହ ସରକାରିଆ କମିଶନଙ୍କ ରିପୋର୍ଟରେ କୌଣସି ଅପରାଧିକ ମାମଲା ପ୍ରମାଣିତ ହୋଇ ନଥିବାରୁ ସେ କମିଶନଙ୍କ ରିପୋର୍ଟକୁ ମଧ୍ୟ ବିରୋଧ କରିଥିଲେ। ଅନ୍ୟପକ୍ଷରେ, ଆଇନ ମନ୍ତ୍ରୀ ଆର୍. ନିର୍ମଳ କୁମାର ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ସମର୍ଥନ କରିଥିଲେ। ସେ ପୂର୍ବତନ ଡିଏମକେ ସରକାରଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ପୁନର୍ବାର ଦୋହରାଇଥିଲେ। ଏହାକୁ ଡିଏମକେ ସଦସ୍ୟମାନେ ତୀବ୍ର ବିରୋଧ କରିଥିଲେ। ଡିଏମକେ ସଦସ୍ୟଙ୍କ ଆପତ୍ତି ସତ୍ତ୍ୱେ ବାଚସ୍ପତି ଜେସିଡି ପ୍ରଭାକର ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ରେକର୍ଡରୁ ବାଦ୍ ଦେବା ପାଇଁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଡିଏମକେ ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖକୁ ଆସି ଜୋରଦାର ସ୍ଲୋଗାନବାଜି କରିବା ସହ ହଟ୍ଟଗୋଳ କରିଥିଲେ। ଫଳରେ ଗୃହର ନେତା କେଏ ସେଙ୍ଗୋଟ୍ଟାଇୟନ ବିଧାନସଭା ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।।

## ଷ୍ଟାଲିନଙ୍କ ଶାରୀରିକ ଅବସ୍ଥାକୁ ବିଜୟଙ୍କ କଟାକ୍ଷ

ଚେନ୍ନଇ, ୮।୯(ଏଜେନ୍ସି): ମୁଖ୍ୟମନ୍ତ୍ରୀ ବିଜୟ ଡିଏମକେ ମୁଖ୍ୟ ଏମ୍‌କେ. ଷ୍ଟାଲିନଙ୍କ ଶାରୀରିକ ଅବସ୍ଥାକୁ ନେଇ କଟାକ୍ଷ କରିଥିବା ଅଭିଯୋଗ ହୋଇଛି। ବିଧାନସଭାରେ ବିଜୟ ନିଜ ଡାହାଣ ହାତ ପାପୁଲିକୁ ଥୋଡ଼ି ପାଖରେ ରଖି ଅଙ୍ଗଭଙ୍ଗୀ କରିଥିଲେ। ଏହାପରେ ପୁଲିସ ମାଡ଼ରେ ଷ୍ଟାଲିନଙ୍କ ହନୁହାଡ଼ ଭାଙ୍ଗିଥିବା ଅବସ୍ଥାକୁ ସେ ଉପହାସ କରିଥିବା ଚର୍ଚ୍ଚା ହୋଇଛି। ତେବେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ତାଙ୍କର ସେହି ଅଙ୍ଗଭଙ୍ଗୀ ସମ୍ପୂର୍ଣ୍ଣ ଅଜାଣତରେ ହୋଇଥିଲା ଏବଂ ବ୍ୟକ୍ତିଗତ ଭାବେ କାହାକୁ ଆଘାତ ଦେବା ତାଙ୍କର ଉଦ୍ଦେଶ୍ୟ ନଥିଲା। ସିପିଏମ୍ ଏହାର ସମାଲୋଚନା କରିଛି।



## ଦିଲ୍ଲୀର ପୂର୍ବ ମୁଖ୍ୟସଚିବ ରାକେଶଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟ ସଚିବ ରାକେଶ ମେହେଟ୍ଟା ଆଜି ଆତ୍ମହତ୍ୟା କରିଛନ୍ତି। ୭୫ ବର୍ଷୀୟ ମେହେଟ୍ଟାଙ୍କ ମୃତଦେହ ତାଙ୍କର ନୋଏଡା ସ୍ଥିତ ବାସଭବନରୁ ଝୁଲନ୍ତା ଅବସ୍ଥାରେ ଜବତ କରାଯାଇଛି। ସ୍ୱାସ୍ଥ୍ୟଗତ କାରଣରୁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ ନୋଟରେ ଉଲ୍ଲେଖ କରିଛନ୍ତି। ଆତ୍ମହତ୍ୟା ବେଳେ ଘରେ ତାଙ୍କର ପରିବାର ନଥିଲେ।

**ଦିଲ୍ଲୀ କୋଠା ଭୁଶୁଡ଼ିବା ଘଟଣା**

# ରାସ୍ତାକୁ ଓହ୍ଲାଇଲେ ଛାତ୍ରଛାତ୍ରୀ




ନୂଆଦିଲ୍ଲୀ, ୮।୯(ଏଜେନ୍ସି): ଦିଲ୍ଲୀର ସତ୍ୟ ନିକେତନ ଅଞ୍ଚଳରେ ଏକ କୋଠା ଭୁଶୁଡ଼ିବା ଫଳରେ ୭ ଜଣ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ଦିଲ୍ଲୀ ବିଶ୍ୱବିଦ୍ୟାଳୟ (ଡିୟୁ) ଦକ୍ଷିଣ କ୍ୟାମ୍ପସର ଶତାଧିକ ଛାତ୍ରଛାତ୍ରୀ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୌରସଂସ୍ଥାର ଚରମ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ଏହାସହ ଅଞ୍ଚଳରେ ବେଆଇନ ଭାବେ ଅନେକ ପେଇଙ୍ଗ ଗେଷ୍ଟ (ପିଜି) ଚାଲୁଥିବା ସେମାନେ କହିଛନ୍ତି। ଏହି ଘଟଣାରେ ମ୍ୟୁନିସିପାଲ୍ କର୍ପୋରେସନ୍ ଅଫ୍ ଦିଲ୍ଲୀ (ଏମସିଡି)ର ୫ଜଣ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଛାତ୍ର ସଂଘ ପକ୍ଷରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା ଏବଂ ଆହତମାନଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ହୋଇଛି। ଏଥିସହ ସମସ୍ତ ସ୍ଥାନୀୟ ପିଜିଗୁଡ଼ିକର ଜରୁରୀକାଳୀନ ସୁରକ୍ଷା ଓ ନିର୍ମାଣର ଅଡିଟ୍ କରିବା ସହ ଦକ୍ଷିଣ କ୍ୟାମ୍ପସ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ସେପଟେ ଦୁର୍ଘଟଣାସ୍ଥଳ ପାର୍ଶ୍ୱବର୍ତ୍ତୀ କୋଠାଗୁଡ଼ିକରେ ଫାଟ ଦେଖାଯିବାରୁ ସେଠାରୁ ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଉଥିବା ବେଳେ ଘରମାଲିକମାନେ ସିକ୍ୟୁରିଟି ଡିପୋଜିଟ୍ ଟଙ୍କା ଫେରସ୍ତ କରୁ ନଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ପୁଲିସର ବାରଣ ସତ୍ତ୍ୱେ ଛାତ୍ରଛାତ୍ରୀ ରାସ୍ତା ଅବରୋଧ କରି ଧାରଣାରେ ବସି ରହିଛନ୍ତି।

## ମାମଲାର ଶୁଣାଣି ପାଇଁ ରାଜିହେଲେ ସୁପ୍ରିମକୋର୍ଟ

ଦେଶରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷାକୁ ନେଇ ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମଗ୍ର ଭାରତବର୍ଷରେ କୋଠାବାଡ଼ି ଗୁଡ଼ିକର ସୁରକ୍ଷା ଅଡିଟ୍ ପାଇଁ ଏକ ସର୍ବଭାରତୀୟ ବ୍ୟବସ୍ଥା ଲାଗୁ କରିବାକୁ ସୁପ୍ରିମକୋର୍ଟ ମନସ୍ଥ କରିଛନ୍ତି। ଆସନ୍ତା ୧୦ ତାରିଖରେ କୋର୍ଟ ଦିଲ୍ଲୀ କୋଠା ଭୁଶୁଡ଼ିବା ମାମଲାର ଶୁଣାଣି କରିବେ। ସୁପ୍ରିମକୋର୍ଟ ପୂର୍ବରୁ ହିଁ ସାରା ଦେଶରେ ଆବାସିକ ଅଞ୍ଚଳରେ ଚାଲିଥିବା ବେଆଇନ ନିର୍ମାଣ, ଅଗ୍ନି ସୁରକ୍ଷା ବ୍ୟବସ୍ଥା ଏବଂ ନିୟମ ଉଲ୍ଲଂଘନ କରି ଆବାସିକ ଗୃହଗୁଡ଼ିକୁ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରାଯିବା ଭଳି ଗୁରୁତର ସମସ୍ୟାର ବିଚାର କରୁଛନ୍ତି।

# ଦୁର୍ଗାପୂଜାରେ ଆମିଷ ବାରଣ ଅପିଲକୁ ବିରୋଧ କଲେ ବିଜେପି ମନ୍ତ୍ରୀ



କୋଲକାତା, ୮।୯(ଏଜେନ୍ସି): ଦୁର୍ଗାପୂଜା ସମୟରେ ଆମିଷ ଖାଦ୍ୟରୁ ଦୂରେଇ ରହିବା ପାଇଁ ବାଗେଶ୍ୱର ଧାମର ମୁଖ୍ୟ ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ (ବାଗେଶ୍ୱର ବାବା) ଅପିଲ କରିଛନ୍ତି। ତେବେ ତାଙ୍କର ଏହି ନିବେଦନକୁ ପଶ୍ଚିମବଙ୍ଗର ପ୍ରମୁଖ ରାଜନେତାମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ହାଓଡ଼ା ଗସ୍ତ ସମୟରେ ଶାସ୍ତ୍ରୀ ପୂଜା ସମୟରେ ଆମିଷ ଖାଉଥିବା ଲୋକଙ୍କୁ ପାଷଣ୍ଡ ବୋଲି ସମ୍ବୋଧନ କରିଥିଲେ। ଏହାର ଜବାବରେ ପଶ୍ଚିମବଙ୍ଗ ବିଜେପି ସଭାପତି ସମୀକ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ କୌଣସି ଧାର୍ମିକ ଗୁରୁ ବା ରାଜନୈତିକ ଦଳ ଲୋକଙ୍କ ଖାଦ୍ୟପେୟ ଉପରେ କଟକଣା ଲଗାଇ ପାରିବେ ନାହିଁ। ଖାଦ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ପସନ୍ଦର ବିଷୟ ଏବଂ ବଙ୍ଗଳାର ପାରମ୍ପରିକ ଖାଦ୍ୟ ସଂସ୍କୃତିକୁ ବଦଳାଯାଇ ପାରିବ ନାହିଁ। ସେ ଦର୍ଶାଇଛନ୍ତି ଯେ ବଙ୍ଗୀୟ ପରମ୍ପରାରେ ଅଷ୍ଟମୀ ଦିନ ଲୁଚି ଏବଂ ନବମୀ ଦିନ ଛେଳି ମାଂସ (କୋଚି ପାଠା) ଖାଇବାର ପରମ୍ପରା ରହିଛି। ଏହା ମା' କାଳୀଙ୍କୁ ଭୋଗ ଭାବେ ମଧ୍ୟ ଅର୍ପଣ କରାଯାଏ। ସ୍ୱାମୀ ବିବେକାନନ୍ଦ ମଧ୍ୟ ଏହି ଆମିଷ ଖାଦ୍ୟାଭ୍ୟାସକୁ ସମର୍ଥନ କରିଥିଲେ। ରାଜ୍ୟ ମନ୍ତ୍ରୀ ଦିଲୀପ ଘୋଷ ମଧ୍ୟ ଏହି ପ୍ରସଙ୍ଗରେ କହିଛନ୍ତି ଯେ ଦେବୀ କାଳୀ ଓ ମା' ଦୁର୍ଗାଙ୍କୁ ମାଂସ ଏବଂ ମାଛ ଅର୍ପଣ କରିବା ଏକ ବହୁ ପୁରାତନ ପରମ୍ପରା ଏବଂ ଏହାକୁ ଶ୍ରଦ୍ଧାଳୁମାନେ ପ୍ରସାଦ ରୂପେ ଗ୍ରହଣ କରନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ସଞ୍ଜୀବ ସାନ୍ୟାଲ ମଧ୍ୟ କହିଛନ୍ତି ଯେ ଶାକ୍ତ ହିନ୍ଦୁ ଧର୍ମରେ ମାଂସ ଅର୍ପଣ କରିବା ଏକ ପବିତ୍ର ରୀତିନୀତି ଅଟେ। ଏହି ପବିତ୍ର ପରମ୍ପରାରେ କୌଣସି ହସ୍ତକ୍ଷେପ ସହ୍ୟ କରାଯିବ ନାହିଁ। ବଙ୍ଗଳାର ସାଂସ୍କୃତିକ ଓ ଧାର୍ମିକ ପରମ୍ପରାରେ ଆମିଷର ଏକ ସ୍ୱତନ୍ତ୍ର ସ୍ଥାନ ରହିଥିବାରୁ ଏହି ନିରାମିଷ ଅପିଲକୁ ରାଜନୈତିକ ତଥା ସାମାଜିକ ସ୍ତରରେ ତୀବ୍ର ପ୍ରତିରୋଧ କରାଯାଇଛି।

## ଭୋଟର ତାଲିକାରେ ଅମେଳ: ପଦ୍ମଶ୍ରୀ ବିଜେତାଙ୍କୁ ନୋଟିସ୍

ମାଙ୍ଗାଲୁରୁ, ୮।୯(ଏଜେନ୍ସି): ଭୋଟର ତାଲିକାରେ ନାମଗତ ତ୍ରୁଟି ଯୋଗୁଁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ହରେକାଲ ହାଜବ୍ବାଙ୍କୁ ନିର୍ବାଚନୀ ନୋଟିସ୍ ଜାରି କରାଯାଇଛି। ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟରଙ୍କ ସଠିକ୍ ପରିଚୟ ସୁନିଶ୍ଚିତ କରିବା ପାଇଁ ଚାଲିଥିବା ସ୍ୱତନ୍ତ୍ର ନିୟମିତ ଯାଞ୍ଚ ଅଭିଯାନର ଅଧୀନରେ ଏହି ନୋଟିସ୍ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ହାଜବ୍ବାଙ୍କ ନାମ ୨୦୦୨ର ଭୋଟର ତାଲିକାରେ କେବଳ ହାଜବ୍ବା ଭାବେ ପଞ୍ଜିକୃତ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ପ୍ରସ୍ତୁତ ହୋଇଥିବା ତାଙ୍କର ଅନ୍ୟ ସମସ୍ତ ସରକାରୀ କାଗଜପତ୍ରରେ ଏହା ଅଲଗା ରହିଛି। ତାଙ୍କର ରାସନ କାର୍ଡ, ପାସପୋର୍ଟ, ପଦ୍ମଶ୍ରୀ ପୁରସ୍କାରର ସ୍ୱୀକୃତିପତ୍ର ଏବଂ ନୂତନ ଭୋଟର ଆଇଡି କାର୍ଡରେ ତାଙ୍କର ସମ୍ପୂର୍ଣ୍ଣ ନାମ ହରେକାଲ ହାଜବ୍ବା ବୋଲି ଉଲ୍ଲେଖ ରହିଛି। ତେଣୁ ନିର୍ବାଚନ କମିଶନଙ୍କ ନିୟମିତ ଯାଞ୍ଚ ପ୍ରକ୍ରିୟା ଅନୁସାରେ ସ୍ଥାନୀୟ ଅଙ୍ଗନୱାଡି କର୍ମୀମାନେ ହାଜବ୍ବାଙ୍କ ବାସଭବନକୁ ଯାଇ ଏହି ନୋଟିସ୍ ହସ୍ତାନ୍ତର କରିଛନ୍ତି।

# ମୁନିରଙ୍କୁ ନେଇ ପାକିସ୍ତାନରେ ସେନା-ରାଷ୍ଟ୍ରପତି ଛାୟାଯୁଦ୍ଧ!

ଇସଲାମାବାଦ, ୮।୯(ଏଜେନ୍ସି): ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଏବଂ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀଙ୍କ ମଧ୍ୟରେ ନୀରବ ଯୁଦ୍ଧ ବା ଛାୟା ଯୁଦ୍ଧ ଚାଲିଥିବା ଦାବି ହୋଇଛି। ସ୍ୱନିର୍ବାସିତ ବ୍ରିଟିଶ-ପାକିସ୍ତାନୀ ରାଜନେତା ତଥା ମୁତାହିଦା କ୍ୱାମୀ ମୁଭମେଣ୍ଟର ପ୍ରତିଷ୍ଠାତା ଆଲତାଫ ହୁସେନ ଏହି ଦାବି କରିଛନ୍ତି। ତାଙ୍କ ଅନୁସାରେ, ସେନାମୁଖ୍ୟ ଫିଲ୍ଡ ମାର୍ଶଲ ସୟଦ ଅସିମ ମୁନିରଙ୍କ ନେତୃତ୍ୱରେ ପାକିସ୍ତାନରେ ସାମରିକ ପ୍ରତିଷ୍ଠାନର ବଢୁଥିବା କ୍ଷମତା ଜର୍ଦ୍ଦାରୀଙ୍କୁ ଅସନ୍ତୁଷ୍ଟ କରିଛି। ଏହି କ୍ଷମତା ସଂଘର୍ଷ ପାକିସ୍ତାନକୁ ଏକ ଗୁରୁତର ରାଜନୈତିକ ସଙ୍କଟ, ବ୍ୟାପକ ଗୃହଯୁଦ୍ଧ ଏବଂ ସମ୍ଭାବ୍ୟ ବିଭାଜନ ଆଡ଼କୁ ଠେଲି ଦେଇପାରେ ବୋଲି ହୁସେନ ଚେତାବନୀ ଦେଇଛନ୍ତି। ସେ ୨୮ତମ ସମ୍ବିଧାନ ସଂଶୋଧନକୁ ଏହି ଗୁପ୍ତ ଲଢେଇର ମୁଖ୍ୟ କାରଣ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସମ୍ବିଧାନ ସଂଶୋଧନରେ ପାକିସ୍ତାନର ସିନ୍ଧ ପ୍ରଦେଶରେ ଏକ ନୂତନ ପ୍ରଦେଶ ଗଠନ ପ୍ରସ୍ତାବ ରହିଛି। ପାକିସ୍ତାନର ସେନା ଏହାକୁ ସମର୍ଥନ କରିଥିବା ବେଳେ ଜର୍ଦ୍ଦାରୀ ଏହାର ବିରୋଧ କରିଛନ୍ତି। ତେବେ ପ୍ରସ୍ତାବ ବିରୋଧରେ ସିନ୍ଧ ବିଧାନସଭାରେ ବିଲ୍ ପାରିତ ହୋଇଛି। ଏଭଳି ସମ୍ବେଦନଶୀଳ ସମୟରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଏବଂ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଦେଶ ବାହାରେ ରହିବାକୁ ନେଇ ହୁସେନ ତୀବ୍ର ସମାଲୋଚନା କରିଛନ୍ତି। ନୂତନ ପ୍ରଦେଶ ଗଠନ ନେଇ ଲଣ୍ଡନରେ ରାଷ୍ଟ୍ରପତି ଜର୍ଦ୍ଦାରୀ ଓ ଗୃହମନ୍ତ୍ରୀ ମୋହସିନ୍ ନକଭୀଙ୍କ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ହୋଇଛି। ବୈଠକରେ ଜର୍ଦ୍ଦାରୀ ସ୍ପଷ୍ଟ କରିଛନ୍ତି ଯେ, ଜାତୀୟ ସହମତି ବିନା ନୂତନ ପ୍ରଦେଶ ଗଠନ ପ୍ରସଙ୍ଗର କୌଣସି ସ୍ଥାୟୀ ସମାଧାନ ହୋଇପାରିବ ନାହିଁ। ସେପଟେ ନକଭୀ ଏବଂ ସେନା ମୁଖପାତ୍ରଙ୍କ ମଧ୍ୟରେ ଅଲଗା ଆଲୋଚନା ହୋଇଛି। ଏହା ରାଷ୍ଟ୍ରପତି ଏବଂ ସେନା ନେତୃତ୍ୱ ମଧ୍ୟରେ ମତଭେଦକୁ ଉଜାଗର କରିଛି। ଅପରପକ୍ଷରେ, ସେନା ନିଜ ନିଷ୍ପତ୍ତିକୁ ଗ୍ରହଣ କରାଇବା ପାଇଁ ରାଷ୍ଟ୍ରପତିଙ୍କ ଶିବିରର କିଛି ସଦସ୍ୟଙ୍କ ବିରୋଧରେ ଥିବା ଦୁର୍ନୀତି ତଥ୍ୟକୁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ହୁସେନ ଚେତାବନୀ ଦେଇଛନ୍ତି ଯେ ନୂତନ ପ୍ରଦେଶ ଗଠନର ବିବାଦ ଯୋଗୁଁ ସେନା ଏବଂ ସିନ୍ଧୀ ଜାତୀୟତାବାଦୀ ଗୋଷ୍ଠୀଙ୍କ ମଧ୍ୟରେ ହିଂସାତ୍ମକ ସଂଘର୍ଷ ହୋଇପାରେ। ଏହା ପରବର୍ତ୍ତୀ ସମୟରେ ଭିନ୍ନ 'ସିନ୍ଧୁଦେଶ' ଗଠନର ଦାବିକୁ ଜନ୍ମ ଦେବ। ଏହାବ୍ୟତୀତ ବାଲୁଚିସ୍ତାନରେ ଜାରି ରହିଥିବା ରକ୍ତପାତ ମଧ୍ୟ ଦେଶକୁ ଭାଙ୍ଗିବାରେ ସହାୟକ ହେବ। ପାକିସ୍ତାନରେ ଏପରି ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲେ ଆମେରିକା କିମ୍ବା ବ୍ରିଟେନ ପରି କୌଣସି ବାହ୍ୟ ଶକ୍ତି ସାହାଯ୍ୟ କରିବେ ନାହିଁ। ପରିସ୍ଥିତି ଅଧିକ ବିଗିଡ଼ିଲେ ସେନା ଦେଶରେ ମାର୍ଶାଲ ଲ' ଲାଗୁ କରିବ ଏବଂ ଏକ କାମଚଳା ସରକାର ଜରିଆରେ ସଂଶୋଧିତ ବିଲ୍ କରିପାରେ ବୋଲି ହୁସେନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏହା ଦେଶର ଅଖଣ୍ଡତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିବ ବୋଲି ସେ ଚେତାଇ ଦେଇଛନ୍ତି।



### ଏମ୍ଏମଡିଆର୍ ବିରୋଧରେ ଇଣ୍ଡିଆ ମେଣ୍ଟର ଗର୍ଜନ

# ଓଡ଼ିଶା ଲୁଣ୍ଠନର ନକ୍ସା ବିରୋଧରେ ଲଢ଼େଇ ପାଇଁ ଆହ୍ୱାନ




ଭୁବନେଶ୍ୱର,୮।୯(ସମିସ): ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ଅଧିକାର। ଏମ୍ଏମଡିଆର୍ (ସଂଶୋଧନ) ଆଇନ ବଦଳରେ ରାଜ୍ୟମାନଙ୍କର ସାମ୍ବିଧାନିକ ଓ ଆର୍ଥିକ ଅଧିକାରକୁ କେନ୍ଦ୍ର ସରକାର କ୍ଷୁର୍ଣ୍ଣ କରିଛନ୍ତି। ଖଣିଜ ସମ୍ପଦ ଉପରେ ରାଜ୍ୟର କର ଓ ରାଜସ୍ୱ ଅଧିକାରକୁ କେନ୍ଦ୍ରର ଅନୁମୋଦନ ସହିତ ଯୋଡ଼ିବା ରାଜ୍ୟର ଆର୍ଥିକ ସ୍ୱାୟତ୍ତତା ଉପରେ ଚରମ ଆଘାତ ବୋଲି ମଙ୍ଗଳବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ଆୟୋଜିତ ସମାବେଶରେ କୁହାଯାଇଛି। ୨୦୨୪ର ସୁପ୍ରିମକୋର୍ଟର ଐତିହାସିକ ରାୟରେ ରାଜ୍ୟମାନଙ୍କର ଖଣିଜ ଅଧିକାର ଓ ଖଣିଜ ସମ୍ପଦ ଥିବା ଜମି ଉପରେ କର ଧାର୍ଯ୍ୟ କରିବାର ସାମ୍ବିଧାନିକ ଅଧିକାରକୁ ସ୍ୱୀକୃତି ମିଳିଥିବା ବେଳେ ନୂଆ ସଂଶୋଧିତ ଆଇନ ଏହାକୁ ଖର୍ବ ଓ କ୍ଷୁର୍ଣ୍ଣ କରୁଛି। ଓଡ଼ିଶାର ଖଣିକୁ ଲୁଟ୍ କରିବା ପାଇଁ ଏକ ନକ୍ସା ପ୍ରସ୍ତୁତ ହୋଇଛି ବୋଲି ବିରୋଧୀ ଦଳମାନଙ୍କ ପକ୍ଷରୁ କୁହାଯାଇଛି।

ଜନସ୍ୱାର୍ଥର ସୁରକ୍ଷା ଦାବିରେ ଇଣ୍ଡିଆ ମେଣ୍ଟ, ଓଡ଼ିଶା ତରଫରୁ ଆୟୋଜିତ ରାଜ୍ୟ ସ୍ତରୀୟ ଜନ ସମ୍ମିଳନୀ କାର୍ଯ୍ୟକ୍ରମରେ କଂଗ୍ରେସ, ସିପିଆଇ, ସିପିଆଇ(ଏମ୍), ସିପିଆଇ(ଏମ୍ଏଲ)-ଲିବେରେସନ, ଫରୱାର୍ଡ ବ୍ଲକ,ଏନ୍‌ସିପି, ଏସପି ଏବଂ ଆର୍‌ଜେଡି ଆଦି ଦଳର ନେତୃବୃନ୍ଦ ଉପସ୍ଥିତ ଥିଲେ। ପୂର୍ବରୁ ଆଦାୟ ହୋଇ ନ ଥିବା କର, ସେସ୍ ଓ ବକେୟାକୁ କାର୍ଯ୍ୟକାରୀ ନକରିବା ଦ୍ୱାରା ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟ ଲକ୍ଷାଧିକ କୋଟି ଟଙ୍କାର ରାଜସ୍ୱ ହରାଇବ ବୋଲି ସେମାନେ ମତ ଦେଇଥିଲେ। ଏହି ସଂଶୋଧିତ ଆଇନ ଓଡ଼ିଶା ବିରୋଧୀ, ଜନ ବିରୋଧୀ, ସଂଘୀୟ ନୀତି ବିରୋଧୀ ଏବଂ ସମ୍ବିଧାନ ବିରୋଧୀ ଆଇନ ବୋଲି କୁହାଯାଇଛି। ରାଜ୍ୟର

## ମାସ ସାରା ବିଭିନ୍ନ ଅଞ୍ଚଳରେ ସମାବେଶ, ୨୯ରେ ବିଧାନସଭା ଘେରାଉ

ଡବଲ ଇଞ୍ଜିନ ସରକାର, ବିଜେପିର ୨୦ ଜଣ ସାଂସଦ ଓଡ଼ିଶାବାସୀଙ୍କୁ ବିଶ୍ୱାସଘାତକତା କରିଛନ୍ତି। ସମଗ୍ର ରାଜ୍ୟର ପ୍ରାକୃତିକ ସମ୍ପଦକୁ ଲୁଣ୍ଠନ କରି କର୍ପୋରେଟ ହାତରେ ଟେକିଦେବା ପାଇଁ ଚକ୍ରାନ୍ତ କରାଯାଇଛି। ଏହି ଆଇନ ଯୋଗୁଁ ଆଗାମୀ ଦିନରେ ଓଡ଼ିଶା ବିଦୀର୍ଣ୍ଣ ଏବଂ କ୍ଷତ ବିକ୍ଷତ ହେବ ବୋଲି କୁହାଯାଇଛି। ଦେଶର ସଂଘୀୟ ବ୍ୟବସ୍ଥା ମଧ୍ୟରେ ରାଜ୍ୟଗୁଡ଼ିକର କ୍ଷମତା ଓ ଅଧିକାରକୁ ସଙ୍କୁଚିତ କରିବା ଏହି ଆଇନ୍‌ର ଉଦ୍ଦେଶ୍ୟ। ଖଣିଜ ସମ୍ପଦରେ ସମୃଦ୍ଧ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଓ କୃଷକ ସମୁଦାୟଙ୍କୁ ସେମାନଙ୍କ ଘରବାଡ଼ି, ଚାଷଜମି ଓ ଜୀବିକାରୁ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ କରିବା ଏହି ଆଇନର କାମ। ତେଣୁ ଏହି ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଏହା ବିରୋଧରେ ରାଜ୍ୟବ୍ୟାପୀ ପ୍ରତିରୋଧ ଆନ୍ଦୋଳନ ଜାରି ରହିବ ବୋଲି ସର୍ବସମ୍ମତ ଘୋଷଣା କରାଯାଇଛି।

ତେବେ ଡବଲ ଇଂଜିନ ସରକାରଙ୍କ ଏହି ଷଡ଼ଯନ୍ତ୍ର ବିରୋଧରେ ଆଗକୁ ଜୋରଦାର ଲଢ଼େଇ ହେବ ବୋଲି ବିରୋଧୀ ଦଳଗୁଡ଼ିକ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେଣୁ ୧୮ ସେପ୍ଟେମ୍ବରରେ ସୁନ୍ଦରଗଡ଼ଠାରେ ଏକ ସମାବେଶ ସହ ୨୧ ସେପ୍ଟେମ୍ବରରେ ରାୟଗଡ଼ାଠାରେ ୨୪ ସେପ୍ଟେମ୍ବର କେନ୍ଦୁଝରଠାରେ ଓ ୨୬ ସେପ୍ଟେମ୍ବରରେ ଅନୁଗୋଳଠାରେ ବିଭିନ୍ନ ଜିଲ୍ଲାକୁ ନେଇ ଆଞ୍ଚଳିକ ସମାବେଶ କରାଯିବ। ଏହାବ୍ୟତୀତ ୨୯ ସେପ୍ଟେମ୍ବରରେ ସମଗ୍ର ଓଡ଼ିଶାର ଜନସାଧାରଣ ଓଡ଼ିଶା ବିଧାନସଭା ଅଭିମୁଖେ ଯାଇ ବିଧାନସଭା ଘେରାଉ କରିବେ ବୋଲି ଏଠାରେ ଘୋଷଣା ହୋଇଛି। ବିଧାନସଭା ଘେରାଉ ପରେ ସେହିଦିନ ଓଡ଼ିଶା ବନ୍ଦ ସମେତ ଆହୁରି ତୀବ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ଘୋଷଣା କରାଯିବ ବୋଲି ମିଳିତ ଭାବେ ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଅଲି କିଶୋର ପଟ୍ଟନାୟକ, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ରାମଚନ୍ଦ୍ର କାଡାମ, ବାମପନ୍ଥୀ ନେତା ରାମକୃଷ୍ଣ ପଣ୍ଡାଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇ ଏମ୍ଏମ୍‌ଡିଆର୍ ସଂଶୋଧନ ଆଇନ୍ ବିରୋଧରେ ବର୍ଷିଥିଲେ।

# ଦାରା ସିଂହକୁ ନେଇ ଦ୍ୱନ୍ଦ୍ୱରେ ଓଡ଼ିଶା ସରକାର

## ରାଜ୍ୟ ସରକାରଙ୍କ ଉପରେ ସୁପ୍ରିମକୋର୍ଟ କ୍ଷୁବ୍ଧ

ଭୁବନେଶ୍ୱର,୮।୯(ସମିସ): ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଓ ତାଙ୍କ ଦୁଇ ନାବାଳକ ପୁଅଙ୍କୁ ହତ୍ୟା ମାମଲାରେ ଆଜୀବନ ସଜା କାଟୁଥିବା ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲର ମୁକ୍ତି ନିଷ୍ପତ୍ତି ନେବାରେ ବିଳମ୍ବ ହେଉଥିବାରୁ ଓଡ଼ିଶା

- ଟାଳଟୁଳ ନୀତି ନ ଆପଣାଇବାକୁ କଡା ତାଗିଦ
- ସଚିବଙ୍କୁ ସମନ କରିବାକୁ ଅଦାଲତଙ୍କ ଚେତାବନୀ

ସରକାରଙ୍କୁ ମଙ୍ଗଳବାର କଡା ତାଗିଦ କରିଛନ୍ତି ସୁପ୍ରିମକୋର୍ଟ । ମଙ୍ଗଳବାର ଶୁଣାଣି ବେଳେ ଆଡଭୋକେଟ୍ ଅନ୍ ରେକର୍ଡଙ୍କ ଅସୁସ୍ଥତା କାରଣରୁ ସେପ୍ଟେମ୍ବର ୧୭ ତାରିଖକୁ ଶୁଣାଣି କରିବାକୁ କହିବାରୁ କୋର୍ଟ କ୍ଷୁବ୍ଧ ହୋଇଥିଲେ। ରାଜ୍ୟ ସରକାରଙ୍କ ଓକିଲଙ୍କୁ ସୁପ୍ରିମକୋର୍ଟ ତାଗିଦ୍ କରିବା ସହ ତାଙ୍କ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ରାଜ୍ୟ ସରକାରଙ୍କ ସଚିବଙ୍କୁ ସମନ କରାଯିବ ବୋଲି କୋର୍ଟ(ର୍ କହିଛନ୍ତି।

ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ବିଜୟ ବିଷ୍ଣୋଇଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏଓଆର (ଆଡଭୋକେଟ୍ ଅନ୍ ରେକର୍ଡ) ଅସୁସ୍ଥ ଥିବା ଦର୍ଶାଇ ୪ ସପ୍ତାହ ସମୟ ମଗାଯାଇଥିଲା। ଏହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଷ୍ଟିସ ବିଷ୍ଣୋଇ କହିଛନ୍ତି ଯେ "ଆପଣ ଏମିତି ଚଳାଇ ପାରିବେ ନାହିଁ"। ପ୍ରାୟ ଦୁଇ ବର୍ଷ ହେଲା ମାମଲା ଘୁଞ୍ଚୁଛି ବୋଲି ଜଷ୍ଟିସ ମିଶ୍ର କହିଥିଲେ। ଓକିଲଙ୍କ ପାଖରେ କୌଣସି ନିର୍ଦ୍ଦେଶ ନ ଥିବା ଜଣାପଡିବା ପରେ କୋର୍ଟ ଚେତାବନୀ ଦେଇ କହିଛନ୍ତି, "ଆମେ ଆଉ ଘୁଞ୍ଚାଇବୁ ନାହିଁ। ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ନିଅନ୍ତୁ ନଚେତ୍ ଆମେ ଆପଣଙ୍କ ସଚିବଙ୍କୁ ସମନ୍ କରାଇବୁ। ଶେଷରେ କୋର୍ଟ ମାମଲାକୁ ସେପ୍ଟେମ୍ବର ୧୭ କୁ ସ୍ଥଗିତ ରଖିବା ସହ ଅଗଷ୍ଟ ୧୯ ଆଦେଶ ଅନୁଯାୟୀ ନିଆଯାଇଥିବା ନିଷ୍ପତ୍ତି ଜଣାଇବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ଶୁଣାଣିରେ କୋର୍ଟ ଓଡ଼ିଶା ସେଣ୍ଟେନ୍ସ ରିଭ୍ୟୁ ବୋର୍ଡକୁ ନିଷ୍ପତ୍ତି ପାଇଁ ଶେଷ ସୁଯୋଗ ଦେଇଥିଲେ। ନିଷ୍ପତ୍ତି ନ ହେଲେ କୋର୍ଟ ନିଜେ ନିଷ୍ପତ୍ତି ନେବ ବୋଲି ମୌଖିକ ଭାବେ କହିଥିଲେ।

### ଓସେନ ୱିନର ଜାହାଜ ବୁଡ଼ି ମାମଲା

# ପ୍ରଭାବିତ କମ୍ପାନୀର କ୍ଷତିଭରଣା ଆବେଦନ

କଟକ,୮।୯(ସମିସ): ବହୁଚର୍ଚ୍ଚିତ ଜାହାଜ ଏମଭି ଓସେନ ୱିନର ବୁଡି ମାମଲା ହାଇକୋର୍ଟରେ ପହଞ୍ଚିଛି। ଏହି ଜାହାଜ ବୁଡି ଘଟଣାରେ କ୍ଷତିଗ୍ରସ୍ତ କମ୍ପାନୀ ଓସିଏଲ ଆଇରନ ଆଣ୍ଡ ଷ୍ଟିଲ ଲିମିଟେଡ ପକ୍ଷରୁ ହାଇକୋର୍ଟରେ ଇଣ୍ଟରନାସନାଲ କମର୍ସିଆଲ ଆର୍ବିଟେସନ ପାଇଁ ଆବେଦନ କରାଯାଇଛି। ଏହି ମାମଲା ଆସନ୍ତାକାଲି ଶୁଣାଣି ପାଇଁ ତାଲିକାଭୁକ୍ତ ହୋଇଥିବା ବେଳେ ଜାହାଜ ବୁଡି ପାଇଁ ଆବେଦନକାରୀ ସଂସ୍ଥା ସମ୍ମୁଖୀନ ହୋଇଥିବା ପ୍ରତିପକ୍ଷଙ୍କଠାରୁ କ୍ଷତିଭରଣା ପାଇଁ ପ୍ରାର୍ଥନା କରିଛି। ପ୍ରକାଶଥାଉକି, ଗତ ଅଗଷ୍ଟ ୨୨ ତାରିଖ ପାରାଦ୍ୱୀପ ବନ୍ଦରରୁ ସିଙ୍ଗାପୁର ଅଭିମୁଖେ ବାହାରିଥିବା ୭୨ ହଜାର ମେଟ୍ରିକ ଟନ ଲୁହାପଥର ବୋଝେଇ ଏମଭି ଓସେନ ୱିନର ଜାହାଜ ୨୪୦ ନାଟିକାଲ ମାଇଲ ଦୂରରେ ବୁଡି ଯାଇଥିଲା। ଏହି ଘଟଣାରେ ୨୨ ଜଣ କ୍ରିଉ ସଦସ୍ୟ ନିଖୋଜ ଥିବା ବେଳେ ଦୁଇ ଜଣଙ୍କୁ ଉଦ୍ଧାର କରାଯାଇପାରିଥିଲା।

# ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ମାଲକାନଗିରି, ୮।୯ (ସମିସ): ବିଚାରାଧୀନ କଏଦୀ କବିରାଜ ରାଉତଙ୍କ ମୃତ୍ୟୁକୁ ନେଇ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ଦେଖାଦେଇଛି। ଗଞ୍ଜେଇ ମାମଲାରେ

**ପରିବାର ଲୋକଙ୍କ ପ୍ରତିବାଦ**



ପ୍ରାୟ ୪ ବର୍ଷ ଧରି ସେ ଜେଲ୍‌ରେ ବିଚାରାଧୀନ କଏଦୀ ଭାବେ ରହୁଥିଲେ। ଗତ ରାତିରେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିକିତ୍ସାରେ ଅବହେଳା ଏବଂ ମୃତ୍ୟୁର ପ୍ରକୃତ କାରଣ ନେଇ ସନ୍ଦେହ ପ୍ରକାଶ କରିଛନ୍ତି ପରିବାର ଲୋକେ। ଶବ ବ୍ୟବଚ୍ଛେଦ ପାଇଁ କୋରାପୁଟ ନେବା କଥା ଜାଣିବା ପରେ ପରିବାର ଲୋକେ ହସ୍ପିଟାଲ ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ମୃତଦେହ ଅଟକ ରଖି ପ୍ରତିବାଦ କରିଥିଲେ। ଖବର ପାଇ ପୁଲିସ ପହଞ୍ଚି ପରିବାର ସଦସ୍ୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଯାଇଥିଲା। ସେଠାରେ ଚାରିଜଣ ଡାକ୍ତର ଏବଂ ପୁଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି।

# ୯ ଯୁବ ଆଇଏଏସ୍‌ଙ୍କୁ ଉପ ଜିଲ୍ଲାପାଳ ଦାୟିତ୍ୱ

ଭୁବନେଶ୍ୱର,୮।୯(ସମିସ): ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରି ଫେରିଥିବା ୨୦୨୪ ବ୍ୟାଚର ୯ ଜଣ ଆଇଏଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ଉପଖଣ୍ଡର ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍(ଏସଡିଏମ୍) ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଅନିମେଶ ପ୍ରଧାନଙ୍କୁ ଆଠଗଡ଼, ପ୍ରଜ୍ଞାନନନ୍ଦନ ଗିରିଙ୍କୁ ତାଳଚେର, କସ୍ତୁରୀ ଶାଙ୍କୁ ଭବାନୀପାଟଣା, ଫାବି ରଶିଦଙ୍କୁ କୋରାପୁଟ, ମୃଣାଳିକା ରାଠୋରଙ୍କୁ ରାୟଗଡ଼ା ଉପ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି। ସେହିପରି ଶୁଭ୍ରା ପଣ୍ଡାଙ୍କୁ ଜୟପୁର ଏବଂ ପଓନ କୁମାରଙ୍କୁ ଟିଟିଲାଗଡ଼ , ଭଗତ ଶାମଲ କଲ୍ୟାଣରାଓଙ୍କୁ ପାରଳାଖେମୁଣ୍ଡି, ସନ୍ତୋଷ କୁମାର ପାତ୍ରଙ୍କୁ ବଣାଇଗଡ଼ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହିପରି ଏହି ଅଧିକାରୀମାନେ ସମ୍ପୃକ୍ତ ସ୍ଥାନରେ ସବ୍-ଡିଭିଜନାଲ୍ ମାଜିଷ୍ଟ୍ରେଟ୍ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ।

# ଶ୍ରୀମନ୍ଦିର, ରତ୍ନଭଣ୍ଡାର, ଶ୍ରୀନଅରକୁ ଟ୍ରେଡ୍‌ମାର୍କ ସୁରକ୍ଷା

ପୁରୀ,୮।୯(ସମିସ): ଶ୍ରୀମନ୍ଦିର ସହ ଜଡ଼ିତ ସ୍ୱତନ୍ତ୍ର ନାମଗୁଡ଼ିକର ବୌଦ୍ଧିକ ସମ୍ପତ୍ତି (ଟ୍ରେଡ୍‌ମାର୍କ) ସୁରକ୍ଷା ପ୍ରଦାନ କରିବା ଦିଗରେ ଶ୍ରୀମନ୍ଦିର ପ୍ରଶାସନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଏହି କ୍ରମରେ ଟ୍ରେଡ୍‌ମାର୍କ ରେଜିଷ୍ଟ୍ରି ପକ୍ଷରୁ 'ଶ୍ରୀମନ୍ଦିର' (ବର୍ଗ ୧୯ ଓ ୪୫), 'ରତ୍ନଭଣ୍ଡାର' (ବର୍ଗ ୧୪ ଓ ୪୫) ଏବଂ 'ଶ୍ରୀନଅର' (ବର୍ଗ ୧୯) ନାମରେ ଦାଖଲ ହୋଇଥିବା ଟ୍ରେଡ୍‌ମାର୍କ ଆବେଦନଗୁଡ଼ିକ ପ୍ରକାଶନ ପାଇଁ ଗ୍ରହଣ କରାଯାଇଛି। ଏହା ଶ୍ରୀମନ୍ଦିରର ଅନନ୍ୟ ସାଂସ୍କୃତିକ ପରିଚୟର ସୁରକ୍ଷା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟରେ 'ଆନନ୍ଦ ବଜାର', 'ପତିତପାବନ' ଏବଂ 'ନୀଳଚକ୍ର' ଲୋଗୋ ଭଳି ତିନୋଟି ନାମ ଓ ପ୍ରତୀକ ଟ୍ରେଡ୍‌ମାର୍କ ସୁରକ୍ଷା ପାଇଁ ଅନୁମୋଦିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ନାମ 'ଜଗନ୍ନାଥ ଧାମ', 'ଶ୍ରୀକ୍ଷେତ୍ର', 'ମହାପ୍ରସାଦ', 'ନୀଳଚକ୍ର' ଏବଂ 'କୋଇଲି ବୈକୁଣ୍ଠ' ଟ୍ରେଡ୍‌ମାର୍କ ରେଜିଷ୍ଟ୍ରି ଦ୍ୱାରା ପ୍ରକାଶନ ପାଇଁ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତିର ଅନନ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ତଥା ଶ୍ରୀମନ୍ଦିର ସହ ନିବିଡ଼ ଭାବେ ସମ୍ପୃକ୍ତ ପବିତ୍ର ନାମ ଓ ପ୍ରତୀକଗୁଡ଼ିକର ଅନଧିକୃତ କିମ୍ବା ବାଣିଜ୍ୟିକ ବ୍ୟବହାରକୁ ରୋକିବା ହେଉଛି ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ଦିଗରେ ମୋଟ ୨୯ଟି ଟ୍ରେଡ୍‌ମାର୍କ ଆବେଦନ କରାଯାଇଛି। ଅବଶିଷ୍ଟ ଆବେଦନଗୁଡ଼ିକର ଆବଶ୍ୟକ ପ୍ରକ୍ରିୟା ଚାଲିଥିବା ବେଳେ, ଶ୍ରୀଜଗନ୍ନାଥ ମନ୍ଦିର ସହ ସମ୍ପୃକ୍ତ ଐତିହ୍ୟର ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

# ୧୬.୭୬ ଲକ୍ଷ ଭତ୍ତା ଟଙ୍କା ହଡ଼ପ; ୩ ପଞ୍ଚାୟତ ଅଧିକାରୀ ଗିରଫ

ବାଲେଶ୍ୱର, ୮।୯(ସମିସ) : ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧ ହିତାଧିକାରୀଙ୍କ ପାଇଁ ଆସିଥିବା ସରକାରୀ ଭତ୍ତା ଟଙ୍କା ହଡ଼ପ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍‌ର ୩ ଜଣ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କୁ ଆଜି ବାଲେଶ୍ୱର ଭିଜିଲାନ୍ସ ଗିରଫ କରିଛି। ଦୀର୍ଘଦିନ ଧରି ବୃଦ୍ଧ ହିତାଧିକାରୀଙ୍କୁ ବଣ୍ଟନ ପାଇଁ ନିଆଯାଇଥିବା ଟଙ୍କାରୁ ୧୬ ଲକ୍ଷ ୭୬ ହଜାର ୫୦୦ ଟଙ୍କା ବେଆଇନ ଭାବେ ଆତ୍ମସାତ୍ କରାଯାଇଥିବା ତଦନ୍ତରୁ ଜଣାପଡ଼ିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ କଖରା ଗ୍ରାମପଞ୍ଚାୟତର ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ତଥା ବର୍ତ୍ତମାନ କୁସୁଡ଼ା ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ସୁବ୍ରତ କୁମାର ପତି, କୁମ୍ଭାରମୁଳି ଗ୍ରାମପଞ୍ଚାୟତର ପୂର୍ବତନ ପିଇଓ ତଥା ବର୍ତ୍ତମାନ ଖଇରା ବ୍ଲକ୍‌ରେ କାର୍ଯ୍ୟରତ ଚିତ୍ତରଞ୍ଜନ ବାଗସିଂ ଏବଂ ଜଳେଶ୍ୱରପୁର ଗ୍ରାମପଞ୍ଚାୟତର ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର ଗୌତମ ଦଳାଇ। ଭିଜିଲାନ୍ସ ପକ୍ଷରୁ ରୁଜୁ ହୋଇଥିବା ବାଲେଶ୍ୱର ଭିଜିଲାନ୍ସ ଥାନା କେସ୍ ନମ୍ବର ୨୨/୨୦୨୬ ଆଧାରରେ ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ଅନୁସାରେ, ୨୦୨୨ରୁ ୨୦୨୫ ମଧ୍ୟରେ ଅଭିଯୁକ୍ତମାନେ ଭୋଗରାଇ ବ୍ଲକ୍ ଅଫିସ୍‌ରୁ ପ୍ରତିମାସ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ ପାଇଁ ଅଗ୍ରିମ ଟଙ୍କା ନେଉଥିଲେ। ହିତାଧିକାରୀଙ୍କୁ



ଭତ୍ତା ବଣ୍ଟନ ପରେ ବଳକା ଟଙ୍କା ସରକାରୀ ହିସାବରେ ଜମା କରିବା କିମ୍ବା ଏହାର ଠିକ୍ ହିସାବ ଦେବା ପରିବର୍ତ୍ତେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ଟଙ୍କା ନିଜସ୍ୱ ଲାଭ ପାଇଁ ହଡ଼ପ କରିଥିବା ଭିଜିଲାନ୍ସ ତଦନ୍ତରୁ ପ୍ରକାଶ ପାଇଛି। ଗିରଫ ତିନି ଅଭିଯୁକ୍ତଙ୍କୁ ଆଜି ବାଲେଶ୍ୱର ସ୍ପେଶାଲ୍ ଜଜ୍, ଭିଜିଲାନ୍ସଙ୍କ ଅଦାଲତରେ ହାଜର ପାଇଁ ପଠାଯାଇଛି। ଘଟଣାରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି।

# ବଜ୍ରପାତରେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ

ଜଳେଶ୍ୱର/ରାଜଘାଟ, ୮।୯ (ସମିସ) : ମଙ୍ଗଳବାର ଅପରାହ୍ନ ୪ ଟା ସମୟରେ ବଜ୍ରପାତଜନିତ ଆଘାତରେ ଜଣେ ଫିଜିଓଥେରାପି ଡାକ୍ତରଙ୍କ ମୃତ୍ୟୁ ଘଟିଛି। ଜଳେଶ୍ୱରସ୍ଥିତ ଜିକେ ଭଟ୍ଟର ହସ୍‌ପିଟାଲରେ କାର୍ଯ୍ୟରତ ଫାର୍ମାସିଷ୍ଟ ସସ୍ମିତା ମିଶ୍ରଙ୍କ ସ୍ୱାମୀ ଉଦୟନାରାୟଣ ମିଶ୍ର (୪୧) ଅପରାହ୍ନରେ ଭେଲୋରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠପଢୁଥିବା ନିଜ ପୁଅକୁ ଆଣିବାକୁ ଜାତୀୟ ରାଜପଥ ୬୦ରେ ବାଇକ୍ ଯୋଗେ ଯାଉଥିଲେ। ହଠାତ୍ କଳାହାଣ୍ଡିଆ ମେଘ ଆସିବା ସହିତ ଡ଼ୁହାକୁଡ଼ୁହା ବଜ୍ରପାତ ହୋଇଥିଲା। ଫଳରେ ଉଦୟନାରାୟଣ ରାସ୍ତାର ରାଜଘାଟ ନିକଟ ଏକ ଗଛମୂଳରେ ଅଟକି ଯାଇଥିଲେ। ତାଙ୍କ ଉପରେ ବଜ୍ରପାତ ହେବାରୁ ସେ ଓଲଟି ପଡିଥିଲେ। ସ୍ଥାନୀୟ ଲୋକେ ଜାତୀୟ ରାଜପଥ ଆମ୍ବୁଲାନ୍ସ ସହଯୋଗରେ ଜିକେଭଟ୍ଟର ହସ୍‌ପିଟାଲକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଉଦୟନାରାୟଣ ଅମର୍ଦ୍ଦାରୋଡ ମୂଳନିବାସୀ ହୋଇଥିବା ବେଳେ ଦୀର୍ଘବର୍ଷ ଧରି ଜଳେଶ୍ୱରରେ ରହିଆସୁଥିଲେ। ଜଳେଶ୍ୱର ଅଣ୍ଡରପାସ୍ ନିକଟରେ ଏକ ଫିଜିଓ ଥେରାପି ସେଣ୍ଟର କରି ରୋଗୀମାନଙ୍କୁ ସେବା ଦେଇ ଆସୁଥିଲେ। ଅନୁରୂପଭାବେ କଳମା ଗାଁର ପ୍ରତୀମା ଗିରି(୩୨) ନିଜଘର ପିଣ୍ଡାରେ ବସିଥିବା ବେଳେ ଘର ନିକଟରେ ବଜ୍ରପାତ ହେବାରୁ ସେ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଜିକେ ଭଟ୍ଟର ହସ୍ପିଟଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ କରାଯାଉଥିବା ଜଣାଯାଇଛି।

### ଖପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି

# ଲୁଟିନେଲେ ୧୦ ଲକ୍ଷରୁ ଅଧିକ ଟଙ୍କା

ବାଲେଶ୍ୱର/ବାଲିଆପାଳ,୮।୯(ସମିସ): ଦିନ ଦ୍ୱିପ୍ରହରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ଖାପରାପଦା ଗ୍ରାମୀଣ ବ୍ୟାଙ୍କରୁ ସଶସ୍ତ୍ର ଡକାୟତି ହୋଇଛି। ଦଶ ଲକ୍ଷରୁ ଅଧିକ ଟଙ୍କା ଡକାୟତି ହୋଇଛି। ଆଜି ଅପରାହ୍ନ ୧ଟା ୪୦ରେ ୬ଜଣ ଶସ୍ତ୍ର ଡକାୟତ ତିନିଟି ବାଇକ ଯୋଗେ ଖପରାପଦା ଗ୍ରାମୀଣ ବ୍ୟାଙ୍କ ଭିତକୁ ଗ୍ରାହକ ଭାବରେ ପଶିଥିଲେ। କେହି କିଛି ଭାବିବା ପୂର୍ବରୁ ବ୍ୟାଙ୍କର ଗେଟ୍‌କୁ ବନ୍ଦ କରି ଦେଇଥିଲେ। ପରେ ବନ୍ଧୁକ ଓ ତେଲେଙ୍ଗା କାତି ଦେଖାଇ ବ୍ୟାଙ୍କ କର୍ମଚାରୀ ଓ କିଛି ଗ୍ରାହକଙ୍କ ଠାରୁ ପ୍ରଥମେ ମୋବାଇଲ ଛଡାଇ ନେଇ ସମସ୍ତଙ୍କୁ ଆଣ୍ଠେଇ ଦେଇ ଥିଲେ। ପରେ ମ୍ୟାନେଜର ଅଜୟ କୁମାର ସେଠୀଙ୍କୁ ବନ୍ଧୁକ ଦେଖାଇବା ସହିତ ଆକ୍ରମଣ କରିଥିଲେ। ପରେ ମ୍ୟାନେଜର ଶ୍ରୀ ସେଠୀ ଭୟଭୀତ ହୋଇ ଷ୍ଟ୍ରଙ୍ଗରୁମ ଚାବି ଖୋଲିଥିଲେ। ପରେ ଡକାୟତମାନେ




ଷ୍ଟ୍ରଙ୍ଗରୁମ ଓ ଆକାଉଣ୍ଟ ସେକସନରୁ ଅନୁମାନିକ ଦଶ ଲକ୍ଷରୁ ଅଧିକ ଟଙ୍କା ଲୁଟ୍ କରି ସମସ୍ତଙ୍କୁ ଷ୍ଟ୍ରଙ୍ଗରୁମ ଭିତରେ ପୂରାଇ ଚାବି ପକାଇ ଦେଇ ଚମ୍ପଟ ମାରିଥିଲେ ବୋଲି ମ୍ୟାନେଜର ଶ୍ରୀ ସେଠୀ କହଛନ୍ତି। ତେବେ ସମସ୍ତ ଡ଼କାୟତ ବଙ୍ଗଳାରେ କଥା ବାର୍ତ୍ତା କରୁଥିବାରୁ ଏହି ଡକାୟତିରେ ବାହାର ରାଜ୍ୟର ଡ଼କାୟତ ମାନଙ୍କର ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହି ଡକାୟତି ଗ୍ୟାଙ୍ଗରେ ଦୁଇ ଜଣ ହେଲମେଟ ପିନ୍ଧି ଥିବା ବେଳେ ଜଣେ ମାସ୍କ ମୁହଁରେ ଲଗାଇ ଥିଲେ । ଅନ୍ୟ କେତେ ଜଣ ଖୋଲା ମୁହଁରେ ଥିଲେ। ଡକାୟତମାନେ ପ୍ରଥମେ ବ୍ୟାଙ୍କ ରେ ଲାଗି ଥିବା ସିସିଟିଭି କ୍ୟାମରାର ହାଡ଼ଡିସ୍କ ଖୋଲି ନେଇ ଯାଇଥିବାର ସୂଚନା ମିଳିଛି। ଡ଼କାୟତିର ଖବର ପାଇ ବାଲିଆପାଳ ପୁଲିସ ଘଟଣସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ଏବଂ ସାଇଣ୍ଟିଫିକ୍ ଦଳ ବ୍ୟାଙ୍କରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛନ୍ତି।

### ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ଚାଲିଛି ବାସନ୍ତୀ ଦୁର୍ଗା ମନ୍ଦିର

# ନିର୍ମାଣର ଅଧଘଣ୍ଟା ପରେ ଭୁଶୁଡ଼ିଲା ଛାତ

ଭଦ୍ରକ/ଅସୁରାଳି/ଧୂଷୁରୀ,୮।୯(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ ହସନାବାଦ ପଞ୍ଚାୟତରେ ସରକାରୀ ଅନୁଦାନରେ ଚାଲିଥିବା ନିର୍ମାଣ କାର୍ଯ୍ୟର ନିମ୍ନମାନକୁ ନେଇ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ଥାନୀୟ ବାସନ୍ତୀ ଦୁର୍ଗା ମନ୍ଦିରର ଛାତ ପଡ଼ିବାର ମାତ୍ର ଅଧଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଛାତଟି ଭୁଶୁଡ଼ି ପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

**ସରକାରୀ କାର୍ଯ୍ୟର ଗୁଣବତ୍ତା ଉପରେ ପ୍ରଶ୍ନବାଚୀ**



ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ୬ ଲକ୍ଷ ଟଙ୍କାର ସରକାରୀ ଅନୁଦାନ ବିନିଯୋଗରେ ଏହି ମନ୍ଦିରର ଛାତ ଢଳେଇ କାର୍ଯ୍ୟ ସମ୍ପାଦିତ ହେଉଥିଲା। ତେବେ ଛାତ ପଡ଼ିବା କାର୍ଯ୍ୟ ଶେଷ ହେବାର ମାତ୍ର ୩୦ ମିନିଟ୍ ମଧ୍ୟରେ ନିର୍ମାଣାଧୀନ କଂକ୍ରିଟ୍ ଛାତଟି ହଠାତ୍ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟବଶତଃ, ଏଥିରେ କେହି ଆହତ କିମ୍ବା କ୍ଷତିଗ୍ରସ୍ତ ହୋଇ ନ ଥିବା ଜଣାପଡ଼ିଛି। ଯାହାଫଳରେ ଏକ ବଡ଼ ବିପଦ ଟଳିଯାଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ନେବା ପାଇଁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ସରକାରୀ ଅର୍ଥର ଏଭଳି ଅପବ୍ୟୟ ଏବଂ ଦାୟିତ୍ୱହୀନ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଓ ସନ୍ଦେହ ଉପୁଜିଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଥିବା ଠିକାଦାର ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଜେପିରେ ଆଭ୍ୟନ୍ତରୀଣ କନ୍ଦଳ ତୀବ୍ର

# ଉପମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ମୁଖପାତ୍ରଙ୍କ 'ଦରି' ଚ୍ୟାଲେଞ୍ଜ

ପୁରୀ,୮।୯(ସମିସ): ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଦଳ ବଦଳ କରିବାର କିଛିମାସ ପରେ ନିମାପଡ଼ା ବିଜେପିରେ ଅଳସ ଭାଙ୍ଗିଥିଲା ଦଳୀୟ କନ୍ଦଳ। ଦୁଇ ଭିନ୍ନ ଦଳରେ ଥିବାବେଳେ ପ୍ରଭାତୀ ପରିଡ଼ା ଓ ସମୀର ଦାଶଙ୍କ ଯେଉଁ ବିବାଦ ରହିଥିଲା, ସେଥିରେ ସାମୟିକ ବିରତି ଲାଗିଥିଲା। ନିର୍ବାଚନ ପ୍ରଚାର ସମୟରେ ପ୍ରଭାତୀ ଯେଉଁ ଆନୁଗତ୍ୟ ସମୀରଙ୍କ ପ୍ରତି ଦେଖାଇଥିଲେ ଉପମୁଖ୍ୟମନ୍ତ୍ରୀ ହେବା ପରେ ତାହା ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ବିଜୟ ପରେ ପ୍ରଭାତୀ ଧୀରେ ଧୀରେ ସମୀରଙ୍କୁ କରଛଡ଼ା ଦେଇଥିଲେ। ବିଜେପିର ବର୍ଷ ପୂର୍ତ୍ତି ଅବସରରେ ପ୍ରଭାତୀଙ୍କ କାର୍ଯ୍ୟଦକ୍ଷତାକୁ ସିଧାସଳଖ ସମାଲୋଚନା କରିଥିଲେ ସମୀର। ଯଦିଓ ପଦ ପଦବୀକୁ ନେଇ ଅପା ଚୁପ୍ ରହିବାକୁ ବାଧ ହେଉଥିଲେ କିନ୍ତୁ ଭାଇନା ଥିଲେ ଲଗାମ୍‌ଛଡ଼ା। ତେଣୁ ମଝିରେ ମଝିରେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିଲେ। ଗୋଟିଏ ଦଳରେ ଉଭୟ ଥିବା ଯୋଗୁଁ ଏହି ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଦଳୀୟ ନେତାମାନେ ଯେଉଁ ଆଶା ରଖିଥିଲେ, ଏବେ ଆଉ ସେହି ସ୍ଥିତି ନାହିଁ। ଉଭୟ ପ୍ରତ୍ୟକ୍ଷ ସମରକୁ ଓହ୍ଲାଇଛନ୍ତି ଏବଂ ଉଭୟଙ୍କ ସହଯୋଗୀ କର୍ମୀମାନେ ବାକ୍‌ଯୁଦ୍ଧରେ ମାତିଛନ୍ତି । ଏହି ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ରାଜ୍ୟ ମୁଖପାତ୍ର ତଥା ପୂର୍ବତନ ମନ୍ତ୍ରୀ ସମୀର ଦାଶ ଦେଇଛନ୍ତି 'ଦରି' ଚାଲେଞ୍ଜ । ଯାହାକୁ ନେଇ ପୁରା ପୁରୀ ଜିଲ୍ଲା ବିଜେପି ରାଜନୀତି ସରଗରମ ହୋଇଛି । ପୁଣିଥରେ ଦୁହିଁଙ୍କ ସମର୍ଥକମାନେ ମୁହାଁମୁହିଁ ଅବସ୍ଥାକୁ ଆସିଛନ୍ତି ।

ନିକଟରେ ଏକ କାର୍ଯ୍ୟକ୍ରମରେ ସମୀର କହିଛନ୍ତି ଯେ ଆସନ୍ତା ପଞ୍ଚାୟତ ନିର୍ବାଚନ ନିମାପଡ଼ାରେ ଉପମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବିଜେପି ଲଢ଼ିବ। ତେବେ ତା' ପୂର୍ବରୁ ନିଜ ଦକ୍ଷତା ଓ ଲୋକ ସମର୍ଥନର ସେ ପ୍ରମାଣ ଦେବା ଆବଶ୍ୟକ। 'ଦରି ପକାଇଦେବା, ଦେଖିବା କାହାର କେତେ ଦମ୍'। ପ୍ରଭାତୀଙ୍କ ନିଜ ପଞ୍ଚାୟତ ତେରୁଣ୍ଡିଆରେ ଏଭଳି ଚ୍ୟାଲେଞ୍ଜକୁ ଗ୍ରହଣ କରନ୍ତୁ ବୋଲି ସମୀରଙ୍କ ବୟାନ ଏବେ ନିମାପଡ଼ା ରାଜନୀତିରେ ନୂଆ ଚର୍ଚ୍ଚା ଛିଡ଼ା କରିଛି। ସମୀରଙ୍କ ଏହି ବୟାନକୁ କେବଳ ଏକ ରାଜନୈତିକ ଟିପ୍ପଣୀ ଭାବେ ନୁହେଁ, ବରଂ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନିମାପଡ଼ାରେ ନିଜ ଗୋଷ୍ଠୀର ସାଙ୍ଗଠନିକ ଶକ୍ତି ଦେଖାଇବାର ଏକ ପ୍ରକାର ରଣହୁଙ୍କାର ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ସମୀରଙ୍କ 'ଦରି' ଚ୍ୟାଲେଞ୍ଜ ପରେ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ମଧ୍ୟ ଜୋର୍ ଧରିଛି। ସାମାଜିକ ଗଣମାଧ୍ୟମରେ ଅପା ଓ ଭାଇନାଙ୍କ ସମର୍ଥକମାନେ ପରସ୍ପରକୁ ଆକ୍ଷେପ ପ୍ରତିଆକ୍ଷେପ କରୁଥିବା ଦେଖାଯାଉଛି। କିଏ କେତେ ଲୋକଙ୍କୁ ନିଜ ସହ ଯୋଡ଼ିପାରୁଛି, କାହାର ସାଂଗଠନିକ ଦବ୍‌ଦବା ଅଧିକ ତାହାକୁ ନେଇ ଉଭୟ ଶିବିର ନିଜ ନିଜ ଶକ୍ତିର ଦାବି କରୁଛନ୍ତି।

ଏହି ଘଟଣା ଏବେ କେବଳ ନିମାପଡ଼ାର 'ଅପା-ଭାଇନା' ବିବାଦରେ ସୀମିତ ନାହିଁ। ଏହାର ପ୍ରଭାବ ପୁରୀ ଜିଲ୍ଲା ବିଜେପିର ସାଂଗଠନିକ ରାଜନୀତି ଉପରେ କେତେ ପଡ଼ିବ, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଗୋଟିଏ ଦଳରେ ଥାଇ ଦୁଇ ଶିବିରର ଶକ୍ତି ପ୍ରଦର୍ଶନ ଯଦି ଆଗକୁ ଆହୁରି ତୀବ୍ର ହୁଏ, ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ଏକତା ପାଇଁ ଏହା ଚ୍ୟାଲେଞ୍ଜ ହୋଇପାରେ। ଏବେ ନଜର ରହିଛି ସମୀରଙ୍କ 'ଦରି' ଚ୍ୟାଲେଞ୍ଜକୁ ପ୍ରଭାତୀ ଶିବିର କିପରି ନେଉଛି ଏବଂ ଆଗାମୀ ଦିନରେ ନିମାପଡ଼ାରେ କିଏ କେତେ ସାଙ୍ଗଠନିକ ଶକ୍ତି ଦେଖାଇପାରୁଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି 'ଦରି' ରାଜନୀତି ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର।

# ଭିତରେ 'ଦିଶା' ବୈଠକ; ବାହାରେ ଥଇଥାନ ପାଇଁ ଆନ୍ଦୋଳନ






ସମ୍ବଲପୁର, ୮।୯ (ସମିସ)

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ, ଗୋଟିଏ ପଟେ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସାମ୍ନାରେ ଧାରଣାରେ ବସିଥିଲେ 'ସମଲେଇ' ପ୍ରକଳ୍ପ ଫେଜ୍-୨ ର ବିସ୍ଥାପିତ। ଗୋଟିଏ ପଟେ ବିକାଶର କାର୍ଯ୍ୟ ସମୀକ୍ଷା ଓ ତ୍ୱରାନ୍ୱିତ କଥା ଆଲୋଚନା ହେଉଥିଲା ତ' ଅନ୍ୟପଟେ ବିସ୍ଥାପିତମାନେ ଘର ବଦଳରେ ଘର ଆଉ ଜମି ବଦଳରେ ଜମି ଦାବି କରିଥିଲେ। 'ସମଲେଇ' ପ୍ରକଳ୍ପକୁ ସ୍ୱାଗତ କରୁଥିଲେ ହେଁ ବର୍ଷ ବର୍ଷର ବସତି ଛାଡ଼ି ଯିବେ କୁଆଡ଼େ ତାହା ହିଁ ପ୍ରଶ୍ନବାଚୀ?

## ● 'ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ'

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ବଲପୁରର ବିକାଶମୂଳକ କାର୍ଯ୍ୟକ୍ରମର ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି (ଦିଶା) ସମୀକ୍ଷା ବୈଠକ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ମୁଖ୍ୟତଃ ଜଳସେଚନ, ରେଳବାଇ, ଟେଲିକମ୍ ଓ ବିଦ୍ୟୁତ ବିଭାଗର କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।

ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବୈଠକରେ ବ୍ୟାପକ ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି କହିଛନ୍ତି ସାଂସଦ ଶ୍ରୀ ପ୍ରଧାନ। ବର୍ତ୍ତମାନ ଜିଲ୍ଲାର ପ୍ରାୟ ୫୦ ପ୍ରତିଶତ ଚାଷଜମି ଜଳସେଚିତ ଥିବାବେଳେ ଧନକଉଡ଼ା ଓ ମାନେଶ୍ୱର ଭଳି ବ୍ଲକରେ ଏହା ୭୦ ରୁ ୮୦ ପ୍ରତିଶତ ରହିଥିବା ସାଂସଦ ସୂଚନା ଦେଇଛନ୍ତି। ଜିଲ୍ଲାର ବର୍ତ୍ତମାନର ୮୦, ୦୦୦ ହେକ୍ଟର ଜଳସେଚିତ ଜମି ସହିତ ଆଗାମୀ ୨ ରୁ ୫ ବର୍ଷ ମଧ୍ୟରେ ଆଉ ୫୦, ୦୦୦ ହେକ୍ଟର ଜମି ଯୋଡ଼ିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ମହାନଦୀ କମାଣ୍ଡ ଅଞ୍ଚଳର ନାଳ, ଝରଣା, ବନ୍ଧ, କଟା ଓ ଇନଷ୍ଟ୍ରିମ୍ ଷ୍ଟୋରେଜ୍ ବ୍ୟବସ୍ଥାକୁ ଉପଯୋଗ କରି ଏକ 'ଜିଲ୍ଲା ହାଇଡ୍ରୋଲୋଜି ମ୍ୟାପିଂ' ପ୍ରସ୍ତୁତ କରିବା ସହ ବୃହତ, କ୍ଷୁଦ୍ର, ମେଗା ଲିଫ୍ଟ, ଡିଆରଡିଏ ଓ ମୃତ୍ତିକା ସଂରକ୍ଷଣ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବ ବୋଲି ସେ କହିଥିଲେ। ରେଳବାଇ ଭିତ୍ତିଭୂମି ସମ୍ପର୍କରେ ସୂଚନା ଦେଇ ସାଂସଦ ପ୍ରକାଶ କରିଛନ୍ତି ଯେ, ପ୍ରାୟ ୩୫୦ କୋଟି ଟଙ୍କା ବ୍ୟୟରେ ସମ୍ବଲପୁର ମୁଖ୍ୟ ରେଳଷ୍ଟେସନର ନବକଳେବର କରାଯାଉଛି। ଏହାସହିତ ହୀରାକୁଦ, ସମ୍ବଲପୁର ସିଟି, ରେଢ଼ାଖୋଲ ଓ ରେଙ୍ଗାଲି ଷ୍ଟେସନର ଆଧୁନିକୀକରଣ ତଥା ତୃତୀୟ ଓ ଚତୁର୍ଥ ଲାଇନ ନିର୍ମାଣର ସମୀକ୍ଷା କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବରେଇପାଲି, ଅଇଁଠାପାଲି, କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱ ଏବଂ ବାଗଡ଼ିଆପଡ଼ା ଭଳି ରେଳଧାରଣାର ଉଭୟ ପାର୍ଶ୍ୱରେ ଥିବା ବସ୍ତିବାସିନ୍ଦାଙ୍କ ସୁରକ୍ଷିତ ଯାତାୟାତ ପାଇଁ ପାଦଚଲା ଓଭରବ୍ରିଜ୍ ନିର୍ମାଣର ସମ୍ଭାବ୍ୟତା ଅନୁଧ୍ୟାନ କରିବାକୁ ରେଳ ବିଭାଗ ଓ ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳଯୋଗାଣ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ, ରେଢ଼ାଖୋଲ ବିଧାୟକଙ୍କ ପ୍ରତିନିଧି ହୀରାଲାଲ ବେହେରା, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂହ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସ୍ୱାଗତ ଭାଷଣ ଦେଇଥିଲାବେଳେ, ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ପ୍ରଥମେ ଥଇଥାନ, ପରେ ବିସ୍ଥାପନ ଦାବି'

ସମଲେଇ ପ୍ରକଳ୍ପ ଫେଜ୍-୨ ପାଇଁ ବିସ୍ଥାପନ ପ୍ରକ୍ରିୟାକୁ ନେଇ ସମ୍ବଲପୁରରେ ଅସନ୍ତୋଷ ତୀବ୍ର ହୋଇଛି। ବିସ୍ଥାପିତ ପରିବାରଙ୍କୁ ପ୍ରଥମେ ବିକଳ୍ପ ଜାଗା ଓ ଘରର ବ୍ୟବସ୍ଥା କରାଯାଇ ଥଇଥାନ କରିବା ପରେ ହିଁ ବିସ୍ଥାପନ କରାଯିବା ଦାବିରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ଅନୁଷ୍ଠିତ ହୋଇଥିଲା। ପ୍ରୋଗ୍ରେସିଭ୍ ସମ୍ବଲପୁର ଆବାହକ ତଥା ଶ୍ରମିକ ନେତା ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ସମଲେଇ ପ୍ରକଳ୍ପ-୨ ରେ ପ୍ରଭାବିତ ହେବାକୁ ଥିବା ଶତାଧିକ ପରିବାର କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ବିସ୍ଥାପିତ ପରିବାରମାନେ ମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ମହାନଗର କମିଶନରଙ୍କ ନିକଟରେ ନିଜ ଦାବି ଉପସ୍ଥାପନ କରିବାପାଇଁ ଜିଦ୍ ରେ ଅଟଳ ରହିବା ପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଜଳଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ। ବିସ୍ଥାପିତ ପରିବାରମାନେ କହିଛନ୍ତି ଯେ, ସମଲେଇ ପ୍ରକଳ୍ପ-୧ ସମୟରେ ପ୍ରଭାବିତ ଲୋକଙ୍କୁ ବିକଳ୍ପ ଜମି ଯୋଗାଇ ଥଇଥାନ କରାଯାଇଥିଲା। ମାତ୍ର ବର୍ତ୍ତମାନ ସମଲେଇ ପ୍ରକଳ୍ପ-୨ ପାଇଁ କେବଳ କ୍ଷତିପୂରଣ ରାଶି ଦେଇ ଲୋକଙ୍କୁ ଘରୁ ବିସ୍ଥାପିତ କରିବା ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକାଶ ପାଇଛି। ବିସ୍ଥାପିତ ପରିବାରମାନେ ଅଭିଯୋଗ କରିଛନ୍ତି ଯେ, ସେମାନଙ୍କ ଘର ଓ ବିକଳ୍ପ ବାସସ୍ଥାନର ବ୍ୟବସ୍ଥା ହେବା ପୂର୍ବରୁ ଘର ପ୍ରାୟ ୮ ଦିନ ହେଲା ପାନୀୟ ଜଳଯୋଗାଣ ବିଚ୍ଛିନ୍ନ କରାଯାଇଛି। ଅସ୍ଥାୟୀ ଘରଭଡ଼ା ବ୍ୟବସ୍ଥା ପରିବର୍ତ୍ତେ 'ଜାଗା ବଦଳରେ ଜାଗା' ନୀତିରେ ତୁରନ୍ତ ବିକଳ୍ପ ଆବାସିକ ଜମି ଯୋଗାଇ ଦେଇ ସ୍ଥାୟୀ ଭାବରେ ଥଇଥାନ କରିବାକୁ ବିସ୍ଥାପିତ ପରିବାରମାନେ ଦାବି କରିଛନ୍ତି। ଦାବିପତ୍ରର ଏକ ପ୍ରତିଲିପି ଜିଲ୍ଲାପାଳ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରେରଣ କରିବାସହ ସମ୍ବଲପୁର ସାଂସଦ ଓ ସମ୍ବଲପୁର ବିଧାୟକଙ୍କୁ ମଧ୍ୟ ପଠାଯାଇଛି। ସଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ବିସ୍ଥାପିତଙ୍କ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ମହାନଗର କମିଶନର ରେହାନ ଖତ୍ରୀ ଏବଂ ସଦର ଉପଜିଲ୍ଲାପାଳ ଡାକ୍ତର ପୁଷ୍ପାଞ୍ଜଳି ପଣ୍ଡା ଓ ସଦର ଏସଡିପିଓ ତୁଫାନ ବାଗଙ୍କ ସହ ବିସ୍ଥାପିତ ପରିବାରଙ୍କ ଥଇଥାନ ଓ ପୁନର୍ବାସ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଧାରଣା ଓ ଆଲୋଚନାରେ ଶ୍ରମିକ ନେତା ଗୋକୁଳ ମେହେର, ଗଦାଧର କୁଅଁର, ନ୍ୟୁ ଗୋପାଳ, ମହେଶ୍ୱର ଷଣ୍ଢ, ବାଲ୍ମୀକି ନାୟକ, ମିଳନ ଯୋଗୀ, ସୁମିତ ପଟେଲ, ଦେବଜ୍ୟୋତି ପଟ୍ଟନାୟକ, ପ୍ରଶାନ୍ତ ଥାପା, ଦୁଲାଲ ରାଓ, ନିଖିଳ ବାବୁ, ଅନୁଜ ଛତ୍ରିଆ, ଜିତେଶ୍ୱରୀ ବେହେରା, ରାନୀ ସାହୁ, ମଞ୍ଜୁ ଖେତୀ, ବର୍ଷା ବେମାଲ, ଯଶୋଦା ସାହୁ, ରାଜେଶ୍ୱରୀ ପାଣ୍ଡେ, ରିତା ଗୁପ୍ତା, ନିନି ନାଏକ, ଲତା ମେହେର, କୌଶଲ୍ୟା ସାହୁ, ବାବୁଲା ମେହେର, ପ୍ରଦ୍ୟୁମ୍ନ ପ୍ରଧାନ, ଧର୍ମେଶ ସୁନା ପ୍ରମୁଖ ଶତାଧିକ ବିସ୍ଥାପିତ ପରିବାର ଉପସ୍ଥିତ ଥିଲେ।

# ଟ୍ରେଲରର ଧକ୍କାରେ ବାଇକ୍ ଆରୋହୀ ମୃତ

ରେଢ଼ାଖୋଲ, ୮।୯ (ସମିସ): ସମ୍ବଲପୁର କଟକ ୫୫ ନଂ ଜାତୀୟ ରାଜପଥ ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ କଲେଜ ଛକରେ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ ଚାଳକ ଜଣକ ହେଲେ ରେଢ଼ାଖୋଲ ବ୍ଲକ ଅଧୀନ ବଡବହାଲ ପଞ୍ଚାୟତ ଅଧୀନ ବଡକୁଡା ଗ୍ରାମର ବାସିନ୍ଦା କାଳନ୍ଦୀ ପୋଢ। କାଳନ୍ଦୀ କୌଣସି କାର୍ଯ୍ୟରେ ବାଇକ ଯୋଗେ ଆସୁଥିବା ବେଳେ ଏକ ଟ୍ରେଲର ସହିତ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କାଳନ୍ଦୀଙ୍କ ମୃତ୍ୟୁ ଘଟିଛି। କ୍ଷତିପୂରଣ ଦାବିରେ ରେଢ଼ାଖୋଲ ନାଗରିକ କମିଟି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏଥିରେ ଦୀର୍ଘ ଘଣ୍ଟା ଧରି ରାଜପଥ ରେ ଯାତାୟାତ ଠପ୍ ହୋଇ ଯାଇଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ କ୍ଷତିପୂରଣ ପ୍ରଦାନ ଦାବି କରାଯାଇଥିଲା। ପୁଲିସ, ଏନ୍ଏଚ୍ଆଇ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ରେଢ଼ାଖୋଲ ନାଗରିକ କମିଟି ସହିତ ଆଲୋଚନା କରି ତୁରନ୍ତ ଏନ୍ଏଚ ମରାମତି ଓ ଟାଉନ୍‌ର ୬ କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ୨ଲକ୍ଷ ଟଙ୍କା ଦେବା ଲିଖିତ ପ୍ରତିଶ୍ରୁତି ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

# ସମଲେଶ୍ୱରୀ ଗ୍ୟାସ୍ ସର୍ଭିସରେ 'ଏଚ୍‌ପି ଗ୍ୟାସ୍ ନବ୍ୟା' ଲଞ୍ଚ୍

ସମ୍ବଲପୁର, ୮।୯ (ସମିସ): ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ (ଏଚପିସିଏଲ) ପକ୍ଷରୁ ଆଜି ସ୍ଥାନୀୟ କ୍ଷେତରାଜପୁରସ୍ଥିତ ସମଲେଶ୍ୱରୀ ଗ୍ୟାସ୍ ସର୍ଭିସଠାରେ 'ଏଚ୍‌ପି ଗ୍ୟାସ୍ ନବ୍ୟା' ୧୦ କେଜି ସିଲିଣ୍ଡରର ଶୁଭାରମ୍ଭ କରାଯାଇଛି। ସମ୍ବଲପୁର ସିଭିଲ୍ ସପ୍ଲାଇ ଇନ୍ସପେକ୍ଟର ସୌରଭ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ନୂଆ ସିଲିଣ୍ଡରର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଜେନ୍ସିର ମାଲିକାଣୀ ଆରତୀ



ଅଗ୍ରୱାଲ, ବିବେକ ଅଗ୍ରୱାଲ ଏବଂ ରାହୁଲ ଅଗ୍ରୱାଲ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଏଚ୍‌ପିସିଏଲ୍ ପୂର୍ବାଞ୍ଚଳ ଜେନେରାଲ ମ୍ୟାନେଜର ଗଜେନ୍ଦ୍ର ସୁନହରେଙ୍କ ଅଧ୍ୟକ୍ଷତା ଏବଂ ସମ୍ବଲପୁର ଏଲ୍‌ପିଜି ଆଞ୍ଚଳିକ କାର୍ଯ୍ୟାଳୟର ସିଆର୍‌ଏମ୍ ରମେଶ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କର୍ମଜୀବୀ ଯୁବପିଢ଼ି ତଥା ଛୋଟ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ସୁବିଧା, ନିରାପତ୍ତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି 'ଏଚ୍‌ପି ଗ୍ୟାସ୍ ନବ୍ୟା' ୧୦ କେଜି ସିଲିଣ୍ଡର ଡିଜାଇନ୍ କରାଯାଇଛି। ଏହା ପାରମ୍ପରିକ ସିଲିଣ୍ଡର ତୁଳନାରେ ହାଲୁକା।

# ଗଞ୍ଜେଇ ଜବତ; ୫ ଅଭିଯୁକ୍ତ ଗିରଫ

ସମ୍ବଲପୁର/ରେଢ଼ାଖୋଲ, ୮।୯ (ସମିସ): ସମ୍ବଲପୁର ଜିଲ୍ଲା ଚାରମାଲ ଥାନା ପୁଲିସ ମଙ୍ଗଳବାର ସକାଳେ ଚଢ଼ଉ କରି ବିପୁଳ ଗଞ୍ଜେଇ ଜବତ କରିବାସହ ୫ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ - ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଖଣ୍ଡହଟା ଗ୍ରାମର ଦିପକ କର୍ମୀ (୨୨) ଓ ସୁବଳୟା ଥାନା ଟିକିରାପଡ଼ା ଗ୍ରାମର ତପନ ନାଏକ (୧୯), ଉତ୍ତରପ୍ରଦେଶ ଘାଜିପୁର ଜିଲ୍ଲା କରିମମୁଦିନପୁର ଥାନା ନଭପୁରା ଗ୍ରାମର ତ୍ରିଭୁବନ ସିଂହ ଯାଦବ (୩୨), ଉତ୍ତରପ୍ରଦେଶ ବଲିଆ ଜିଲ୍ଲା ଫେଫନା ଥାନା ମନ୍ନୋପୁରର ରବି



ପ୍ରକାଶ ଯାଦବ (୨୦) ଓ ଉତ୍ତରପ୍ରଦେଶ ଆଲାହାବାଦ (ପ୍ରୟାଗରାଜ) ଜିଲ୍ଲା ଝୁନସୀ ଥାନା ସୁଦାନୀପୁରର ସତୀଶ କୁମାର ଗୌଡ଼ (୩୦)। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚାରମାଲ ଥାନାଧିକାରୀ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇଥିଲେ। ଆଜି ସକାଳ ପ୍ରାୟ ୭ଟା ୨୦ ମିନିଟ ସମୟରେ ସୋନପୁର ଅଞ୍ଚଳରୁ ଚୋରା ଗଞ୍ଜେଇ ଥିବା କାର୍ (ରୂପା ରଙ୍ଗର ହୁଣ୍ଡାଇ ଗେଟ୍‌ଜ କାର ନଂ. ଓଆର୍ ୦୨ ଏଡି-୩୨୪୯) ଟି ମୋଚିବାହାଲ ଜଙ୍ଗଲ ରାସ୍ତା ଦେଇ ଉତ୍ତର ପ୍ରଦେଶ ଅଭିମୁଖେ ସମ୍ବଲପୁର ଦେଇ ଯାଉଥିଲା। ଚଢ଼ଉ କରି ଗାଡ଼ିରୁ ଏକ ଧଳା ରଙ୍ଗର ଜରି ବ୍ୟାଗ ଜବତ କଲା, ଯେଉଁଥିରେ ମୋଟ ୨୭.୯୮୦ କିଲୋଗ୍ରାମ ଓଜନର ଗଞ୍ଜେଇ ଥିଲା। କାର୍‌ଟିକୁ ଜବତ କରିବାସହ ଅଭିଯୁକ୍ତ ମାନଙ୍କଠାରୁ ୬ଟି ମୋବାଇଲ ଫୋନ, ନଗଦ ୧୦୬୦ ଟଙ୍କା ଜବତ କରାଯାଇଛି। ଚାରମାଲ ଥାନାରେ କେସ୍ ରୁଜୁ କରାଯାଇ, ଆଜି ସମସ୍ତ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୁଲିସ କହିଛି।

# ମହିଳା ମହାବିଦ୍ୟାଳୟରେ ଗଙ୍ଗାଧର ମେହେର ଜୟନ୍ତୀ

ସମ୍ବଲପୁର, ୮।୯ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟର ସାହିତ୍ୟ ସଂସଦ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ମୁଖ୍ୟ ଆଲୋଚକ ଭାବରେ ଗଙ୍ଗାଧର ସାହିତ୍ୟର ବିଦଗ୍ଧ ପ୍ରଚାରକ ତଥା କବି ସୁରେଶ ପ୍ରଧାନ ଯୋଗଦାନ କରିଥିଲେ। ଆଲୋଚକ ଶ୍ରୀ ପ୍ରଧାନ ଗଙ୍ଗାଧର କାବ୍ୟଧାରାର ବହୁମୁଖୀ ଦିଗ ଉପରେ ଆଲୋଚନା କରିଥିଲେ। ସାହିତ୍ୟ ସଂସଦର ଉପସଭାପତି ପ୍ରଫେସର ଅଖିଳ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ରାଜକିରଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କବି ଗଙ୍ଗାଧରଙ୍କୁ ଆଧାର କରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଫେସର ରମେଶ ଚନ୍ଦ୍ର ମିର୍ଦ୍ଧା ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ପ୍ରଫେସର ଭୋଜରାଜ ରୋହିଦାସ, ପ୍ରଜ୍ଞାପିତା ଦାସ, ଆର୍ତ୍ତତ୍ରାଣ ସୁନା, ରବୀନ୍ଦ୍ର ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ପ୍ରଶାନ୍ତ ପ୍ରଧାନ, ସଞ୍ଜୟ ପ୍ରସାଦ ପଟ୍ଟନାୟକ, ସୁରେଖା ଛତ୍ରିଆ, ରଞ୍ଜିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

# ୧୨ରେ ବିଦ୍ୟୁତ୍ ଚୋରି ମାମଲାର ସମାଧାନ ପାଇଁ ତୃତୀୟ ଜାତୀୟ ଲୋକ ଅଦାଲତ

## ସାମିଲ ହେଲା ଟିପିଡବ୍ଲୁଓଡିଏଲ

ସମ୍ବଲପୁର, ୮।୯ (ସମିସ): ଜାତୀୟ ଆଇନ ସେବା ପ୍ରାଧିକରଣ (ଏନ୍‌ଏଲ୍‌ଏସ୍‌ଏ) ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ) ପକ୍ଷରୁ ସମଗ୍ର ଭାରତରେ ଆୟୋଜିତ ହେଉଥିବା ତୃତୀୟ ଜାତୀୟ ଲୋକ ଅଦାଲତରେ ସାମିଲ ହେବ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲୁଡିଏଲ୍)। ଏହି ଲୋକ ଅଦାଲତ ୧୨ ତାରିଖ ସକାଳ ୧୦ରୁ ସନ୍ଧ୍ୟା ୫:୦୦ଟା ପର୍ଯ୍ୟନ୍ତ ଆୟୋଜିତ ହେବ। ଏଣୁ କମ୍ପାନୀ ପକ୍ଷରୁ ଜନସାଧାରଣ ତଥା ଏହାର ସମସ୍ତ ବିଦ୍ୟୁତ୍ ଗ୍ରାହକମାନଙ୍କୁ ସୂଚିତ କରାଯାଉଅଛି ଯେ, ଆସନ୍ତା ଲୋକ ଅଦାଲତରେ ସାମିଲ ହୋଇ ବିଚାରାଧୀନ ରହିଥିବା ସେମାନଙ୍କର ସମସ୍ତ ପ୍ରକାର ଅନାଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କରାଇ ସର୍ବାଧିକ ଲାଭ ଉଠାଇପାରିବେ।

ଏହି ପଦକ୍ଷେପ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଶୀଘ୍ର, ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ଉପାୟରେ ବିଚାରାଧୀନ ଥିବା ସମସ୍ତ ପ୍ରକାର ଅନଧିକୃତ ବିଦ୍ୟୁତ୍ ବ୍ୟବହାର ତଥା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ପାଇଁ ଏକ ସୁଯୋଗ ପ୍ରଦାନ କରୁଛି। ସୁଗମ ସୁବିଧା ସୁନିଶ୍ଚିତ କରିବା ନିମନ୍ତେ କମ୍ପାନୀ ପକ୍ଷରୁ ଏହାର ସମସ୍ତ ସବ-ଡିଭିଜନାଲ୍ (ଏସଡିଓ) ଏବଂ ସେକ୍ସନ ଅଫିସମାନଙ୍କରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଯେଉଁଠାରେ ଲୋକ ଅଦାଲତ ସମୟରେ ଡକ୍ୟୁମେଣ୍ଟେସନ୍, ଭେରିଫିକେସନ୍ ଏବଂ ପେମେଣ୍ଟ ସମ୍ବନ୍ଧୀୟ ସମସ୍ତ ସହଯୋଗ କରାଯିବ। ସୂଚନାଥାଉ କି, ବିଚାରାଧୀନ ଥିବା ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ ନିମନ୍ତେ ପଞ୍ଜୀକରଣ ଏବଂ ଆବଶ୍ୟକୀୟ ପ୍ରାରମ୍ଭିକ ଔପଚାରିକତା ସମାପ୍ତ କରିବା ପାଇଁ ଗ୍ରାହକମାନେ ଯଥାଶୀଘ୍ର ସେମାନଙ୍କର ନିକଟତମ ସବ-ଡିଭିଜନାଲ୍ କିମ୍ବା ସେକ୍ସନ ଅଫିସକୁ ଯିବାପାଇଁ କମ୍ପାନୀ ପକ୍ଷରୁ ପରାମର୍ଶ ଦିଆଯାଇଛି। ଯାହାଫଳରେ ଗ୍ରାହକମାନେ ଏହି ଦିନିକିଆ ଲୋକ ଅଦାଲତର ସର୍ବାଧିକ ଲାଭ ଉଠାଇ ପାରିବେ। ଅଧିକ ବିବରଣୀ ପାଇଁ, ଗ୍ରାହକମାନେ ସେମାନଙ୍କର ନିକଟତମ ଏସଡିଓ କିମ୍ବା ସେକ୍ସନ ଅଫିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ଟିପିଡବ୍ଲୁଓଡିଏଲ୍ ନିର୍ଭରଯୋଗ୍ୟ, ସୁରକ୍ଷିତ ଏବଂ ଗ୍ରାହକ-କେନ୍ଦ୍ରିକ ବିଦ୍ୟୁତ ସେବା ପ୍ରଦାନ ସହିତ ବିଦ୍ୟୁତ ଭିତ୍ତିଭୂମିର ଆଧୁନିକୀକରଣ, କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା, ଡିଜିଟାଲ ରୂପାନ୍ତରଣ, ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ ବିକାଶ ପଦକ୍ଷେପକୁ ଆଗେଇ ନେବା ପାଇଁ ପ୍ରତିବଦ୍ଧ ଅଟେ ବୋଲି କମ୍ପାନୀ ପକ୍ଷରୁ ପ୍ରେସବିଜ୍ଞପ୍ତିରେ କୁହାଯାଇଛି।

# ହୀରାକୁଦର ଗୋଟିଏ ଗେଟ୍ ଦେଇ ଜଳ ନିଷ୍କାସନ

ସମ୍ବଲପୁର, ୮।୯ (ସମିସ): ହୀରାକୁଦ ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍। ଏବେ ଜଳସ୍ତର ୬୨୮ ଫୁଟ୍‌ରୁ ଅଧିକ ହେଲାଣି। ହୀରାକୁଦ ଉପରମୁଣ୍ଡରେ ବର୍ଷା ହ୍ରାସ ପାଇବା ସହ ପ୍ରବେଶ ଜଳ ପରିମାଣ କମିବାପରେ ଆଜି ସକାଳ ୬ଟା ୪୫ ମିନିଟ୍ ସମୟରେ ଆଉ ଗୋଟିଏ ଗେଟ୍ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ନଦୀବନ୍ଧର ଗୋଟିଏ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୮.୪୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୪, ୧୬୬ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୫୧, ୪୫୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧୬୩୧୯ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୧୨୧୪ କ୍ୟୁସେକ୍, ଜଳସେଚନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୬୯୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୧, ୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୨୨, ୯୦୯ କ୍ୟୁସେକ୍, ଖଇରମାଲଠାରେ ୮୮, ୦୦୦ କ୍ୟୁସେକ୍, ବାରମୁଲଠାରେ ୮୮, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧, ୪୩, ୬୭୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧.୨୯ ମିମି ବର୍ଷା ରେକର୍ଡ କରାଯାଇଛି।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜୟନ୍ତୀ ବର୍ଷରେ ଆଲୋଚନାଚକ୍ର

ସମ୍ବଲପୁର, ୮।୯ (ସମିସ): ଶିଳ୍ପାୟନ ନାମରେ ପଶ୍ଚିମ ଓଡ଼ିଶାର ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ଆଉ ଚାପ ସୃଷ୍ଟି କରାଯିବା ଉଚିତ ନୁହେଁ। ଏହି ଅଞ୍ଚଳର ପରିବେଶର ବହନ କ୍ଷମତା ପ୍ରାୟ ପୂରଣ ହୋଇସାରିଥିବାରୁ ଆଉ ଖଣିଜଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଅନୁମତି ନଦେଇ କୃଷିଭିତ୍ତିକ ଓ ପରିବେଶ ଅନୁକୂଳ ଶିଳ୍ପକୁ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ବୋଲି ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ 'ପଶ୍ଚିମ ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ଓ ବିପର୍ଯ୍ୟୟ ପ୍ରତିରୋଧ କ୍ଷମତା' ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ




୧୨୫ତମ ଜୟନ୍ତୀ ପାଳନ ଅବସରରେ ବର୍ଷବ୍ୟାପୀ ହେଉଥିବା ବିବିଧ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଆୟୋଜିତ ଏହି ଆଲୋଚନାଚକ୍ରକୁ ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ସ୍ମୃତି ସମିତିର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ମୁଖ୍ୟବକ୍ତା ଏବଂ ବିହାରର ଗୋପାଳ ନାରାୟଣ ସିଂହ ବିଶ୍ୱବିଦ୍ୟାଳୟର ଆଇନ ବିଭାଗ ନିର୍ଦ୍ଦେଶକ ପ୍ରଫେସର ବିଜୟାନନ୍ଦ ବେହେରା ଓ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ସେବକ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସ୍ମୃତି ସମିତିର ଉପସଭାପତି ଅରବିନ୍ଦ ମହାପାତ୍ର ଆଲୋଚନାଚକ୍ର ଆୟୋଜନର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସମ୍ପାଦକ ହେମନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଇଂ ସୁଶାନ୍ତ ଗୁରୁଙ୍କ ସଂଯୋଜନାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ରୀବନ୍ତ ଦାଶ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଏସ୍ କେ ପଟ୍ଟନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ମଳୟ ମହାନନ୍ଦ, ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂ ଯଶୋବନ୍ତ ପରିଡ଼ା, ଝାରସୁଗୁଡାର ଆଞ୍ଚଳିକ ପରିବେଶ ସୁରକ୍ଷା ସଂଘର ସଭାପତି ସତ୍ୟନାରାୟଣ ରାଓ, ଭୁବନେଶ୍ୱରର ସାମାଜିକ କର୍ମୀ ବିଜୟ ପରିଡ଼ା, ରାଜାରାମ ଷଡ଼ଙ୍ଗୀ, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ପଶ୍ଚିମ ଓଡ଼ିଶାରେ ଦ୍ରୁତ ଶିଳ୍ପାୟନ ଯୋଗୁଁ ବଢୁଥିବା ପ୍ରଦୂଷଣ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାଛଡ଼ା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ମୁଖ୍ୟ ପ୍ରଫେସର ସଞ୍ଜିତ କୁମାର ସାହୁଙ୍କ ପ୍ରବନ୍ଧକୁ ପାଠ କରାଯାଇଥିଲା। ଆଲୋଚନାଚକ୍ରର ପ୍ରତ୍ୟେକ ଉପସ୍ଥାପନାକୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ଝରଣା ମିଶ୍ର ସମୀକ୍ଷା କରିଥିଲେ।

ଏହି ଅବସରରେ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡ. ଶ୍ରୀନିବାସ ଉଦଗାତାଙ୍କ ଲିଖିତ ନୃସିଂହ ଗୁରୁଙ୍କ ଜୀବନୀ ଆଧାରିତ ହିନ୍ଦୀ ପୁସ୍ତକ 'ଓଡ଼ିଶା କେ ଗାନ୍ଧୀ ନୃସିଂହ ଗୁରୁ: ବ୍ୟକ୍ତି ଔର ବ୍ୟକ୍ତିତ୍ୱ'କୁ ଉନ୍ମୋଚନ କରାଯାଇଥିଲା। ଉନ୍ମୋଚନ ଉତ୍ସବରେ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳସଚିବ ପ୍ରଫେସର ଜୟନ୍ତ କର ଶର୍ମା, ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅବସରପ୍ରାପ୍ତ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ, ସଂସ୍କୃତି ଗବେଷକ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ପରମାଣପୁର ଡ. ଝସକେତନ ସାହୁ ମହାବିଦ୍ୟାଳୟର ଅଧ୍ୟାପକ ଅଶ୍ୱିନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ରାଜେନ୍ଦ୍ର ସତନାମୀ, ତନ୍ମୟ ବାରିକ, ଅଧ୍ୟାପକ ଦୀପେନ ପଟ୍ଟନାୟକ, ଲୋକନାଥ ରାଉତ, ଅମରନାଥ ମହାପାତ୍ର ସହଯୋଗ କରିଥିଲେ।

## ଏନ୍‌ଏଲ୍‌ସି ପ୍ରକଳ୍ପ ପ୍ରଭାବିତଙ୍କ ଆର୍‌ପିଡିଏସି ବୈଠକ

# ସାମାଜିକ-ଅର୍ଥନୈତିକ ବିକାଶ, ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ

ସମ୍ବଲପୁର, ୮।୯ (ସମିସ)




ସମ୍ବଲପୁର ଏବଂ ଝାରସୁଗୁଡ଼ା ଜିଲ୍ଲାରେ ଏନ୍‌ଏଲ୍‌ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା କୋଇଲା ଖଣି ଏବଂ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ଗଠିତ ପୁନର୍ବାସ ତଥା ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆର୍‌ଡିସି କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳବାସୀଙ୍କ ମୌଳିକ ସମସ୍ୟା ଓ ଅଧିକାର ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। ଏହି ବୈଠକରେ ଜମି ଅଧିଗ୍ରହଣ ସମେତ ଉଚିତ୍ କ୍ଷତିପୂରଣ ପ୍ରଦାନ, ଥଇଥାନ ବ୍ୟବସ୍ଥା, ସ୍ଥାନୀୟ ଲୋକଙ୍କ ନିଯୁକ୍ତି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ତାଲିମ, ପାରିପାର୍ଶ୍ୱିକ ଉନ୍ନୟନ ତଥା ପରିବେଶ ସୁରକ୍ଷା ଭଳି ପ୍ରମୁଖ ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବିଶେଷ କରି ଉଚିତ୍ ତଥା ବର୍ଦ୍ଧିତ କ୍ଷତିପୂରଣ (ପ୍ରୋଗ୍ରେସିଭ୍ କମ୍ପେନ୍‌ସେସନ୍) ପ୍ରଦାନ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଏଥିସହ ଲୋକଙ୍କ ଘର କିମ୍ବା ସଂରଚନାର ମୂଲ୍ୟାୟନରେ ଥିବା ତାରତମ୍ୟ (ଷ୍ଟ୍ରକ୍‌ଚର୍ ଭେରିଏସନ୍), ମୂଲ୍ୟ ନିର୍ଦ୍ଧାରଣରେ ଥିବା ତ୍ରୁଟିବିଚ୍ୟୁତି, ପ୍ରାପ୍ୟ ପ୍ରଦାନରେ ସମସ୍ୟା ଏବଂ ସୁଧାର ନେଇ ସବିଶେଷ ସମୀକ୍ଷା କରାଯାଇଛି। ଏହାବ୍ୟତୀତ ଥଇଥାନ ଓ ପୁନର୍ବାସ (ଆର୍‌ଆଣ୍ଡଆର୍) ନୀତି, କେତେକ ସ୍ୱତନ୍ତ୍ର ମାମଲା ଏବଂ ପଞ୍ଚମ ପର୍ଯ୍ୟାୟ ଥଇଥାନ ତଥା ପାରିପାର୍ଶ୍ୱିକ ଉନ୍ନୟନ ଉପରେ ପୁଙ୍ଖାନୁପୁଙ୍ଖ ବିଚାରବିମର୍ଶ କରାଯାଇଛି। ପ୍ରକଳ୍ପ ଅଞ୍ଚଳରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଅଭିଯୋଗର ଦ୍ରୁତ ଶୁଣାଣି ପାଇଁ ଏକ ସ୍ୱତନ୍ତ୍ର 'ଉପ-କମିଟି' ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଲୋକମାନେ ନିଜର ସମସ୍ୟାଗୁଡ଼ିକୁ ଏହି ଉପ-କମିଟି ଆଗରେ ରଖିପାରିବେ ଏବଂ ସେଠାରେ ଆଲୋଚନା ହେବା ପରେ ତାହାକୁ ପରବର୍ତ୍ତୀ ଆର୍‌ପିଡିଏସି ବୈଠକରେ ଉପସ୍ଥାପନ କରାଯିବ। ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଏନ୍‌ଏଲ୍‌ସି ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ପ୍ରଭାବିତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ହ୍ରାସ କରିବା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହାଛଡ଼ା ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଆତ୍ମନିଯୁକ୍ତି ଏବଂ ଦକ୍ଷତା ବିକାଶ ତାଲିମ ଯୋଗାଇଦେବା ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଛି।

ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଏହି ଅଞ୍ଚଳର ବହୁ ଲୋକ ପୂର୍ବରୁ ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟରେ ବିସ୍ଥାପିତ ହୋଇଥିଲେ ଏବଂ ଏବେ ସେମାନେ ପୁନର୍ବାର ପ୍ରକଳ୍ପ ପାଇଁ ପ୍ରଭାବିତ ହେଉଛନ୍ତି। ଏହି ଅଞ୍ଚଳରେ ମୁଖ୍ୟତଃ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ ଏବଂ ସମାଜର ଆର୍ଥିକ ଅନଗ୍ରସର ଲୋକମାନେ ବସବାସ କରୁଥିବାରୁ ସେମାନଙ୍କ ସ୍ୱାର୍ଥର ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ ବୋଲି ସେ କହିଥିଲେ। ଆର୍‌ଡିସିଙ୍କ ନେତୃତ୍ୱରେ ଆର୍‌ପିଡିଏସି କମିଟି ପକ୍ଷରୁ ଏନ୍‌ଏଲ୍‌ସି କମ୍ପାନୀକୁ ଯେଉଁସବୁ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି, ତାହାକୁ କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ତଥା ସଠିକ୍ ଭାବରେ କାର୍ଯ୍ୟକାରୀ କରିବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟାର ସମାଧାନ ସହ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ସୁନିଶ୍ଚିତ କରିବା ରାଜ୍ୟ ପ୍ରଶାସନ ତଥା କମିଟିର ମୁଖ୍ୟ ଆଭିମୁଖ୍ୟ ବୋଲି ସେ କହିଛନ୍ତି। ବୈଠକରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ।

● ସୁନାବେଡ଼ା ଅଭୟାରଣ୍ୟରେ ବାଘ ଆତଙ୍କ

# ଦେଓସିଲ ଗାଁରେ ବାଛୁରୀକୁ ମାରି ଖାଇଲା

କୋମନା, ୮।୯(ସମିସ): ସୁନାବେଡ଼ା ଅଭୟାରଣ୍ୟ ଅଞ୍ଚଳରେ ପୁଣିଥରେ ବନ୍ୟଜନ୍ତୁଙ୍କ ଉପଦ୍ରବ ବୃଦ୍ଧି ପାଇଛି। ଅଭୟାରଣ୍ୟର ଶୋଷେଙ୍ଗ ସେକ୍ସନ ଅଧୀନ ଦେଓସିଲ ବିଟ୍ ଦେଓସିଲ ଗାଁରେ ଏକ ବାଘ ଆକ୍ରମଣରେ ଜଣେ ଚାଷୀଙ୍କ ବାଛୁରୀର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଦେଓସିଲ ଗାଁର ବ୍ୟାସଦେବ ମାଝୀଙ୍କ ଏକ ବାଛୁରୀ ଗତକାଲି ରାତିରେ ଗାଁ ଦାଣ୍ଡରେ ଶୋଇଥିବା ସମୟରେ ଏକ ବାଘ ହଠାତ୍ ଆକ୍ରମଣ କରିଥିଲା। ବାଘଟି ବାଛୁରୀଟିକୁ ମାରି ଖାଇଯାଇଥିବା ଜଣାପଡ଼ିଛି। ଆଜି ସକାଳେ ଏ ସମ୍ପର୍କରେ ଖବର ପାଇବା ପରେ ସୁନାବେଡା ଅଭୟାରଣ୍ୟର ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତରୁ ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ଏହା ଏକ କଲରାପତରିଆ ବାଘ ବୋଲି ବନ ବିଭାଗ ଅନୁମାନ କରୁଛି।

# ଜୁନାଗଡ଼ ଦଧିବାମନ ମନ୍ଦିରରେ ନୂଆଖାଇ ଲଗ୍ନ ଧାର୍ଯ୍ୟ

ଜୁନାଗଡ଼, ୮।୯(ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ଦଧିବାମନ ମନ୍ଦିର ପରିସରରେ ଏକ ପଣ୍ଡିତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଧିବାମନ ମନ୍ଦିରର ବଡ଼ ପଣ୍ଡା ନଳିନୀ ରଞ୍ଜନ ବଡ଼ ପଣ୍ଡାଙ୍କ ସଭାପତିତ୍ୱରେ ଜ୍ୟୋତିର୍ବିଦ ପଣ୍ଡିତ ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ, ଫକୀର ନାରାୟଣ ପଟ୍ଟଯୋଶୀ, ମଧୁସୂଦନ ପୁରୋହିତ ଏବଂ ଫକୀର ପାତ୍ରଙ୍କ ଉପସ୍ଥିତିରେ ନବାନ୍ନ ଲଗ୍ନ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ପରେ ସେପ୍ଟେମ୍ବର ୧୫ ତାରିଖ ସକାଳ ୯ ଟା ୪୯ ମିନିଟ ଗତେ ୧୦ ଟା ୩ ମିନିଟ ମଧ୍ୟେ ତୁଲା ଲଗ୍ନେ ବୃଷ ଶ୍ରୀଶ୍ରୀ ଦଧିବାମନ ମହାପ୍ରଭୁ ନିକଟରେ ନବାନ୍ନ ଲାଗି ହେବ ବୋଲି ପୂର୍ବତନ ନଗର ପାଳ ମାଣିକ ଚାନ୍ଦ ଅଗ୍ରୱାଲ ସୂଚନା ଦେଇଛନ୍ତି।

ମା' ଘାଟିମୁଣ୍ଡିଆଣୀଙ୍କ ଡଙ୍ଗର ଯାତ୍ରା ସମ୍ପନ୍ନ

# ପ୍ରକୃତି ପୂଜା ସହ ରକ୍ତରଞ୍ଜିତ ହେଲା ଦେବୀଙ୍କ ପୀଠ

କୋକସରା, ୮।୯(ସମିସ)

କଳାହାଣ୍ଡିର ପ୍ରାଚୀନ ଆଦିବାସୀ ପରମ୍ପରା, ପ୍ରକୃତି ପୂଜା ଓ ମାତୃ ଉପାସନାର ଅନନ୍ୟ ପ୍ରତୀକ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀଙ୍କ ପ୍ରସିଦ୍ଧ 'ଡଙ୍ଗର ଯାତ୍ରା' ପାରମ୍ପରିକ ବିଧିବିଧାନ ସହ ମଙ୍ଗଳବାର ସମ୍ପନ୍ନ ହୋଇଛି। କୋକସରା ବ୍ଲକର ସୀମାନ୍ତ ଗୋତମୁଣ୍ଡା ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଅଠରନଳା ଘାଟିରେ ଅନୁଷ୍ଠିତ ଏହି ଯାତ୍ରାରେ କଳାହାଣ୍ଡି, ନବରଙ୍ଗପୁର ଓ ପଡ଼ୋଶୀ ରାଜ୍ୟରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଥା ଅନୁସାରେ, ଶ୍ରାବଣ ମାସ ପୂର୍ଣ୍ଣିମା ପରବର୍ତ୍ତୀ ମଙ୍ଗଳବାର ଦିନ ଏହି ଯାତ୍ରା କରାଯାଇଥାଏ। ହେଲେ ଚଳିତ ବର୍ଷ କୌଣସି କାରଣରୁ ସପ୍ତାହେ ବିଳମ୍ବରେ ଏହି ଯାତ୍ରା ପାଳନ ହୋଇଥିଲେ ହେଁ ଜନ ସମୁଦ୍ର



ହୋଇଥିଲା ଦେବୀଙ୍କ ପୀଠ। ସକାଳୁ ଗ୍ରାମ ପୁଝାରୀଙ୍କ ନେତୃତ୍ୱରେ ଗୋତମୁଣ୍ଡା ଗ୍ରାମରୁ କାଳିସି ଓ ଲାଠି ଯାତ୍ରା ସହ ଶ୍ରଦ୍ଧାଳୁମାନେ ପ୍ରାୟ ଅଢ଼େଇ କିଲୋମିଟର ରାସ୍ତା ଚାଲିଚାଲି ଦେବୀଙ୍କ ଜଙ୍ଗଲ ମଧ୍ୟରେ ଥିବା ଆସ୍ଥାନରେ ପହଞ୍ଚିଥିଲେ। ମା' ସର୍ବମଙ୍ଗଳାଙ୍କ ମୁଖ୍ୟ ପୁଝାରୀ ମନୋହର ପୁଝାରୀ ଦେବୀଙ୍କ ସମସ୍ତ ପୂଜାକାର୍ଯ୍ୟ ଓ ତନ୍ତ୍ର ଗୁପ୍ତନୀତି ସମ୍ପାଦନ କରିଥିଲେ। ଏହି ଯାତ୍ରାରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଶୁକ୍ଳ ଭୋଗ ସହ ବହୁ ସଂଖ୍ୟାରେ ରକ୍ତ ଭୋଗ ଅର୍ପଣ କରିଥିଲେ। ନିଜର ମାନସିକ ପୂରଣ ପାଇଁ ଶତାଧିକ ଭକ୍ତ ପାରା, କୁକୁଡ଼ା ଓ ବୋଦା ବଳି ଦେଇଥିଲେ। ଶହ ଶହ ପଶୁପକ୍ଷୀଙ୍କ ବଳି ଯୋଗୁଁ ଦେବୀଙ୍କ ପୀଠ ରକ୍ତରଞ୍ଜିତ ହୋଇଉଠିଥିଲା। କଳାହାଣ୍ଡିର ଏହି ପ୍ରାଚୀନ ଅଭିଚାର ତନ୍ତ୍ର ଓ ଆଦିବାସୀ ସଂସ୍କୃତିର ଧାରା ଆଜି ବି ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। କମିଟିର ସଭାପତି ହେମନ୍ତ ମାଝୀ, ନାଏବ ସରପଞ୍ଚ ପାର୍ଥବ ମାଝୀ, ପୂର୍ଣ୍ଣଚନ୍ଦ୍ର ନାଏକ, ହିମାଞ୍ଚଳ ପୁଝାରୀ, ବଳିଆର ସିଂ ମୋରାଇ, ରତନ ମାଝୀ, ଲକ୍ଷ୍ମୀଧର ପଟେଲ, ଯଦୁମଣି ଦୁର୍ଗା, ନିରଞ୍ଜନ ବାଗ, ବଳରାମ ମାଝୀ, ମୁକୁନ୍ଦ ନାଗେଶ ସମେତ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ଆମପାଣି ଥାନା ପୋଲିସ ଓ ଆଇଆରବି ଜବାନମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଶବ ବୋହିବାକୁ ପଡ଼ିଥିଲା ୮ କିମି; କାଦୁଅ ସଫା କଲା ପଞ୍ଚାୟତ

ଥୁଆମୂଳ ରାମପୁର, ୮।୯(ସମିସ): ଗ୍ରାମବାସୀଙ୍କ ଦୀର୍ଘଦିନର ଅସନ୍ତୋଷ ଓ ନିଜସ୍ୱ ଉଦ୍ୟମ ଶେଷରେ ପ୍ରଶାସନକୁ ରାସ୍ତା ସଫା କରିବାକୁ ବାଧ୍ୟ କରିଛି। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅଧୀନ ପାଡ଼େପଦର ପଞ୍ଚାୟତର ଦୁରେଶପଦର ଶିବ ମନ୍ଦିରଠାରୁ ଡୁମୁଲି ନାଲା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାରେ ଜେସିବି ସାହାଯ୍ୟରେ କାଦୁଅ ସଫା କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନା ଅନୁସାରେ, ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ଅଟକଳରେ ମେଟାଲ ମୁରୁମ ରାସ୍ତା ନିର୍ମାଣ ପ୍ରକଳ୍ପ ରଖାଯାଇଥିଲା। ତେବେ ଅଭିଯୋଗ ଅନୁସାରେ, ରାସ୍ତାରେ ଆବଶ୍ୟକ ମେଟାଲ କିମ୍ବା ମୁରୁମ ପକାଯାଇ ନ ଥିବାବେଳେ କେବଳ ଜେସିବି ମେସିନ୍‌ରେ ଭଲ ଥିବା ରାସ୍ତାକୁ ଖଲତାଡ଼ କରାଯାଇଥିଲା। ମୁରୁମ ବଦଳରେ କାଦୁଅ ମାଟି ପଡ଼ିଥିବାରୁ ଲଗାଣବର୍ଷା ପରେ



ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ଅଞ୍ଚଳବାସୀ କହିଛନ୍ତି। ରାସ୍ତାର ଦୁରବସ୍ଥା କେତେ ଗମ୍ଭୀର, ତାହାର ଏକ ହୃଦୟବିଦାରକ ଚିତ୍ର ଗତ ଅଗଷ୍ଟ ୧୧ ତାରିଖରେ ସାମ୍ନାକୁ ଆସିଥିଲା। ଭାଟିପାସ ଗ୍ରାମର ଶିବ ମାଝି ହାଇଦରାବାଦରେ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମୃତଦେହ ନେଇ ଆସିଥିବା ଆମ୍ବୁଲାନ୍ସ କାଦୁଅରେ ପଚପଚ ହୋଇଥିବା ରାସ୍ତାରେ ଡୁମୁଲି ନାଲା ନିକଟରେ ଆଗକୁ ଯାଇନପାରି ଅଟକି ଯାଇଥିଲା। ଫଳରେ ରାତିସାରା ଜଙ୍ଗଲ ମଧ୍ୟରେ ମୃତଦେହ ରହିଥିଲା। ପରଦିନ ସକାଳେ ପରିବାର ଲୋକ ଓ ଗ୍ରାମବାସୀ ମିଶି କାଦୁଅ ରାସ୍ତାରେ ମୃତଦେହକୁ ବୋହି ପ୍ରାୟ ୮ କିଲୋମିଟର ଦୂର ଭାଟିପାସ ଗ୍ରାମକୁ ନେଇଥିଲେ। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲେ ମଧ୍ୟ ରାସ୍ତାର ମରାମତି କିମ୍ବା କାଦୁଅ ସଫା ପାଇଁ ପଞ୍ଚାୟତ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ ତତ୍କାଳ କୌଣସି ପଦକ୍ଷେପ ନିଆଯାଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଏଭଳି ଘଟଣା ଘଟିବା ସତ୍ତ୍ୱେ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ନ ହେବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଶେଷରେ ଗ୍ରାମବାସୀ ନିଜେ ରାସ୍ତାର କାଦୁଅ ସଫା କରିବାକୁ ଅଣ୍ଟା ଭିଡ଼ିଥିଲେ। ଗ୍ରାମବାସୀଙ୍କ ଏହି ସାମୂହିକ ଉଦ୍ୟମ ଓ ଅସନ୍ତୋଷକୁ ଦେଖି ଶେଷରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଲଗାଇ ରାସ୍ତାର କାଦୁଅ ସଫା କାର୍ଯ୍ୟ ଆରମ୍ଭ କରାଯାଇଥିବା ସମାଜସେବୀ ଶଙ୍କର ପ୍ରସାଦ ନାଏକ ସୂଚନା ଦେଇଛନ୍ତି।

● ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୫୦ ଜଣଙ୍କୁ ମିଳିଲା ଉଦ୍ୟମ ପ୍ରମାଣପତ୍ର

ଗୋଲାମୁଣ୍ଡା, ୮।୯(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଥମ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଓ ଏଆରସି ଶିବିର ସଫଳତାର ସହ ସମ୍ପନ୍ନ ହୋଇଛି। ବ୍ଲକ ପ୍ରଶାସନ ଓ ସାମାଜିକ ସୁରକ୍ଷା ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି ମେଗା ଶିବିରରେ ଶତାଧିକ ଭିନ୍ନକ୍ଷମ ସେମାନଙ୍କ ସରକାରୀ ସୁବିଧା ସୁଯୋଗ ପାଇଁ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗୋଲାମୁଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ବିଶ୍ୱନାଥ ରାଉତ, ଏବିଡିଓ ବିଜୟ କୁମାର ନାଏକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ମିଶ୍ର, ବୃଷବ ନାଏକ, ଜୟକୃଷ୍ଣ ସାହୁ, ଜୟନ୍ତ ସିଂ, ଦୋଳମଣୀ ପ୍ରଧାନ, ଶ୍ୟାମସୁନ୍ଦର ଅଗ୍ରୱାଲ, ଚନ୍ଦ୍ରଶେଖର ମୁଣ୍ଡ, ବିଶ୍ୱରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୩୫୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ୫୦ଟି ନୂତନ ଉଦ୍ୟମ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଭିନ୍ନକ୍ଷମ ସଶକ୍ତିକରଣକୁ ଆଖିରେ ରଖି ଶିବିରରେ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଜାତୀୟ ଛାତ୍ରବୃତ୍ତି ପାଇଁ ମନୋନୀତ କରାଯାଇଥିବା ବେଳେ, ମୋଟ ୩୮ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅଧୀନରେ ଭତ୍ତା ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି। ଶିବିର ଅବସରରେ ଉପସ୍ଥିତ ହିତାଧିକାରୀଙ୍କୁ ସହାୟକ ଉପକରଣ ମଧ୍ୟ ବଣ୍ଟନ କରାଯାଇଥିଲା। ସେହିପରି ପ୍ରୋସଥେଟିକ୍ସ ଓ ଅର୍ଥୋଟିକ୍ସ ୟୁନିଟ୍ ଦ୍ୱାରା ୩୨ ଜଣଙ୍କ ପାଇଁ କୃତ୍ରିମ ଅଙ୍ଗ ଏବଂ ସହାୟକ ଉପକରଣ ନିର୍ଦ୍ଧାରଣ କରାଯାଇଛି, ଯାହା ଆଗାମୀ ଦିନରେ ସେମାନଙ୍କୁ ପ୍ରଦାନ କରାଯିବ।



# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ ପରିଷଦ ବୈଠକ

ଖଡ଼ିଆଳ, ୮।୯(ସମିସ): ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ 'ବୋର୍ଡ ଅଫ୍ ଷ୍ଟଡିଜ୍' (ଅଧ୍ୟୟନ ପରିଷଦ)ର ବୈଠକ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁକ୍ତ ତିନି ପରୀକ୍ଷା ନିୟନ୍ତ୍ରକ ଡ. ରଣବୀର ସିଂହଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ଅବିଭକ୍ତ କଳାହାଣ୍ଡି-ନୂଆପଡ଼ା ଅଞ୍ଚଳର ବରିଷ୍ଠ ଅଧ୍ୟାପକ ଓ ଅଧ୍ୟାପିକା, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ମନୋନୀତ ବିଭିନ୍ନ ବିଭାଗର ଅଧ୍ୟାପକ-ଅଧ୍ୟାପିକା, ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମେତ ବିଭାଗର ପୁରାତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଆଗାମୀ ଶିକ୍ଷାବର୍ଷରେ ଛାତ୍ରଛାତ୍ରୀଙ୍କ ଜ୍ଞାନ, ଦକ୍ଷତା ଓ ଭବିଷ୍ୟତ ଲକ୍ଷ୍ୟ ପୂରଣରେ ସହାୟକ ହେବା ଭଳି ପାଠ୍ୟକ୍ରମ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା, ଯୁକ୍ତ ତିନି ପରୀକ୍ଷା ନିୟନ୍ତ୍ରକ ଡ. ରଣବୀର ସିଂହ, ପରୀକ୍ଷା ଡେପୁଟି ନିୟନ୍ତ୍ରକ ଡ. ରାଜକୁମାର ରତେ, ସହ-ନିୟନ୍ତ୍ରକ ଶୁଭେନ୍ଦୁ ନିଆଲ ପ୍ରମୁଖ ସମସ୍ତ ଅତିଥି ଓ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅଧ୍ୟୟନ ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ଶିକ୍ଷାଗତ ପଦକ୍ଷେପ ଆଗାମୀ ଶିକ୍ଷାବର୍ଷକୁ ଅଧିକ ସଫଳ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଲକ୍ଷ୍ୟସାଧନରେ ସହାୟକ ହେବ ବୋଲି ଅଧ୍ୟାପକ ଓ ଅଧ୍ୟାପିକାମାନେ ଆଶାବ୍ୟକ୍ତ କରିଛନ୍ତି।

# ବକେୟା ବିଲ୍ ପାଉଣା ନ ମିଳିବାରୁ ଠିକାଦାରଙ୍କ ଆତ୍ମହତ୍ୟା ଉଦ୍ୟମ



କୋମନା, ୮।୯(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପରିସରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବାଞ୍ଜିବାହାଲ ସ୍ଥିତ ହାଇସ୍କୁଲରେ ୨୦୨୧ରେ ୭୩ ଲକ୍ଷ ଟଙ୍କାର ୫ଟି କାମ କରିଥିବା ଅଶୋକ କୁମାର ଭୋଇ ନାମକ ଜଣେ ଠିକାଦାର ଦୀର୍ଘ ୫ ବର୍ଷ ହେବ ସମସ୍ତ ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ମୋଟ କାମ ମଧ୍ୟରୁ ମାତ୍ର ୨୨ ଲକ୍ଷ ଟଙ୍କା ବାବଦକୁ ବିଲ୍ ମିଳିଥିବା ବେଳେ, ବାକି ଟଙ୍କା ପାଇଁ ସେ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ। ପ୍ରାପ୍ୟ ଟଙ୍କା ନ ମିଳିବାରୁ ମାନସିକ ଭାରସାମ୍ୟ ହରାଇ ସେ ଆଜି ପେଟ୍ରୋଲ ଆଣି ବ୍ଲକ ସମ୍ମୁଖରେ ନିଜ ଦେହରେ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। କୋମନା ଆଇ.ଆଇ.ସି. ଏବଂ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଠିକାଦାରଙ୍କୁ ବୁଝାସୁଝା କରିବା ସହ ତାଙ୍କ ଠାରୁ ପେଟ୍ରୋଲ ଜବତ କରିଥିଲେ। ପରେ ବିଡିଓ ଏବଂ ଆଇ.ଆଇ.ସି. ଆସନ୍ତା ୧୮ ତାରିଖ ମଧ୍ୟରେ ଏହି ସମସ୍ୟାର ସମାଧାନ କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ବ୍ଲକସ୍ତରୀୟ ଖେଳପ୍ରତିଯୋଗିତା



କର୍ଲାମୁଣ୍ଡା, ୮।୯(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜୀ ମିନିଷ୍ଟାଡିୟମ ଠାରେ ବ୍ଲକସ୍ତରୀୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଖେଳକୁ ବ୍ଲକର ସମସ୍ତ ସ୍କୁଲରୁ ଆସିଥିବା ଖେଳ ଶିକ୍ଷକ ଖେଳପରିଚାଳନା କରିଥିଲେ। ଏହି ଉପଲକ୍ଷେ ରିଷିଡା ପିଏମଶ୍ରୀ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ମୁଖିରାମ କମ୍ପଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ତେରେସିଂହା ହାଇସ୍କୁଲର ପ୍ରଧାନଶିକ୍ଷକ ଗରୁଡ଼ଧ୍ୱଜ ଗହୀର ଯୋଗଦେଇ ଥିବାବେଳେ ମୁଖ୍ୟବକ୍ତା ଭାବେ ବାଞ୍ଜିପଦର ହାଇସ୍କୁଲର ପ୍ରଧାନଶିକ୍ଷକ ରୁପା ଚନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ବିମ୍ବାଧର ରଣା, ଲଳିତ ମୋହନ ସାହୁ ଓ ପ୍ରଶାନ୍ତ ସାହୁ ଯୋଗଦେଇ ଥିଲେ। ଖେଳ ଶିକ୍ଷକ ଲଳିତ ମୋହନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ସାକ୍ଷରତା ବାର୍ତ୍ତା ପଦଯାତ୍ରା

କର୍ଲାମୁଣ୍ଡା, ୮।୯(ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମକୁ ନେଇ କର୍ଲାମୁଣ୍ଡାରେ ପଦଯାତ୍ରା ଓ ସଚେତନତା ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିରକ୍ଷରତା ଦୂରୀକରଣ ସହ ସମାଜରେ ଶିକ୍ଷାର ପ୍ରସାର ପାଇଁ ଆୟୋଜିତ ଏହି ପଦଯାତ୍ରାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର, ଛାତ୍ରୀ ସାମିଲ ହୋଇଥିଲେ। ଏଥିରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋପମଣି ସାହୁ, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତ, ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ, ଜୋରାଡବରା ସିଆରସିସି ଯୁଗଳ ନାଗ ଏବଂ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ।

# ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ମଲ୍ଲିକଙ୍କ ପରଲୋକ

ଖଡ଼ିଆଳ, ୮।୯(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅଧୀନ ବିଛନାପାଳି ଗ୍ରାମର ବିଶିଷ୍ଟ ସମାଜସେବୀ, ସୁବକ୍ତା, କବି ତଥା ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ମଲ୍ଲିକଙ୍କ ୮୧ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଛନାପାଳି ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମଲ୍ଲିକ ନୂଆପଡ଼ା ଜିଲ୍ଲା ଦଳ ସମାଜର କୁଳପତି ଭାବେ ଦାୟିତ୍ୱ ତୁଲାଇବା ସହ ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ୧୯୯୪ ମସିହାରେ ସାକ୍ଷରତା ଅଭିଯାନ ଚାଲିଥିବା ସମୟରେ ସେ ସାକ୍ଷରତା ଉପରେ ଏକ ନାଟକ ରଚନା କରିଥିଲେ। ଏହି ନାଟକ ଅଞ୍ଚଳରେ ବେଶ୍ ଚର୍ଚ୍ଚିତ ହୋଇଥିଲା। ଏଥିପାଇଁ ତତ୍କାଳୀନ ଜିଲ୍ଲାପାଳଙ୍କ ପକ୍ଷରୁ ତାଙ୍କୁ 'ସାକ୍ଷର ଗୌରବ' ସମ୍ମାନ ପ୍ରଦାନ କରାଯାଇଥିଲା। ଗ୍ରାମ୍ୟ ଶ୍ମଶାନରେ ଏକମାତ୍ର ପୁଅ ତୁଳସୀରାମ ମଲ୍ଲିକ ମୁଖାଗ୍ନି ଦେଇଥିଲେ।

# ଭବାନୀପାଟଣା ଉପଜିଲ୍ଲାପାଳ ଦାୟିତ୍ୱରେ ଆଇଏଏସ୍ କସ୍ତୁରୀ ଶାହା



ଭବାନୀପାଟଣା, ୮।୯(ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ଭବାନୀପାଟଣା ଉପ ଜିଲ୍ଲାପାଳ ଭାବେ ଜଣେ ଆଇଏଏସଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଇଏଏସ କସ୍ତୁରୀ ଶାହାଙ୍କୁ ଭବାନୀପାଟଣା ଉପ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଛି। ସେ ୨୦୨୪ ବ୍ୟାଚର ଆଇଏଏସ୍ ହୋଇଥିବାବେଳେ ଆସନ୍ତା ଗୁରୁବାର ଦିନ ଦାୟିତ୍ୱ ଗ୍ରହଣ କରିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ, ଭବାନୀପାଟଣା ଉପ ଜିଲ୍ଲାପାଳ ପଦବୀରେ ଗତ ୨୦୦୦ ମସିହାରୁ କେହି ଆଇଏଏସ୍ ରହି ନ ଥିବାବେଳେ ଏବେ ୨୬ ବର୍ଷ ପରେ ପୁଣି ଥରେ ଜଣେ ଆଇଏଏସ୍ ଯୋଗଦେବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ଲାଞ୍ଜିଗଡ଼, ୮।୯(ସମିସ): ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ବିଶ୍ୱନାଥପୁର ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ଘଡ଼େଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ନାଏକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଶାଙ୍କ ପାତ୍ର, ବଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ୧୩ଟି ଆଞ୍ଚଳିକ ସାଧନ କେନ୍ଦ୍ରର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା, ବକ୍ତୃତା, ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଗୋବର୍ଦ୍ଧନପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୁମାର ଗୌରବ ପରିଡ଼ା ପରିଚାଳନା କରିଥିବାବେଳେ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ, ସଂଯୋଜକ ମନୋଜ କୁମାର ସାହୁ, କ୍ଲଷ୍ଟର ସଂଯୋଜକ ତ୍ରିନାଥ ଶ୍ୟାମ କୁମାର, ସଞ୍ଜୀବ ସାହୁ, ଦୁଃଖିଶ୍ୟାମ ବାରିକ, ଘାସି ମାଝୀ, ପ୍ରକାଶ ପ୍ରଧାନ ଓ ସମସ୍ତ ସିଆରସିସି ମାନେ ସହଯୋଗ କରିଥିଲେ।

# କୋଟିକୋଟି ଟଙ୍କା ଖର୍ଚ୍ଚ ପରେ ବି ପାର୍କିଂ ସେଡ୍ ନିର୍ମାଣ କଲାନି ରେଳ ବିଭାଗ

କେସିଙ୍ଗା, ୮।୯(ସମିସ)

ପ୍ରଥମ ପର୍ଯ୍ୟାୟରେ ସାରା ଦେଶରେ ୭୫ଟି ରେଳଷ୍ଟେସନ ଅମୃତ ଭାରତ ଯୋଜନାରେ ନବକଳେବର ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଥିଲା। ସେହି କ୍ରମରେ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ରେଳ ଷ୍ଟେସନରେ ମଧ୍ୟ ଉକ୍ତ ଯୋଜନାରେ ପ୍ରାୟ ୨୨ କୋଟି ଟଙ୍କା ଖର୍ଚ୍ଚ କରି ରେଳ ଷ୍ଟେସନର ରୂପରେଖ ବଦଳା ଗଲା। ଷ୍ଟେସନରେ ଦୁଇଟି ଲିଫ୍ଟର ସୁବିଧା, ୧୨ ମିଟର ଓସାରିଆ ପାଦ ଚଲା ଓଭର ବ୍ରିଜ, ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ଯାତ୍ରୀ ଅପେକ୍ଷା ଗୃହ, ଡିଜିଟାଲ ସୂଚନା ଫଳକ ସାଙ୍ଗକୁ ଅତ୍ୟାଧୁନିକ ଶୌଚାଳୟ ଆଦି




ହୋଇଛି। ହେଲେ ଷ୍ଟେସନ ପରିସରରେ ଥିବା ଦୁଇ ଚକିଆ ଓ ଚାରି ଚକିଆ ପାର୍କିଂ ସେଡ ନିର୍ମାଣ କରିବା ପାଇଁ ରେଳ ବିଭାଗ ଭୁଲିଗଲା ନା ଅମୃତ ଭାରତ ଯୋଜନାରେ ପାର୍କିଂ ର ନବକଳେବରର ବ୍ୟବସ୍ଥା ନାହିଁ ଜାଣି ହେଉନାହିଁ। କେସିଙ୍ଗା ରେଳ ଷ୍ଟେସନ ପାର୍କିଂରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଦୁଇ ଚକିଆ ଓ ଚାରି ଚକିଆ ଯାନ ରହୁଛି। ପାର୍କିଂ ବ୍ୟବସ୍ଥା ଆରମ୍ଭ ହେଲା ଦିନଠାରୁ ମୋଟା ଅଙ୍କର ଭଡ଼ା ଆଦାୟ କରିବାରେ ସଙ୍କୋଚ କରୁନାହିଁ ରେଳ ବିଭାଗ। ଦିନ ରାତି ଖରା ବର୍ଷାରେ ଗାଡ଼ି ଗୁଡ଼ାକ ସେମିତି ପଡ଼ି ରହୁଛି। ଆଗରୁ ଭଡ଼ା ବାବଦରେ ଦିନକୁ ଦୁଇ ଚକିଆ ପାଇଁ ୧୦ ଟଙ୍କା ଦେବାକୁ ପଡୁଥିଲା ଓ ଚାରି ଚକିଆ ଯାନ ପାଇଁ ୩୦ ଟଙ୍କା ଦେବାକୁ ପଡୁଥିଲା, ହେଲେ ବିନା ସୁବିଧା ସୁଯୋଗରେ ବର୍ତ୍ତମାନ ଭଡ଼ା ଦିନକୁ ଦୁଇ ଚକିଆ ଯାନ

**ଖୋଲା ଆକାଶ ତଳେ ରହୁଛି ଯାନବାହାନ**

ପାଇଁ ୪୮ ଟଙ୍କା ଓ ଚାରି ଚକିଆ ଯାନ ପାଇଁ ଦିନକୁ ପ୍ରାୟ ୯୦ ଟଙ୍କା ଦେବାକୁ ପଡୁଛି। ହେଲେ ଏବେ ମଧ୍ୟ ଖୋଲା ଆକାଶ ତଳେ ଗାଡ଼ି ରହୁଛି। ଯଥାଶୀଘ୍ର ପାର୍କିଂ ସ୍ଥଳରେ ଉପଯୁକ୍ତ ସେଡ୍ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

# ତୁଜୁଙ୍ଗ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହୋତ୍ସବ




ମ.ରାମପୁର, ୮।୯(ସମିସ): କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ପଣ୍ଡକାମାଲ ପଞ୍ଚାୟତ ତୁଜୁଙ୍ଗ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହୋତ୍ସବ ପାଳିତ ହେଉଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିବାକର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ ସଂସ୍କୃତ ଶିକ୍ଷକ ସଂଘ ସଭାପତି ମାୟାଧର ବେହେରା, ମୁଖ୍ୟବକ୍ତା ସାହିତ୍ୟିକ ହେମନ୍ତ ସାହୁ, ସମ୍ମାନିତ ଅତିଥି ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ସାହୁ, ଶିକ୍ଷକ ରଜନୀକାନ୍ତ ସୁନା, ଧ୍ରୁବ ଚରଣ ମହାଖୁଡ଼, ଶିକ୍ଷୟିତ୍ରୀ ହୈମବତୀ ଦାଶ ଯୋଗ ଦେଇ ଥିବାବେଳେ ସଂସ୍କୃତ ଶିକ୍ଷକ ରାଧାନାଥ ଦିଶ୍ରୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଋଣ କରିବା ବଦଳରେ ବରଂ ଭୋକରେ ଶୋଇବା ଶ୍ରେୟସ୍କର।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

ସକାଳ THE SAKALA

## ଶିକ୍ଷାବ୍ୟବସ୍ଥାର କେନ୍ଦ୍ରୀକରଣ!

ଏକ ଦେଶ ଏକ ଟିକସ(ଜିଏସ୍‌ଟି), ଏକ ଦେଶ ଏକ ନିର୍ବାଚନ, ଏକ ଦେଶ ଏକ ନାଗରିକ ସଂହିତା ଆଦି ଯୋଜନା ପରେ କେନ୍ଦ୍ର ସରକାର ଜାତୀୟ ଶିକ୍ଷା ନୀତି-୨୦୨୦ର ସୁପାରିସ ଅନୁଯାୟୀ 'ଏକ ଦେଶ ଏକ ଶିକ୍ଷା ନିୟାମକ କର୍ତ୍ତୃପକ୍ଷ' ଭଳି ଏକ ସଂସ୍ଥା ଗଠନ ଯୋଜନାକୁ ଚୂଡ଼ାନ୍ତ ରୂପ ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ବୋଧହୁଏ ବଶମ୍ବଦତା ପ୍ରମାଣ କରିବାକୁ ଯାଇ ଏହି ରାସ୍ତାକୁ ଆପଣେଇ ନେଇଛନ୍ତି ଓଡ଼ିଶାର ବିଜେପି ସରକାର। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେସନ୍ ବା ବିଏସ୍‌ଇ) ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(କାଉନ୍‌ସିଲ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ୍ ବା ସିଏଚ୍‌ଏସ୍‌ଇ)କୁ ମିଶାଇ ଗୋଟିଏ ଅନୁଷ୍ଠାନ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତରେ ବିଧାନସଭାର ଆଗାମୀ ଅଧିବେଶନରେ ଚିଠା ବିଧେୟକ ଆଗତ କରାଯାଇପାରେ। ପ୍ରାପ୍ତ ଅନୌପଚାରିକ ସୂଚନା ଅନୁଯାୟୀ, ପରୀକ୍ଷା ପଦ୍ଧତି ବା ଢାଞ୍ଚାରେ ବର୍ତ୍ତମାନ ପରିବର୍ତ୍ତନ ହେବାର ନ ଥିଲେ ମଧ୍ୟ ଗୋଟିଏ ଅନୁଷ୍ଠାନ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ପରିଚାଳନା ଓ ଫଳ ପ୍ରକାଶନ କରିବ। ଅନ୍ୟ ଅର୍ଥରେ କହିଲେ ଦ୍ୱିଅନୁଷ୍ଠାନଭିତ୍ତିକ ଶିକ୍ଷା ବ୍ୟବସ୍ଥାର ଉଚ୍ଛେଦ ହୋଇ ପରିଚାଳନାର କେନ୍ଦ୍ରୀକରଣ କରାଯିବ।

ଏହି ପରିପ୍ରେକ୍ଷୀରେ କେତେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଓଡ଼ିଶା ପରି ଦେଶର ଏକ ବିକାଶଶୀଳ ରାଜ୍ୟରେ ଶିକ୍ଷା କ୍ଷେତ୍ର ଗୁରୁତର ଅବହେଳିତ ଓ ଅବ୍ୟବସ୍ଥିତ। ପରିଚାଳନାର ବିକେନ୍ଦ୍ରୀକରଣ ମାଧ୍ୟମରେ ଏହାକୁ ଶୃଙ୍ଖଳିତ ଓ ବିକଶିତ କରିବା ପାଇଁ ଦୀର୍ଘବର୍ଷ ଧରି ମତ ପ୍ରକାଶ ପାଇଆସୁଛି। ଏହାଛଡ଼ା ଶାସନ ହେଉ କି ସଂଗଠନ ବ୍ୟବସ୍ଥାକୁ ଶୃଙ୍ଖଳିତ ଓ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ 'ପରିଚାଳନାର ବିକେନ୍ଦ୍ରୀକରଣ'(ଡିସେଣ୍ଟ୍ରାଲାଇଜେସନ୍ ଅଫ୍ ମ୍ୟାନେଜ୍‌ମେଣ୍ଟ) ବହୁପରୀକ୍ଷିତ ବିଶ୍ୱାଦୃତ ସଫଳ ମଡେଲ୍ ଭାବେ ପ୍ରମାଣିତ ଓ ସ୍ୱୀକୃତ ହୋଇଆସିଛି। ଏହି ଆଧାରରେ ବଡ଼ ବଡ଼ ରାଜ୍ୟ ଓ ଜିଲ୍ଲାମାନଙ୍କୁ ଭାଙ୍ଗି ନୂଆ ରାଜ୍ୟ ଓ ଜିଲ୍ଲା ସୃଷ୍ଟି କରାଯାଉଛି। ଗଣତନ୍ତ୍ରରେ ମଧ୍ୟ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ସଫଳତାର ସହ କାର୍ଯ୍ୟ କରୁଛି। ଇତିମଧ୍ୟରେ ବିକାଶର ପରିଭାଷା ବଦଳିଛି। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ସ୍ୱାସ୍ଥ୍ୟ, ଶିକ୍ଷା, ଆଇନଶୃଙ୍ଖଳା, ସାମାଜିକ ବ୍ୟବସ୍ଥା ଆଦି ଆଜି ନୂଆ ଆହ୍ୱାନ ସୃଷ୍ଟି କରୁଛି। ସରକାରୀ ଯୋଜନାମାନଙ୍କର ରୂପାୟନ ଓ ତଦାରଖ ମଧ୍ୟରେ ଦୂରତା ବଢ଼ି ଚାଲିଛି। ଶାସନ ଓ ପ୍ରଶାସନର ବିକେନ୍ଦ୍ରୀକରଣ ବିନା ଏହାର ସମାଧାନ ସମ୍ଭବ ନୁହେଁ। ଏହି ପୃଷ୍ଠଭୂମିରେ ଭାରତ ହେଉ କି ଓଡ଼ିଶା ଜଟିଳ ଶିକ୍ଷା ପରିଚାଳନା କେନ୍ଦ୍ରୀକୃତ ହେଲେ ସମସ୍ୟା ଆହୁରି ଜଟିଳ ହେବ ନା ସରଳ ହେବ ତାହା ବୁଝାପଡୁନାହିଁ।




ସାମ୍ପ୍ରତିକ ବହୁ ନିୟାମକ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ, ପରୀକ୍ଷା ପରିଚାଳନାରେ ଅନିୟମିତତା, ପରୀକ୍ଷା ବାତିଲ୍, ଜାଲ୍ ସାର୍ଟିଫିକେଟ୍, ନମ୍ବରରେ ପ୍ରିୟାପ୍ରୀତି ତୋଷଣ ଆଦି ଏକ ସାଧାରଣ ଘଟଣା ହୋଇଗଲାଣି। ଓଡ଼ିଶାର ବିଗତ ଦୁଇବର୍ଷର ସମୟକୁ ଏହାର ପ୍ରକୃଷ୍ଟ ଉଦାହରଣ ରୂପେ ନିଆଯାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ଯେଉଁଠି ଆହୁରି ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି ସେଠାରେ ସମ୍ପୂର୍ଣ୍ଣ ବିପରୀତ ଭାବେ କେନ୍ଦ୍ରୀକରଣ ଦ୍ୱାରା ଉପରୋକ୍ତ ସମସ୍ୟା କେତେ ଯେ ଜଟିଳ ହେବ ତାହା ଅନୁମେୟ। ତେଣୁ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନର କୌଣସି ଦୃଢ଼ କାରଣ ପରିଦୃଶ୍ୟ ହେଉ ନାହିଁ। ଯଦି ସରକାର କେବଳ ନାମ ପରିବର୍ତ୍ତନ ଆଳରେ ଶିକ୍ଷା ପରିଚାଳନା ଓ ନିୟାମକରେ ପରିବର୍ତ୍ତନ ଆଣିବାକୁ ଯୋଜନା କରୁଛନ୍ତି ତେବେ ତାହା ଭିନ୍ନ କଥା। ଏହାଦ୍ୱାରା କେନ୍ଦ୍ର ସରକାର ତାଙ୍କର ନୀତି ଓ ଆଦର୍ଶକୁ ଅନ୍ୟ ଭାଷାଭାଷୀ ରାଜ୍ୟଗୁଡ଼ିକ ଉପରେ ଲଦି ଦେବେ ବୋଲି ମଧ୍ୟ ଅଭିଯୋଗ ହୋଇଛି।

କେବଳ ପରିବର୍ତ୍ତନ ଆଳରେ ପରିବର୍ତ୍ତନ ବିକାଶର ମାନଦଣ୍ଡ ନୁହେଁ। ଏଥିପାଇଁ ସୁଚିନ୍ତିତ ଓ ଦୂରଦର୍ଶୀ ଯୋଜନା ଆବଶ୍ୟକ। ଜ୍ଞାନୀ, ଗୁଣୀ ଜନପ୍ରତିନିଧିମାନେ ଏ ସମ୍ପର୍କରେ ଆଲୋଚନା ଓ ବିତର୍କ କରିବେ ନିଶ୍ଚୟ। କିନ୍ତୁ ନୀତି ନିର୍ଦ୍ଧାରଣରେ ଜନତାଙ୍କ ସ୍ୱର ଭାବରେ ଆମେ ସେମାନଙ୍କର ପ୍ରତିକ୍ରିୟା ଓ ମତାମତକୁ ଉପସ୍ଥାପନ କରୁଛୁ। ନୀତି ନିର୍ଦ୍ଧାରକମାନେ ଚୂଡ଼ାନ୍ତ ନିର୍ଣ୍ଣୟ ନେବା ପୂର୍ବରୁ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ତୃଣମୂଳସ୍ତରର ସମସ୍ୟା ଓ ବାସ୍ତବତାକୁ ହୃଦୟଙ୍ଗମ କଲେ ଯୋଜନା ଯୁଗାନ୍ତକାରୀ ହୋଇପାରିବ।

# ମାଗଣା ଯୋଜନା ଓ ଶ୍ରମଭିତ୍ତିକ ପ୍ରୋତ୍ସାହନ

ପ୍ରମୋଦ ଧଳ

ଖବରକାଗଜରେ ପ୍ରକାଶିତ ସରକାରୀ ବିଜ୍ଞାପନର ଚକ୍‌ଚକ୍ ଚିତ୍ରକୁ ଅଣଦେଖା କରି ଯଦି ଜଣେ ବ୍ୟକ୍ତି ବାସ୍ତବରେ କୌଣସି ଗ୍ରାମାଞ୍ଚଳ ପରିଦର୍ଶନ କରନ୍ତି, ତେବେ ତାଙ୍କ ଆଖିରେ ଏକ ରୂଢ଼ ସତ୍ୟ ଜଳଜଳ ଦିଶିବ। ଆମେ ଦିନରାତି ପରିଶ୍ରମ କରି ଦେଉଥିବା ଟିକସର ଏକ ମୁଖ୍ୟ ଭାଗ କେମିତି ସରକାରଙ୍କ ଲୋକପ୍ରିୟ ମାଗଣା ଯୋଜନା ସବୁରେ ଅପବ୍ୟବହାର ହେଉଛି, ତାହା ଗାଁ ଗାଁର ଚିତ୍ର ବୟାନ କରେ। ଉଦାହରଣ ସ୍ୱରୂପ, ସୁଭଦ୍ରା ଯୋଜନାର ଉଦ୍ଦେଶ୍ୟ ହୁଏତ କାଗଜପତ୍ରରେ ମହତ ହୋଇପାରେ, କିନ୍ତୁ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ମୋ ନିଜ ପଞ୍ଚାୟତରେ ମୋ ଜାଣିବାରେ ଆଜିଯାଏଁ ଜଣେ ହେଲେ ବି ମହିଳା ଏହି ଟଙ୍କା ପାଇ 'ଲକ୍ଷପତି ଦିଦି' ହୋଇପାରିନାହାନ୍ତି। ବରଂ ମିଳୁଥିବା କିସ୍ତି ପଇସାରେ ପ୍ରାୟ ୯୯.୯୯% ମହିଳା କୌଣସି ବ୍ୟବସାୟ ବା ଉତ୍ପାଦନଶୀଳ କାର୍ଯ୍ୟ ନ କରି, ତାହାକୁ ସୌଖୀନ ଓ ଅନାବଶ୍ୟକ ଜିନିଷ କିଣିବାରେ ବ୍ୟୟ କରୁଛନ୍ତି। ଅନ୍ୟାନ୍ୟ ମାଗଣା ଯୋଜନା ବିଷୟରେ ଆଲୋଚନା କରିବା ପୂର୍ବରୁ ଆମେ ସରକାରଙ୍କୁ କେଉଁ କେଉଁ ଟିକସ ଦେଉଛୁ, ତାହା ଜାଣିବା ଜରୁରୀ।

ଜଣେ ସାଧାରଣ ବ୍ୟକ୍ତି ନିଜ ଜୀବନକାଳ ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଯେଉଁସବୁ ଟିକସ ଦେଇଥା'ନ୍ତି, ତାହାକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇପାରେ - ପ୍ରତ୍ୟକ୍ଷ ଓ ପରୋକ୍ଷ। ପ୍ରତ୍ୟକ୍ଷ ଟିକସ ଯଥା ଆୟକର, ପୁଞ୍ଜି ଲାଭ ଟିକସ, ବୃତ୍ତିଗତ ଟିକସ, ସମ୍ପତ୍ତି ବା ହୋଲ୍ଡିଂ ଟିକସ ଇତ୍ୟାଦି। ପରୋକ୍ଷ ଟିକସ ସିଧାସଳଖ ନଦେଇ ଆମ ଦୈନନ୍ଦିନ ଜୀବନରେ କିଣୁଥିବା ସାମଗ୍ରୀ କିମ୍ବା ଗ୍ରହଣ କରୁଥିବା ସେବା ମାଧ୍ୟମରେ ଦେଇଥାଉ। ଯଥା: ଜିଏସ୍‌ଟି, ଉତ୍ପାଦ ଶୁଳ୍କ, ଭାଟ୍, ସୀମା ଶୁଳ୍କ, ମୋଟର ଯାନ ଟିକସ, ଟୋଲ୍ ଟିକସ, ଷ୍ଟାମ୍ପ୍ ଡ୍ୟୁଟି ଓ ପଞ୍ଜୀକରଣ ଫି, ସ୍ୱାସ୍ଥ୍ୟ ଓ ଶିକ୍ଷା ସେସ୍ ଇତ୍ୟାଦି।

ପ୍ରତ୍ୟକ୍ଷ ଟିକସ ସିନା କିଛି ଉଚ୍ଚ ଆୟବର୍ଗର ଜନସାଧାରଣ ପୈଠ କରିଥା'ନ୍ତି, କିନ୍ତୁ ପରୋକ୍ଷ ଟିକସ ଦେଶର ପ୍ରତ୍ୟେକ ସାଧାରଣ ଜନତା ଦେଇଥା'ନ୍ତି। ଏମିତିକି ସେହି ମାଗଣା ଯୋଜନାର ହିତାଧିକାରୀ ମଧ୍ୟ ନିଜ ଖାଇବା ଦ୍ରବ୍ୟ, ତେଲ, ଲୁଣ, କପଡ଼ା ସବୁଥିରେ ପରୋକ୍ଷରେ ଟିକସ ଦେଇଥା'ନ୍ତି। ସଂକ୍ଷେପରେ କହିବାକୁ ଗଲେ, ଜଣେ ବ୍ୟକ୍ତି ସକାଳେ ଉଠି ଚା' ପିଇବା ଠାରୁ ଆରମ୍ଭ କରି ରାତିରେ ବିଜୁଳି ବ୍ୟବହାର କରିବା ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ସାମଗ୍ରୀ ଉପରେ ପରୋକ୍ଷରେ ଏବଂ ନିଜର ରୋଜଗାର ଉପରେ ପ୍ରତ୍ୟକ୍ଷରେ ସରକାରଙ୍କୁ ଟିକସ ଦେଇଥାଏ। ଜନ୍ମରୁ ମୃତ୍ୟୁ ଯାଏଁ ସମସ୍ତ ଦେଶ ବା ରାଜ୍ୟବାସୀ ସରକାରଙ୍କୁ ଏହିପରି ଟିକସ ଦେଇଚାଲିଥା'ନ୍ତି। ଏହି ସମସ୍ତ ଅର୍ଥ ଯଦି ଦେଶ ଏବଂ ରାଜ୍ୟର ବିକାଶମୂଳକ କାର୍ଯ୍ୟରେ ସଠିକ୍ ଭାବେ ବିନିଯୋଗ ହେଉଥା'ନ୍ତା, ତେବେ ଆଜି ହୁଏତ ଭାରତ ଏକ ସମ୍ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଗଣିତ ହୋଇପାରିଥା'ନ୍ତା। କିନ୍ତୁ ତାହା ନହୋଇ, ଜନତାଙ୍କ ଟିକସର ମୁଖ୍ୟ ଭାଗ ଆଜି ମାଗଣା ବଣ୍ଟନ ଭଳି ଅବାଟରେ ବିନିଯୋଗ ହେଉଛି। ତେଣୁ ବର୍ତ୍ତମାନ ସମୟରେ କଲ୍ୟାଣକାରୀ ରାଷ୍ଟ୍ର ବା ରାଜ୍ୟର ଅବଧାରଣା ମଧ୍ୟରେ 'ମାଗଣା ସଂସ୍କୃତି' ଏକ ପ୍ରମୁଖ ବିତର୍କର ବିଷୟ ପାଲଟିଛି।

ଓଡ଼ିଶା ଭଳି ଏକ ବିକାଶଶୀଳ ରାଜ୍ୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ମାଗଣା ଯୋଜନା ରାଜ୍ୟର ଅର୍ଥନୀତି, ସାମାଜିକ ସ୍ଥିତି ଏବଂ ନାଗରିକଙ୍କ ମାନସିକତା ଉପରେ କିପରି ପ୍ରଭାବ ପକାଉଛି, ତାହାକୁ ନେଇ ଦୁଇଟି ଭିନ୍ନ ମତ ପ୍ରକାଶ ପାଇଥାଏ। ଗୋଟିଏ ପଟେ ଏହା ଗରିବ ଓ ବଞ୍ଚିତ ଶ୍ରେଣୀକୁ ତତ୍କାଳୀନ ସାମାଜିକ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଅନ୍ୟପଟେ ଏହା ଦୀର୍ଘକାଳୀନ ବିକାଶ ଓ ନାଗରିକଙ୍କ ଶ୍ରମ ନିପୁଣତା ପ୍ରତି ପ୍ରତିବନ୍ଧକ ସାଜୁଛି। ମାଗଣାରେ ସବୁକିଛି ଯୋଗାଇଦେବା ପରିବର୍ତ୍ତେ ଯଦି 'ଶ୍ରମ ବଦଳରେ ପ୍ରୋତ୍ସାହନ' ନୀତି ଆପଣାଯାଏ, ତେବେ ରାଜ୍ୟର ଭିତ୍ତିଭୂମି ସୁଦୃଢ଼ ହେବା ସହ ଏକ ସ୍ୱାବଲମ୍ବୀ ସମାଜ ଗଠନ ହୋଇପାରନ୍ତା। ଯେକୌଣସି ସରକାରୀ ଯୋଜନାର ଭଲ ଓ ମନ୍ଦ ଉଭୟ ଦିଗ ଥାଏ। ଏହାକୁ ସମ୍ପୂର୍ଣ୍ଣ ଭାବେ ଭଲ ବା ମନ୍ଦ କହିବା ଅପେକ୍ଷା ଏହାର ବାସ୍ତବ ପ୍ରଭାବକୁ ବୁଝିବା ଜରୁରୀ। ଓଡ଼ିଶାର ଏକ ବଡ଼ ଜନସଂଖ୍ୟା ଏବେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ବା ତା'ର ଆଖପାଖରେ ଜୀବନ ବିତାଉଛନ୍ତି। ମାଗଣା ଚାଉଳ, ସ୍ୱାସ୍ଥ୍ୟ ବୀମା, କିମ୍ବା ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ ଓ ସାଇକେଲ ଆଦି ଯୋଜନା ସମାଜର ନିମ୍ନ ବର୍ଗକୁ ଏକ ସର୍ବନିମ୍ନ ଜୀବନଧାରଣର ମାନ ପ୍ରଦାନ କରିଛି। ଏହାଦ୍ୱାରା କ୍ଷୁଧା ହ୍ରାସ ପାଇଛି, ଶିକ୍ଷାର ହାର ବଢ଼ିଛି ଏବଂ ଶିଶୁ ମୃତ୍ୟୁ ହାର କମିଛି। ଏହି ଦୃଷ୍ଟିକୋଣରୁ ଦେଖିଲେ ଏହା ରାଜ୍ୟ ପାଇଁ କଲ୍ୟାଣକାରୀ ଓ 'ଶୁଭ' ମନେହୁଏ।

ଅପରପକ୍ଷରେ, ଦୀର୍ଘକାଳୀନ ଭିତ୍ତିରେ ଏହି ମାଗଣା ସଂସ୍କୃତି ରାଜ୍ୟ ପାଇଁ 'ଅଶୁଭ' ବା କ୍ଷତିକାରକ ସାବ୍ୟସ୍ତ ହେଉଛି। ରାଜ୍ୟର ସୀମିତ ରାଜସ୍ୱର ଏକ ବଡ଼ ଭାଗ ମାଗଣା ରିହାତିରେ ବ୍ୟୟ ହେବା ଫଳରେ ବୃହତ ଶିଳ୍ପ, ସ୍ଥାୟୀ ଭିତ୍ତିଭୂମି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି। ସବୁକିଛି ମାଗଣାରେ ମିଳିଯିବା ଫଳରେ ଲୋକଙ୍କ ମଧ୍ୟରେ ପରିଶ୍ରମ କରିବାର ପ୍ରବୃତ୍ତି ହ୍ରାସ ପାଉଛି। ଗ୍ରାମାଞ୍ଚଳରେ କୃଷି ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକଙ୍କର ଘୋର ଅଭାବ ଦେଖାଦେଉଛି, ଯାହା ଗ୍ରାମୀଣ ଅର୍ଥନୀତିକୁ ଦୁର୍ବଳ କରୁଛି ଏବଂ ହଜାର ହଜାର ହେକ୍ଟର ଚାଷ ଜମି ଆଜି ପଡ଼ିଆ ପଡ଼ି ରହିଛି। ଅନେକ ବୁଦ୍ଧିଜୀବୀଙ୍କ ମତରେ ମାଗଣା କିଛି ନଦେଇ, ଶ୍ରମ ବଦଳରେ ପ୍ରୋତ୍ସାହନ ଦିଆଯିବା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ଏବଂ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା। ଏହା ଚୀନର ପ୍ରସିଦ୍ଧ ପ୍ରବଚନକୁ ମନେ ପକାଇଦିଏ - 'ଜଣକୁ ପ୍ରତିଦିନ ମାଛଟିଏ ଧରି ଦେବା ଅପେକ୍ଷା, ତା'କୁ ମାଛ ଧରିବା ଶିଖାଇଦେବା ଶ୍ରେଷ୍ଠ।' ଯଦି ସରକାର ସହାୟତା ରାଶିକୁ ସମ୍ପୂର୍ଣ୍ଣ ମାଗଣାରେ ନଦେଇ ସ୍ଥାନୀୟ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ସହିତ ଯୋଡ଼ି ଦିଅନ୍ତେ, ତେବେ ଏହାର ବହୁବିଧ ସୁଫଳ ମିଳିପାରନ୍ତା।

ଓଡ଼ିଶାର ପ୍ରତିଟି ଗାଁରେ ଆଜି ରାସ୍ତାଘାଟ, କୂଅ, ପୋଖରୀ, ସ୍କୁଲ ଘର ଓ କଲ୍ୟାଣମଣ୍ଡପ ଆଦି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଅଳ୍ପଦିନରେ ନଷ୍ଟ ହୋଇଯାଉଛି। ଯଦି ଗ୍ରାମର ବେକାର ଯୁବକ ବା ଶ୍ରମିକ ଶ୍ରେଣୀକୁ ଏହିସବୁ ସମ୍ପତ୍ତିର ସୁରକ୍ଷା ଓ ସଫେଇ ଦାୟିତ୍ୱ ଦିଆଯାଏ ଏବଂ ତା' ବଦଳରେ ସେମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ମିଳେ, ତେବେ ଗାଁର ପୋଖରୀଗୁଡ଼ିକ ସଦାସର୍ବଦା ସ୍ୱଚ୍ଛ ରହିବ ଏବଂ ଜଳ ସଂରକ୍ଷଣ ସହଜ ହେବ। ରାସ୍ତାଘାଟର ପାର୍ଶ୍ୱ ସଫା ରହିବ ଓ ବୃକ୍ଷରୋପଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ସରକାରୀ ସମ୍ପତ୍ତି ପ୍ରତି ଲୋକଙ୍କ ମଧ୍ୟରେ 'ଆପଣାର ଭାବ' ସୃଷ୍ଟି ହେବ। ଏହି ଅବଧାରଣା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି। ମାତ୍ର ଏହାକୁ ଆହୁରି ବ୍ୟାପକ ଓ ଦକ୍ଷ କରାଯାଇପାରିବ। କେବଳ ମାଟି ଖୋଳିବା କାମରେ ସୀମିତ ନ ରହି ଗ୍ରାମର ପାରମ୍ପରିକ କଳା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଅଞ୍ଚଳର ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଶ୍ରମ ପ୍ରୋତ୍ସାହନ ଦିଆଯାଇପାରିବ। ଶ୍ରମ ବଦଳରେ ଅର୍ଥ ପାଇଲେ ଜଣେ ବ୍ୟକ୍ତି ଗର୍ବର ସହ କହିପାରିବ ଯେ, ସେ ତା'ର ପରିବାରକୁ ନିଜ ରୋଜଗାରରେ ପ୍ରତିପୋଷଣ କରୁଛି, ସରକାରଙ୍କ ଦୟାରେ ନୁହେଁ। ଏହି ଆତ୍ମସମ୍ମାନ ହିଁ ଏକ ପ୍ରଗତିଶୀଳ ସମାଜର ମୂଳଦୁଆ।

ଯେହେତୁ ଗଣତନ୍ତ୍ରରେ ଜନସାଧାରଣଙ୍କ ଭୋଟ ସଂଖ୍ୟା ଉପରେ ଗୋଟିଏ ସରକାରର ତିଷ୍ଠି ରହିବା ନିର୍ଭର କରିଥାଏ, ତେଣୁ ସମ୍ପୂର୍ଣ୍ଣ ଭାବେ ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା କୌଣସି ସରକାରଙ୍କ ପକ୍ଷରେ ଆଜି ରାଜନୈତିକ ଦୃଷ୍ଟିରୁ ଅସମ୍ଭବ। ଅନ୍ୟପଟେ, ସମସ୍ତ ମାଗଣା ଯୋଜନାକୁ ବନ୍ଦ କରିଦେବା ଏକ ଚରମ ପଦକ୍ଷେପ ହେବ, ଯାହା ଅତ୍ୟନ୍ତ ଗରିବ, ବୃଦ୍ଧ, ବିଧବା, ଅସହାୟ କିମ୍ବା ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସଙ୍କଟ ଆଣିପାରେ। ତେଣୁ ସରକାରଙ୍କ ନୀତି ଏକ ସନ୍ତୁଳିତ ମାର୍ଗ ଅନୁସରଣ କରିବା ଉଚିତ। ଯଥା: ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା ଏବଂ ଅତି ଅସହାୟ ବର୍ଗଙ୍କ ପାଇଁ ଖାଦ୍ୟ ସୁରକ୍ଷା ଭଳି ମୌଳିକ ଆବଶ୍ୟକତାକୁ ମାଗଣା କିମ୍ବା ଅତି ସ୍ୱଳ୍ପ ମୂଲ୍ୟରେ ଜାରି ରଖାଯାଉ। ଯେଉଁମାନେ ଶାରୀରିକ ଭାବେ ସକ୍ଷମ ଓ କାର୍ଯ୍ୟ କରିବାକୁ ଯୋଗ୍ୟ, ସେମାନଙ୍କୁ କୌଣସି ଭତ୍ତା ବା ନଗଦ ଟଙ୍କା ମାଗଣାରେ ନଦେଇ ଗ୍ରାମୀଣ କିମ୍ବା ସହରାଞ୍ଚଳର ବିକାଶ କାର୍ଯ୍ୟରେ ନିୟୋଜିତ କରାଯାଉ। ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ମାସକୁ କିଛି ଘଣ୍ଟା ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା କିମ୍ବା ଜଳାଶୟର ପୁନରୁଦ୍ଧାର ପାଇଁ ଶ୍ରମ ଦେଉଛନ୍ତି, ତେବେ ହିଁ ସେ ସରକାରଙ୍କ ବିଶେଷ ଆର୍ଥିକ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ ବିବେଚିତ ହେବେ।

ଓଡ଼ିଶାର ପ୍ରାକୃତିକ ସମ୍ପଦ ଏବଂ ମାନବ ସମ୍ବଳର ପ୍ରଚୁର ସମ୍ଭାବନା ରହିଛି। ମାଗଣା ଯୋଜନାର ବହୁଳତା ଜନମାନସକୁ ସାମୟିକ ସନ୍ତୁଷ୍ଟ କରିପାରେ। ମାତ୍ର ତାହା ରାଜ୍ୟର ସ୍ଥାୟୀ ପ୍ରଗତିର ପନ୍ଥା ନୁହେଁ। ତେଣୁ ମାଗଣା ବଦଳରେ ଶ୍ରମ-ଭିତ୍ତିକ ପ୍ରୋତ୍ସାହନ ବ୍ୟବସ୍ଥା ଲାଗୁ କଲେ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବ, ଗ୍ରାମୀଣ ପରିବେଶ ଓ ଭିତ୍ତିଭୂମିର ସୁରକ୍ଷା ହେବ ଏବଂ ଓଡ଼ିଶାର ଜନସାଧାରଣ ଅଧିକ ଆତ୍ମନିର୍ଭରଶୀଳ ଓ କର୍ମଠ ହେବେ। ସରକାରୀ ସହାୟତା ଯେତେବେଳେ ଜନସାଧାରଣଙ୍କ ଶ୍ରମ ସହ ମିଶିଯିବ, ସେତେବେଳେ ହିଁ ଓଡ଼ିଶା ଏକ ପ୍ରକୃତ ବିକଶିତ ରାଜ୍ୟ ଭାବେ ମଥା ଟେକି ଉଭା ହେବ।

ଅରଗଳ(କେନ୍ଦ୍ରାପଡ଼ା), ମୋ: ୭୦୦୮୮୧୦୧୧୨

# କେନ୍ଦ୍ରକୁ ଦୂରୁ ଜୁହାର!

ଶ୍ରୀଧର ବେହେରା

ଓଡ଼ିଶା ନାମ ଶୁଣିଲେ ସମଗ୍ର ଭାରତବର୍ଷର ଶିଳ୍ପପତିଙ୍କ ଚକ୍ଷୁ ଚକ୍ ଚକ୍ କରେ। କାରଣ ଏହି ମାଟି ହେଉଛି ରତ୍ନଗର୍ଭା, ଧନଗର୍ଭା। ବିଧାତା ନିଜ ହାତରେ ଏହି ଭୂଖଣ୍ଡର ଗର୍ଭରେ ପୋତି ଦେଇଛନ୍ତି ଅପରିମେୟ ସମ୍ପଦ - ଲୁହା ପଥର, କୋଇଲା, ବକ୍ସାଇଟ, ମାଙ୍ଗାନିଜ, କ୍ରୋମାଇଟ, ଡୋଲୋମାଇଟ, ଗ୍ରାଫାଇଟର ଅଶେଷ ଭଣ୍ଡାର। ସମଗ୍ର ଦେଶର ଖଣିଜ ଉତ୍ପାଦନର ପ୍ରାୟ ପଚାଶ ପ୍ରତିଶତ ଓଡ଼ିଶାରୁ ଆସେ। କିନ୍ତୁ ଏହି ବିପୁଳ ସମୃଦ୍ଧି ଓଡ଼ିଶାବାସୀଙ୍କ ଭାଗ୍ୟରେ ଆନନ୍ଦ ନୁହେଁ, ଅଭିଶାପ ପାଲଟିଛି। କାରଣ ଦଶନ୍ଧି ଦଶନ୍ଧି ଧରି ଏହି ସମ୍ପଦକୁ ଲୁଣ୍ଠନ କରିଆସିଛନ୍ତି ମାଫିଆ, ଦଲାଲ, ଅସାଧୁ ବ୍ୟବସାୟୀ ଓ ଦୁର୍ନୀତିଗ୍ରସ୍ତ ଅମଲାତନ୍ତ୍ର। ଏବେ ସେହି ଲୁଣ୍ଠନର ନୂତନ ଅଧ୍ୟାୟ ରଚିବାକୁ ଯାଉଛି ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଆଇନ ୨୦୨୬, ଯାହାକୁ ରାଜ୍ୟବାସୀ କହୁଛନ୍ତି - ପ୍ରଥମେ ମାଫିଆ ଲୁଟି ଲୁଟି ଆସିଲେ, ଏବେ କେନ୍ଦ୍ର ଲୁଟିବ।

ଓଡ଼ିଶାର ଖଣିଜ ଇତିହାସ ହେଉଛି ରକ୍ତ, ଅଶ୍ରୁ ଓ ପ୍ରତାରଣାର ଇତିହାସ। କେନ୍ଦୁଝର, ସୁନ୍ଦରଗଡ଼, ଯୋଡ଼ା, ବରବିଲ, ତାଳଚେର, ଅନୁଗୁଳ, କୋରାପୁଟ, ରାୟଗଡ଼ାର ପାହାଡ଼ରେ ଦିନରାତି ଡିନାମାଇଟ ବିସ୍ଫୋରଣ ହୋଇଛି। ବିନା ପରିବେଶ ମଞ୍ଜୁରିରେ, ବିନା ଗ୍ରାମସଭାର ଅନୁମତିରେ, ବିନା ପୁନର୍ବାସ ଯୋଜନାରେ ହଜାର ହଜାର ଏକର ଜଙ୍ଗଲ ପଦା ହୋଇଛି। ହଜାର ହଜାର ଆଦିବାସୀ ପରିବାର ବିସ୍ଥାପିତ ହୋଇଛନ୍ତି। ଲୁହାପଥର ବୋଝେଇ ହାଇୱା, ଟ୍ରକ ଦିନ ରାତି ରାସ୍ତାକୁ ଧ୍ୱଂସ କରିଚାଲିଛି। ନଦୀନାଳକୁ ରକ୍ତବର୍ଣ୍ଣ କରିଛି। ସାହା କମିଶନ ରିପୋର୍ଟ ପ୍ରମାଣ କରିଛି କିପରି ପଚାଶ ହଜାର କୋଟିରୁ ଅଧିକ ଟଙ୍କାର ଖଣିଜ ଲୁଣ୍ଠନ ହୋଇଛି। ଏହା କରିଛନ୍ତି ଖଣି ମାଫିଆ। ସେମାନେ ରାଜନେତା, ଅମଲା ଓ ପୁଲିସକୁ ହାତ କରି ଓଡ଼ିଶାର ଛାତିକୁ ଚିରି ତା'ର ହୃତପିଣ୍ଡକୁ ବାହାର କରି ନେଇଛନ୍ତି। ଆଦିବାସୀ ପାଇଛି କେବଳ ଧୂଳି, ଧୂଆଁ, ବିସ୍ଥାପନ ଓ ରୋଗ। ଗଞ୍ଜାମ ବ୍ଲକର ବେଣୁଗୌରୀ ପାହାଡ଼ରୁ ପଥର ଲୁଟ, ଚିଲିକା ପାର୍ଶ୍ୱର ବାଲି ମାଫିଆ, କେନ୍ଦୁଝରର ଲୁହା ମାଫିଆ - ଏସମସ୍ତ ସମାନ ଲୁଣ୍ଠନର ଭିନ୍ନ ଭିନ୍ନ ରୂପ।

ଏବେ ଯେତେବେଳେ ମାଫିଆ ଲୁଣ୍ଠନ ବିରୁଦ୍ଧରେ ସାରା ରାଜ୍ୟରେ ସ୍ୱର ଉଠୁଛି, ଯେତେବେଳେ ଲୋକେ କହୁଛନ୍ତି ଆମ ସମ୍ପଦ ଆମର ରହୁ, ସେତେବେଳେ କେନ୍ଦ୍ର ସରକାର ଆଣିଛନ୍ତି ଏମଏମ୍‌ଡିଆର ସଂଶୋଧନ ଆଇନ ୨୦୨୬। ଏହି ଆଇନର ଅନ୍ତର୍ନିହିତ ଅଭିପ୍ରାୟ ଅତ୍ୟନ୍ତ ମର୍ମାନ୍ତିକ। ଏହି ଆଇନ କହୁଛି - ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କିଏ ଖଣି ନେବ। ରାଜ୍ୟ ନୁହେଁ, କେନ୍ଦ୍ର ସ୍ଥିର କରିବ କେତେ ରୟାଲଟି ମିଳିବ। ଅର୍ଥାତ ଓଡ଼ିଶା କେବଳ ନିଜ ମାଟିର ପ୍ରହରୀ ହୋଇ ରହିବ, ମାଲିକ ହୋଇ ରହିବ ଦିଲ୍ଲୀ। ଏହା ହେଉଛି ସଂଘୀୟ ବ୍ୟବସ୍ଥାର ମୂଳରେ କୁଠାରଘାତ। ସମ୍ବିଧାନରେ ଖଣିଜ ହେଉଛି ରାଜ୍ୟ ତାଲିକାର ବିଷୟ। କିନ୍ତୁ ଏହି ସଂଶୋଧନ ତାହାକୁ କେନ୍ଦ୍ର ତାଲିକାକୁ ଟାଣି ନେଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ, ଓଡ଼ିଶା ବର୍ଷକୁ ଦଶହଜାର କୋଟିରୁ ଅଧିକ ରାଜସ୍ୱ ହରାଇବ। ସେହି ଅର୍ଥ ଚାଲିଯିବ ବଡ଼ କର୍ପୋରେଟର ଆଲମାରୀକୁ। ମାଫିଆ ଯାହା ବେଆଇନ ଭାବେ ଲୁଟୁଥିଲା, ଏବେ କେନ୍ଦ୍ର ତାହା ଆଇନ ବନାଇ ଲୁଟିବ - ଏହା ହିଁ ଜନମାନସରେ ପ୍ରବଳ ଆକ୍ରୋଶ ସୃଷ୍ଟି କରିଛି।

ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ 'ପେସା' ଆଇନ ପ୍ରସଙ୍ଗ ଆଲୋଚନା ପରିସରକୁ ଆସୁଛି। 'ପେସା' କହୁଛି, ଜଳ, ଜଙ୍ଗଲ, ଜମିର ଅଧିପତି ହେବେ ଆଦିବାସୀ। ଗ୍ରାମସଭା ବିନା ସମ୍ମତିରେ କିଏ କୌଣସି ଖାଦାନ ଖୋଳିପାରିବ ନାହିଁ। ଗ୍ରାମସଭା ବିନା ଅନୁମତିରେ ଗୋଟିଏ ଗଛ କଟା ଯାଇପାରିବ ନାହିଁ। ଏହା ହେଉଛି ସ୍ୱରାଜର ମନ୍ତ୍ର। କିନ୍ତୁ ଏଠାରେ ହିଁ ରହିଛି ପ୍ରହେଳିକା। ଯଦି ଏମ୍‌ଏମ୍‌ଡିଆର ମାଧ୍ୟମରେ ସମସ୍ତ କ୍ଷମତା କେନ୍ଦ୍ରକୁ ଚାଲିଯାଏ, ତେବେ 'ପେସା' ଓ ଗ୍ରାମସଭା କ'ଣ କରିବ? ଗ୍ରାମସଭା ମନା କଲେ ମଧ୍ୟ ଯଦି କେନ୍ଦ୍ର କହିବ ଏହି ଖାଦାନ ଆଦାନୀ, ଅମ୍ବାନୀକୁ ଦିଆଗଲା, ତେବେ ଗ୍ରାମସଭାର ସ୍ୱର କିଏ ଶୁଣିବ? ଏହା ହେଉଛି ଦୁଇମୁହାଁ ନୀତି ଓ ଛଳନା।

ଏଣୁ ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ସେ କାହା ପକ୍ଷରେ - ମାଫିଆ ପକ୍ଷରେ, କେନ୍ଦ୍ର ପକ୍ଷରେ ନା ଓଡ଼ିଶାବାସୀଙ୍କ ପକ୍ଷରେ? ପ୍ରଥମେ ଏମ୍‌ଏମ୍‌ଡିଆର ସଂଶୋଧନର ରାଜ୍ୟବିରୋଧୀ ଧାରାକୁ ସର୍ବସମ୍ମତିକ୍ରମେ ବିଧାନସଭାରେ ପ୍ରସ୍ତାବ ଆଣି ବିରୋଧ କରାଯାଉ ଏବଂ ଉଚ୍ଚତମ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରାଯାଉ। ଦ୍ୱିତୀୟ, 'ପେସା'କୁ କାଗଜକଲମରେ ନୁହେଁ, ଅନ୍ତରର ସହ ଲାଗୁ କରାଯାଉ। ପ୍ରତି ଖଣି ଲିଜ ପୂର୍ବରୁ ଗ୍ରାମସଭାର ଭିଡିଓ ରେକର୍ଡିଂ ସହ ସମ୍ମତି ବାଧ୍ୟତାମୂଳକ କରାଯାଉ। ତୃତୀୟ, ସାହା କମିଶନ ରିପୋର୍ଟ ଅନୁଯାୟୀ ମାଫିଆ ଲୁଟର ଟଙ୍କା ଆଦାୟ କରି ଖଣି ଅଞ୍ଚଳର ବିକାଶରେ ଖର୍ଚ୍ଚ କରାଯାଉ। ଚତୁର୍ଥ, ଖଣିଜ ରାଜସ୍ୱର ପଚାଶ ପ୍ରତିଶତ ସିଧା ଆଦିବାସୀ ଗ୍ରାମସଭାର ଖାତାକୁ ଯାଉ।

ଖଣିଜ ହେଉଛି ଅନବୀକରଣଯୋଗ୍ୟ ସମ୍ପଦ। ଥରେ ଖାଦାନ ଖୋଳିନେଲେ ତାହା ଶହ ଶହ ବର୍ଷ ଯାଏଁ ପୂରଣ ହେବ ନାହିଁ। ଯଦି ଆଜି ଆମେ ମାଫିଆକୁ ରୋକିପାରିଲୁ ନାହିଁ, ଏବେ କେନ୍ଦ୍ରୀୟ ଲୁଣ୍ଠନକୁ ରୋକିପାରିବୁ ନାହିଁ, ତେବେ ଆସନ୍ତା ପିଢ଼ି ଆମକୁ କ୍ଷମା କରିବ ନାହିଁ। ସେମାନେ ପଚାରିବେ - ଯେଉଁଠି ପାହାଡ଼ ଥିଲା, ସେଠି ଗାତ କାହିଁକି? ଯେଉଁଠି ଜଙ୍ଗଲ ଥିଲା, ସେଠି ମରୁଭୂମି କାହିଁକି? ଏହାର ଉତ୍ତର ଦେବାକୁ ଆଜି ଆମକୁ ହିଁ ସଂଗ୍ରାମ କରିବାକୁ ପଡ଼ିବ। ଲୁଣ୍ଠିତ, ଶୋଷିତ, ରିକ୍ତ ରାଜ୍ୟ ଭାବେ, ଯାହାର ଗର୍ଭରେ ସୁନା ଥିଲା, କିନ୍ତୁ ପିଲାମାନେ ଭୋକରେ ମରୁଥିଲେ ବୋଲି ଇତିହାସର ପୃଷ୍ଠାରେ ଓଡ଼ିଶା ରହିଯିବ।

ଗୌରାଙ୍ଗପାଟଣା(ଗଞ୍ଜାମ),
ମୋ: ୯୩୯୧୫୯୪୭୯୭

# ମାଉସୀ ମାଆଙ୍କ ପୋଡ଼ପିଠା

ସ୍ୱପ୍ନେଶ୍ୱର

ଲୋକକଥାରେ ଲୋକଦେବତା

ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରର ଶ୍ରୀମନ୍ଦିର ରତ୍ନବେଦୀରେ ଆରାଧିତ ହେବା ପରେ ତାଙ୍କର ମନେ ପଡ଼ିଲା ବୃନ୍ଦାବନ ଛାଡ଼ି ଆସିବା ବେଳେ ସେ କଥା ଦେଇଥିଲେ ଯେ ମାତା ଶ୍ରୀକ୍ଷେତ୍ରରେ 'ମାଉସୀ ମାଆ' ରୂପେ ଆରାଧିତା ହେବେ। ତେଣୁ ସେ ମାତା ଯଶୋଦାଙ୍କୁ ସ୍ମରଣ କଲେ। ମାତା ଯଶୋଦା ଆବିର୍ଭୂତା ହେବା ପରେ ମହାପ୍ରଭୁ କହିଲେ- 'ମାଆ! ବର୍ତ୍ତମାନ ମୁଁ ବଡ଼ ଭାଇ ବଳରାମ ଓ ସୁଭଦ୍ରା ସହ ଶ୍ରୀକ୍ଷେତ୍ରରେ ବାସ କରୁଛି। ଆମ ସଙ୍ଗରେ ଲକ୍ଷ୍ମୀ ମଧ୍ୟ ଆଉ ଏକ ମନ୍ଦିରରେ ବିରାଜମାନ କରୁଛନ୍ତି। ସେ ଆମ ତିନି ଭାଇଭଉଣୀଙ୍କ ମନ ଜାଣି ଷାଠିଏ ପଉଟିର ଛପନ ବ୍ୟଞ୍ଜନ ପ୍ରତିଦିନ ମଣୋହି କରାଉଛି। କିନ୍ତୁ ତୁମ ହାତତିଆରି ପୋଡ଼ପିଠା ଖାଇବାକୁ ମନ ହେଉଛି। ମୋର ଅନୁରୋଧ ରକ୍ଷା କରି ତୁମେ ଶ୍ରୀମନ୍ଦିରରେ ଆମ ସମସ୍ତଙ୍କୁ ତୁମର ସାନ୍ନିଧ୍ୟ ପ୍ରଦାନ କର।' ଯଶୋଦା କହିଲେ- କାହ୍ନା! ତୁ ତ ଆଉ ସେହି ଗୋପପୁରର ମୋର ଗେହ୍ଲା କଳାକାହ୍ନୁ ହୋଇ ନାହୁଁ। ତୁ ବର୍ତ୍ତମାନ ସାରାଜଗତର ରାଜଚକ୍ରବର୍ତ୍ତୀ ଜଗନ୍ନାଥ ମହାପ୍ରଭୁ। କାହ୍ନାର ବାଲ୍ୟ ଚପଳତା ତୋଠାରେ ଶୋଭା ପାଇବ ନାହିଁ। ଆଉ ମୋ ସାଙ୍ଗରେ ତୁ ଦୁଷ୍ଟାମି ନ କରି ରହି ପାରିବୁ ନାହିଁ। ତେଣୁ ମୁଁ କ୍ଷେତ୍ରରେ ରହିବି, କିନ୍ତୁ ଶ୍ରୀମନ୍ଦିରରେ ନୁହେଁ। ତୁ ମୋ ପାଇଁ ମାଳିନୀ ନଦୀ କୂଳରେ ଏକ ଛୋଟ ମନ୍ଦିର ନିର୍ମାଣ କରି ଦେ। ମାଳିନୀ ବେଳେ ବେଳେ କ୍ଷେତ୍ରକୁ ଜଳ ପ୍ଲାବିତ କରି ରଖୁଛି। ମୁଁ ତା'ର ପ୍ଲାବନରୁ କ୍ଷେତ୍ରକୁ ରକ୍ଷା କରିବି ଆଉ ତୋର ଗୁଣ୍ଡିଚା ଯାତ୍ରା ବେଳେ ତୋତେ ମନ ପୂରେଇ ଦେଖିବି। ତୋ ବାହୁଡ଼ା ଯାତ୍ରା ବେଳେ ତୋ ମନପସନ୍ଦର ପୋଡ଼ପିଠା ତୋତେ ଅପେକ୍ଷା କରିଥିବ।' ମାତା ଯଶୋଦାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପ୍ରଭୁ ମାଳିନୀ ନଦୀକୂଳରେ ତାଙ୍କର ରହିବା ବନ୍ଦୋବସ୍ତ କରିଦେଲେ।

ମାଳିନୀ ନଦୀ ପୁରୀକୁ ଦୁଇଭାଗରେ ବିଭକ୍ତ କରୁଥିଲା। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଚତୁର୍ଦ୍ଧାମୂର୍ତ୍ତି ତିନିରଥ ଆରୋହଣ କରି ମାଳିନୀ ନଦୀ ପର୍ଯ୍ୟନ୍ତ ଯାଉଥିଲେ। ତା' ପରେ ରଥରୁ ଓହ୍ଲେଇ ଚାପଡଙ୍ଗାରେ ନଦୀ ପାର ହେଉଥିଲେ ଏବଂ ଆର ପଟେ ଅପେକ୍ଷା କରିଥିବା ଆଉ ତିନି ରଥ ଆରୋହଣ କରି ଗୁଣ୍ଡିଚା ଯାତ୍ରା କରୁଥିଲେ। ନଦୀକୂଳରେ ବିରାଜମାନ କରି ମାଆ ଏ ସବୁ ଦେଖି ବ୍ୟଥିତା ହେଉଥିଲେ। ତେଣୁ ସେ ଦିନେ ମାଳିନୀ ନଦୀକୁ ଡାକି ଶ୍ରୀକ୍ଷେତ୍ର ମଝିରୁ କୌଣସି ପାଖକୁ ସ୍ଥାନାନ୍ତରିତ ହେବା ପାଇଁ ଅନୁରୋଧ କଲେ। ମାଳିନୀ କହିଲେ, 'ମୋର ଅବସ୍ଥିତି ମହାପ୍ରଭୁଙ୍କ ଯାତ୍ରାରେ ପ୍ରତିବନ୍ଧକ ସୃଷ୍ଟି କରୁଛି, ସେ କଥା ସତ। କିନ୍ତୁ ତା' ଦ୍ୱାରା ମୁଁ ବର୍ଷରେ ଦୁଇଥର ପ୍ରଭୁଙ୍କର ପଦସ୍ପର୍ଶର ସୌଭାଗ୍ୟ ଅର୍ଜନ କରୁଛି। ତେଣୁ ଆପଣଙ୍କ ଅନୁରୋଧ ରକ୍ଷା କରିବା ମୋ ପକ୍ଷେ ସମ୍ଭବ ହେବ ନାହିଁ।' ଯଶୋଦା କହିଲେ, 'ପିଲାମାନଙ୍କର ଭଲ ପାଇଁ ଜଣେ ମାଆ କ'ଣ କରିପାରେ, ମୁଁ ଏହି ମୁହୂର୍ତ୍ତରେ ଦେଖେଇ ଦେଉଛି।'

ଦେଖୁ ଦେଖୁ ମାଆ ଉଗ୍ରଚଣ୍ଡୀ ରୂପ ଧାରଣ କଲେ। ଦଶଭୁଜରେ ଦଶଆୟୁଧ ଥିଲା। ଦୁଇ ଆଖି କ୍ରୋଧରେ ଉଲ୍‌କା ପରି ପ୍ରତୀୟମାନ ହେଉଥିଲେ ଏବଂ ସେଥିରୁ ଅଗ୍ନିବର୍ଷା ହେଉଥିଲା। ମାଆ ନଳିନୀର ଜଳକୁ ଶୋଷଣ କରିବାକୁ ଲାଗିଲେ। ନଳିନୀ ମହୋଦଧି ସହ ସଂଯୁକ୍ତ ହୋଇଥିଲା। ନଦୀର ଜଳ ଶୋଷି ହୋଇ ଅଧା ହୋଇଯିବା ପରେ ମହୋଦଧିର ଜଳ ନଦୀରେଦେବୀଙ୍କ ଆଡ଼କୁ ବହିବାକୁ ଲାଗିଲା। ନଦୀ ସହ ମହୋଦଧି ଜଳଶୂନ୍ୟ ହେବାର ଆଶଙ୍କା ସୃଷ୍ଟି ହେଲା। ଏହା ଦେଖି ଦେବ ଦେବ ମହାଦେବ ପ୍ରକଟ ହୋଇ କ୍ରୋଧ ଶାନ୍ତ କରିବା ପାଇଁ ଦେବୀଙ୍କୁ ଅନୁରୋଧ କଲେ। ମହାଦେବଙ୍କ ଅନୁରୋଧରେ ଦେବୀ ଜଳ ଶୋଷଣରୁ ନିବୃତ୍ତ ହେଲେ। ଦେବୀଙ୍କ ଇଚ୍ଛାନୁସାରେ ମହାଦେବଙ୍କ ଆଜ୍ଞାରେ ମାଳିନୀ କ୍ଷେତ୍ରର ମଧ୍ୟଭାଗରୁ ଲୁପ୍ତ ହୋଇଗଲେ। ମାତା ନଦୀର ଅଧା ଜଳ ଶୋଷଣ କରିଥିବାରୁ ତାଙ୍କର ନାମ 'ଅର୍ଦ୍ଧଶୋଷିଣୀ' ରହିଲା ଏବଂ ସେ ଶ୍ରୀକ୍ଷେତ୍ରର ଅଷ୍ଟଚଣ୍ଡୀଙ୍କ ଭିତରେ ଅଗ୍ରଗଣ୍ୟା ହେଲେ। ମହାଦେବ 'ପଶୁପତିନାଥ' ନାମ ଧାରଣ କରି ଦେବୀଙ୍କ ମନ୍ଦିରରେ ବିରାଜମାନ କଲେ। ମହାଦେବ ମାଆଙ୍କ ଉଗ୍ର ସ୍ୱରୂପକୁ ଲୋକଲୋଚନ ଆଢୁଆଳରେ ରଖିବା ପାଇଁ ଦେବୀ ସୁଭଦ୍ରାଙ୍କ ମୁଖ ପରି ଏକ ଦାରୁନିର୍ମିତ ମୁଖା ଦେବୀଙ୍କ ମୁଖମଣ୍ଡଳର ଉପରେ ଘୋଡ଼େଇ ଦେଲେ ଏବଂ ମାତା ଦେବୀ ସୁଭଦ୍ରାଙ୍କ ସ୍ୱରୂପ ଧାରଣ କରି ଦର୍ଶନ ଦେଲେ।

ବାହୁଡ଼ା ବିଜେ ସମୟରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ମାଉସୀ ମାଆଙ୍କ ମନ୍ଦିର ସମ୍ମୁଖରେ ଅଟକେ। ମହାପ୍ରଭୁ ଓ ମାଉସୀ ମାଆ ପରସ୍ପରକୁ ଦର୍ଶନ କରନ୍ତି। ମାଆଙ୍କ ତରଫରୁ ପୋଡ଼ପିଠା ମହାପ୍ରଭୁଙ୍କୁ ସମର୍ପଣ କରାଯାଏ। ପ୍ରଭୁ ଆନନ୍ଦର ସହ ସର୍ପାମଣୋହିରେ ଗ୍ରହଣ କରନ୍ତି। ପ୍ରତିଦିନ ମହାପ୍ରଭୁଙ୍କ ମହାପ୍ରସାଦରୁ ଅମାଲୁ, ଖେଚୁଡି ଓ ଡାଲମା ମାଆଙ୍କୁ ସମର୍ପଣ କରାଯାଏ।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କଟିବେ ୧୫ କୋଟି...

ଦେଶରେ ଏକ ଅବିଶ୍ୱାସ ବାତାବରଣ ସୃଷ୍ଟି କରିଛି। ତିନୋଟି ପର୍ଯ୍ୟାୟରେ ବାଦ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ପ୍ରାୟ ୩ ପ୍ରତିଶତଙ୍କୁ 'ମୃତ' ବୋଲି ଚିହ୍ନିତ କରାଯାଇଛି। ଅଧିକାଂଶଙ୍କୁ 'ଅନୁପସ୍ଥିତ' କିମ୍ବା 'ସ୍ଥାନାନ୍ତରିତ' ବର୍ଗରେ ରଖାଯାଇଛି। ଏହି ବର୍ଗଗୁଡ଼ିକର ସ୍ପଷ୍ଟ ପରିଭାଷା ଓ ଏକରୂପୀ ପ୍ରକ୍ରିୟା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପୁନଶ୍ଚ ଡ୍ରାଫ୍ଟ ତାଲିକାରେ ରହିଥିବା ଅନ୍ୟ ପ୍ରାୟ ଏକ-ପଞ୍ଚମାଂଶ ଭୋଟରଙ୍କୁ ଏସ୍ଆଇଆର୍‌ରେ ନିଯୁକ୍ତି ଅଧିକାରୀମାନେ ଠାବ କରିପାରୁ ନାହାନ୍ତି ବୋଲି କୁହାଯାଉଛି। ଓଡ଼ିଶା, ଝାଡ଼ଖଣ୍ଡ ଓ ତେଲଙ୍ଗାନାରେ ଏହି ଭୋଟରଙ୍କ ସଂଖ୍ୟା ଅଧିକ ଥିବା କୁହାଯାଉଥିଲେ ହେଁ ଏହାର ଯୌକ୍ତିକତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଏଭଳି ପରିସ୍ଥିତିରେ ଏସ୍ଆଇଆର୍‌ର ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏକ ସ୍ୱାଧୀନ ସାର୍ବଜନୀନ ଅଡିଟ୍ କରିବା ଆବଶ୍ୟକ ବୋଲି ଦାବି ହୋଇଛି।

### ଆବୁଧାବିରେ ମୁଖ୍ୟମନ୍ତ୍ରୀ...

ତଥା ଶିଳ୍ପ ସମ୍ବନ୍ଧୀୟ ସୁଯୋଗ ମାଧ୍ୟମରେ ଓଡ଼ିଶା-ୟୁଏଇ ସମ୍ପର୍କକୁ ସୁଦୃଢ଼ କରିବାକୁ ଆଶା ରଖୁଛୁ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସମେତ ଶିଳ୍ପ ବିଭାଗ ଓ ଇପିକଲ୍‌ର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଆବୁଧାବିରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ୟୁଏଇରେ କାର୍ଯ୍ୟରତ ଅଧିକାରୀ ଓ ପ୍ରତିନିଧିମାନେ ତାଙ୍କୁ ସ୍ୱାଗତ କରିଥିଲେ। ଆବୁଧାବିରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଉଚ୍ଚସ୍ତରୀୟ ନିବେଶକ ଓ ବ୍ୟବସାୟିକ ବୈଠକର ପ୍ରସ୍ତୁତି ସମୀକ୍ଷା କରିଥିଲେ। ୟୁଏଇର ନିବେଶକ, ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ସହ ହେବାକୁ ଥିବା ଆଲୋଚନାକୁ ଫଳପ୍ରଦ ଓ ନିର୍ଦ୍ଦିଷ୍ଟ ଫଳାଫଳ ଭିତ୍ତିକ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୟୁଏଇରେ ଭାରତର ରାଷ୍ଟ୍ରଦୂତଙ୍କୁ ଭେଟି ଭାରତ-ୟୁଏଇ ସମ୍ପର୍କ ଏବଂ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଓ ଜନସମ୍ପର୍କକୁ ଆହୁରି ସୁଦୃଢ଼ କରିବାର ସୁଯୋଗ ନେଇ ଆଲୋଚନା କରିଥିଲେ। ୟୁଏଇରେ ରହୁଥିବା ଓ କାର୍ଯ୍ୟରତ ଓଡ଼ିଆମାନଙ୍କୁ ନିରନ୍ତର ସହଯୋଗ, ସୁବିଧା ଓ ସହଜ ଜୀବନଯାପନର ସୁଯୋଗ ଯୋଗାଇବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ ବୁଧବାର ଓଡ଼ିଶାର ୟୁଏଇ ନିବେଶ ଅଭିଯାନର ପ୍ରମୁଖ ପର୍ଯ୍ୟାୟ ଆରମ୍ଭ ହେବ। ଆବୁଧାବିରେ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନି (ଆଇଏଚ୍‌ସି) ଓ ଏହାର ବିଭିନ୍ନ ବ୍ୟବସାୟିକ ସଂସ୍ଥା, ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ (ଆଇବିପିଜି), ୟୁଏଇର ନିବେଶ ମନ୍ତ୍ରୀ ଓ ବରିଷ୍ଠ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ। ଏହାପରେ ପେଟ୍ରୋକେମିକାଲ୍ସ ଓ କେମିକାଲ୍ସ କ୍ଷେତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନା ହେବ। ଏହି ବୈଠକଗୁଡ଼ିକରେ ଓଡ଼ିଶାରେ ନିର୍ଦ୍ଦିଷ୍ଟ ନିବେଶ ସୁଯୋଗ, ଶିଳ୍ପ ସହଭାଗିତା, ପ୍ରଯୁକ୍ତି ସହଯୋଗ ଓ ଦୀର୍ଘମିଆଦୀ ଶିଳ୍ପ ପ୍ରତିଷ୍ଠା ନେଇ ଆଲୋଚନା ହେବ। ସୂଚନାଯୋଗ୍ୟ ଯେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ଶିଳ୍ପ ଭିତ୍ତିଭୂମି, ବନ୍ଦର, ପ୍ରତିଯୋଗିତାମୂଳକ ବିଦ୍ୟୁତ ଉପଲବ୍ଧତା, ଦକ୍ଷ ମାନବ ସମ୍ବଳ ଏବଂ ଭାରତୀୟ ଓ ଅନ୍ତର୍ଜାତୀୟ ବଜାର ସହ ଯୋଗାଯୋଗକୁ ନିବେଶକଙ୍କ ସମ୍ମୁଖରେ ରଖିବ ରାଜ୍ୟ ପ୍ରତିନିଧିମଣ୍ଡଳୀ। ନିବେଶକଙ୍କ ଆଗ୍ରହକୁ ଭୂମିସ୍ତରରେ ପ୍ରକଳ୍ପରେ ପରିଣତ କରିବା, ନିଯୁକ୍ତି ସୃଷ୍ଟି ଓ ଓଡ଼ିଶାକୁ ବିଶ୍ୱସ୍ତରୀୟ ବ୍ୟବସାୟିକ ଗନ୍ତବ୍ୟ ଭାବେ ସୁଦୃଢ଼ କରିବା ଉପରେ ରାଜ୍ୟ ସରକାରର ମୁଖ୍ୟ ଫୋକସ୍ ରହିବ।

### ୨୦ ସାଂସଦଙ୍କ...

ଜଣ ସହଯୋଗ କରିଥିଲେ। ଏଭଳି ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ଇତିମଧ୍ୟରେ କଂଗ୍ରେସର ୩୨ ଜଣ ଏସ୍‌ସି/ ଏସ୍‌ଟି ସାଂସଦ ଏହି ପ୍ରସଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହା ସ୍ଥିର ହୋଇଛି। ଏହାକୁ ନେଇ ଏକ ଫୋରମ ଗଠନ କରାଯାଇଛି। ସେମାନେ କହିଛନ୍ତି ଯେ ସମ୍ବିଧାନରେ ସମସ୍ତଙ୍କୁ ସମାନ ଅଧିକାର ଓ ସୁବିଧା ଦିଆଯାଇଥିବା ବେଳେ ଶୁଦ୍ଧିକରଣ କାର୍ଯ୍ୟକ୍ରମରୁ ସ୍ପଷ୍ଟ ହୋଇଛି ଯେ ସଂଘ ପରିବାର ଏବେ ବି ଅସ୍ପୃଶ୍ୟତା ମାନସିକତାରୁ ମୁକ୍ତ ହୋଇପାରି ନାହିଁ। ସର୍ବସାଧାରଣରେ ଏସସି/ ଏସଟି ସଂପ୍ରଦାୟକୁ ଅପମାନିତ କରାଯାଉଥିବା ବେଳେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ମଧ୍ୟ ଏହାକୁ ନେଇ ସରକାରଙ୍କ ଉପରେ ବର୍ଷିଥିଲେ।

ଇତିମଧ୍ୟରେ ହଲଦୱାନୀରୁ ମିଳିଥିବା ରିପୋର୍ଟ ଅନୁଯାୟୀ ପ୍ରବଳ ଚାପ ପରେ ସ୍ଥାନୀୟ ଥାନାରେ ଏହି ଶୁଦ୍ଧିକରଣ କାର୍ଯ୍ୟକ୍ରମ ବିରୋଧରେ ଆଜି ଏଫଆଇଆର ରୁଜୁ ହୋଇଛି। ତେବେ ଏଥିରେ କାହାରି ନାମ ନିଆଯାଇନାହିଁ। କେବଳ ଅପରିଚିତ ଲୋକଙ୍କ ବିରୋଧରେ ଏତଲା ଦାଏର ହୋଇଛି। ମାମଲାର ଯାଞ୍ଚ ପାଇଁ ଏସିପି (କ୍ରାଇମ)ଙ୍କୁ ଦାୟିତ୍ୱ ଦିଆଯାଇଛି। ଭିଡିଓ ଯାଞ୍ଚ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

### ଭାଙ୍ଗିଲା ଗେରୁଆ...

ଇଣ୍ଡିଆକୁ ଏହାର ଜର୍ସି ରଙ୍ଗ ନିଶ୍ଚିତ କରିବାକୁ କୁହାଯାଇଥିଲା। ହକି ଇଣ୍ଡିଆ ପକ୍ଷରୁ ନୀଳକୁ ପ୍ରଥମ ଓ ଗେରୁଆକୁ ଦ୍ୱିତୀୟ ବିକଳ୍ପ ରଙ୍ଗ ବୋଲି ଅଲିମ୍ପିକ ଆସୋସିଏସନକୁ ଅବଗତ କରିଛି। ତେବେ ହକି ଇଣ୍ଡିଆର କୋଷାଧ୍ୟକ୍ଷ ଜେ. ମନୋହର ଏହି ନିଷ୍ପତ୍ତିକୁ ସାମୟିକ ବୋଲି ଉଲ୍ଲେଖ କରି କହିଛନ୍ତି ଯେ ଗେରୁଆ ଜର୍ସି ସମ୍ପୂର୍ଣ୍ଣ ଭାବରେ ନୀଳକୁ ପରିବର୍ତ୍ତନ କରାଯାଇନାହିଁ, ବା ଏ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ହୋଇନାହିଁ। କେବଳ ଏସୀୟ କ୍ରୀଡ଼ା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

ପ୍ରକାଶଯୋଗ୍ୟ ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ନିକଟରେ ଅନୁଷ୍ଠିତ ହୋଇଥିବା ହକି ବିଶ୍ୱକପ ପୂର୍ବରୁ ଭାରତୀୟ ଦଳର ଜର୍ସି ପରିବର୍ତ୍ତନକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଥିଲା। ଦୀର୍ଘ ବର୍ଷ ଧରି ଭାରତୀୟ ଖେଳାଳି ପରିଧାନ କରିଆସୁଥିବା ପାରମ୍ପରିକ ନୀଳ ରଙ୍ଗକୁ ହଠାତ୍ ବଦଳାଇ ଗେରୁଆକୁ ପରିବର୍ତ୍ତନ କରାଯାଇଥିଲା। ନୀଳ ରଙ୍ଗ ସହ ନୀଳ ଟର୍ଫର ରଙ୍ଗ ସମାନ ହେଉଯାଉଥିବାରୁ ଏହା ଖେଳାଳିଙ୍କ ଦୃଶ୍ୟମାନତା ଉପରେ ପ୍ରଭାବ ପକାଉଥିଲା ବୋଲି ହକି ଇଣ୍ଡିଆ ପକ୍ଷରୁ ଏହି ପରିବର୍ତ୍ତନକୁ ନେଇ ସଫେଇ ଦିଆଯାଇଥିଲା। ତେବେ ଏହାକୁ ନେଇ ଧନରାଜ ପିଲ୍ଲେ, ପର୍ଗତ ସିଂହ, ଅଜିତ ପାଲ୍ ସିଂହ, ବୀରେନ୍ଦ୍ର ରାସକିନାଙ୍କ ସହ ଏକାଧିକ ପୂର୍ବତନ ଭାରତୀୟ ହକି ଖେଳାଳି ଜୋରଦାର ବିରୋଧ କରିଥିଲେ। ଘଡ଼ିସନ୍ଧି ମୂହୂର୍ତ୍ତରେ ଭାରତୀୟ ହକିର ପ୍ରାୟୋଜକ ରହିଥିବା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ରଙ୍ଗ ପରିବର୍ତ୍ତନକୁ ନେଇ କଡ଼ା ସମାଲୋଚନା କରିଥିଲେ। ଚାରିଆଡୁ ସମାଲୋଚନାର ଶିକାର ହେବାପରେ ହକି ସଂଘ ପୁନର୍ବାର ନୀଳ ଜର୍ସିକୁ ଫେରିଥିବା ମନେ କରାଯାଉଛି।

### ଅଡୁଆ ବଢ଼ାଇଲା...

ଅନୁମୋଦନ ମିଳିବା ଏବଂ ଅଗଷ୍ଟ ୧୦ରେ ଦୁଇଜଣ ଅଧିକାରୀଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯିବା ପରେ ରାଜ୍ୟ ସରକାର ସଂଶୋଧିତ ତାଲିକା ୟୁପିଏସ୍‌ସିକୁ ପଠାଇଥିଲେ। ଏହି ସଂଶୋଧିତ ତାଲିକାରେ ନୂଆ ଭାବେ ଅଧିକାରୀଙ୍କୁ ଡିଜିପି ଚୟନର 'ଜୋନ୍ ଅଫ୍ କନ୍ସିଡରେସନ୍'ରେ ସାମିଲ କରାଯିବାକୁ ନେଇ ମଧ୍ୟ ଆମିକସ୍ କ୍ୟୁରୀ ଆପତ୍ତି ଉଠାଇଛନ୍ତି।

ସୂଚନା ଅନୁସାରେ ଡିଜି ଚୟନ ପ୍ରକ୍ରିୟାରୁ ଜେଲ୍ ଡିଜି ସୁଶାନ୍ତ ନାଥଙ୍କୁ ବାଦ ଦେବା ପାଇଁ ତାଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇବା ଘଟଣାକୁ ମଧ୍ୟ ଆମିକସ୍ କ୍ୟୁରୀ ଗମ୍ଭୀରତାର ସହ ନେଇଛନ୍ତି। ରିପୋର୍ଟ ଅନୁସାରେ ଅଗଷ୍ଟ ୫ରେ ଶ୍ରୀ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଅଟକାଇ ଦିଆଯାଇଥିଲା। ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡର ଏସ୍ଆଇ ପରୀକ୍ଷା ସମ୍ପର୍କିତ ସିବିଆଇ ତଦନ୍ତକୁ ଆଧାର କରି ଏହି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ମାତ୍ର ସିବିଆଇର ଅଗଷ୍ଟ ୪ ତାରିଖର ରିପୋର୍ଟରେ ଶ୍ରୀ ନାଥଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ବିଚାରାଧୀନ ନଥିବା, ତାଙ୍କ ବିରୋଧରେ କୌଣସି ଚାର୍ଜସିଟ୍ ଦାଖଲ ହୋଇନଥିବ ଦର୍ଶାଯାଇଥିଲା। ଏହି ପରିସ୍ଥିତିରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କାହିଁକି ଅଟକାଯାଇଥିଲା, ତାହାର ଆଧାର କ'ଣ ଥିଲା ଓ ଚୟନ ପ୍ରକ୍ରିୟାରୁ ଜଣେ ଅଧିକାରୀଙ୍କୁ ବାଦ ଦେବା ପାଇଁ ଏପରି ପଦକ୍ଷେପ ନିଆଯାଇଥିଲା କି ବୋଲି ଆମିକସ୍ କ୍ୟୁରୀ ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ସେ ଅଦାଲତକୁ ୩ଟି ସୁପାରିସ କରିଛନ୍ତି। ଅଗଷ୍ଟ ୧୦ରେ ପଠାଯାଇଥିବା ସଂଶୋଧିତ ତାଲିକାକୁ ଗ୍ରହଣ ନ କରି ମେ' ୧୪ରେ ୟୁପିଏସ୍‌ସିକୁ ପଠାଯାଇଥିବା ମୂଳ ଯୋଗ୍ୟତା ତାଲିକା ଆଧାରରେ ନୂଆ ଡିଜିପି ଚୟନ କରାଯାଉ। ଦ୍ୱିତୀୟତଃ ସଞ୍ଜୀବ ପଣ୍ଡାଙ୍କ ଚାକିରି ଅବଧି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ତଥ୍ୟ ନେଇ ଓଡ଼ିଶା ସରକାରଙ୍କଠାରୁ ସ୍ପଷ୍ଟୀକରଣ ତଲବ କରାଯାଉ। ତୃତୀୟତଃ ସୁଶାନ୍ତ ନାଥଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ କେଉଁ ଆଧାରରେ ଅଟକାଯାଇଥିଲା, ସେ ସମ୍ପର୍କରେ ରାଜ୍ୟ ସରକାର ସତ୍ୟପାଠ ମାଧ୍ୟମରେ ସ୍ପଷ୍ଟୀକରଣ ଦିଅନ୍ତୁ। ଆମିକସ୍ କ୍ୟୁରୀଙ୍କ ଏହି ରିପୋର୍ଟ ଓ ସୁପାରିସ ଏବେ ଡିଜି ଚୟନ ପ୍ରକ୍ରିୟାକୁ କେବଳ ନୂଆ ମୋଡ଼ ଦେଇନାହିଁ; ରାଜ୍ୟର କ୍ଷମତା ଅଳିନ୍ଦରେ ଏକ ନୂଆ କ୍ଷମତା ଯୁଦ୍ଧର ଆଭାସ ଦେଇଛି।

### ଭୋଗରାଇରୁ ୫...

ପରିସ୍ଥିତିକୁ ଗୁରୁତ୍ୱ ଦେଇ ସେମାନଙ୍କୁ ସୁରକ୍ଷିତ ଭାବେ କାବୁ କରିବା ସହ ଖାଦ୍ୟ ଭାବେ କିଛି ଫଳ ଦିଆଯାଇଥିଲା। ପରେ ଉଦ୍ଧାର ହୋଇଥିବା ସମସ୍ତ ଓରାଙ୍ଗଉଟାନଙ୍କୁ ଉଦୟପୁର ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଖବର ପାଇ ଜଳେଶ୍ୱର ରେଞ୍ଜ ଅଧିକାରୀ ଶିଶିର କୁମାର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦୟପୁରରେ ସେମାନଙ୍କୁ ଜଙ୍ଗଲ ଭିତରେ ସ୍ୱତନ୍ତ୍ର ଭାବେ ରଖାଯାଇ ସୁରକ୍ଷା ଓ ଯତ୍ନ ନିଆଯାଇଥିଲା। ସେମାନଙ୍କ ବୟସ ପ୍ରାୟ ୬ ମାସରୁ ୧ ବର୍ଷ ମଧ୍ୟରେ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ପରେ ସେମାନଙ୍କୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଭୁବନେଶ୍ୱରସ୍ଥିତ ନନ୍ଦନକାନନ ଚିଡ଼ିଆଖାନାକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇଛି।

ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନେନି ଗଣମାଧ୍ୟମକୁ କହିଛନ୍ତି ଯେ ଓରାଙ୍ଗଉଟାନ ସାଧାରଣତଃ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖିବାକୁ ମିଳନ୍ତି। ଭୋଗରାଇର ଉପାନ୍ତ ଅଞ୍ଚଳରେ ଏକାଥରେ ୫ଟି ଓରାଙ୍ଗଉଟାନ ମିଳିବା ଘଟଣା ତେଣୁ ବନ ବିଭାଗ ପାଇଁ ମଧ୍ୟ ରହସ୍ୟ ସୃଷ୍ଟି କରିଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଏହି ବିରଳ ବିଦେଶୀ ଜୀବଗୁଡ଼ିକ ଭୋଗରାଇର ଉପାନ୍ତ ଅଞ୍ଚଳକୁ ଆସିଲେ କେମିତି? କିଏ ଏମାନଙ୍କୁ ଏଠାକୁ ଆଣିଲା? କେଉଁଠାରୁ ଆଣାଯାଇଥିଲା? ଏହାକୁ ନେଇ ବନ ବିଭାଗ ତଦନ୍ତ ଆରମ୍ଭ କରିଛି। ଏମାନଙ୍କୁ କେହି ବେଆଇନ ଭାବେ ଆଣି ଜଙ୍ଗଲରେ ଛାଡ଼ି ଦେଇଥିଲା କି, ନା କୌଣସି ଅନ୍ୟ ମାଧ୍ୟମରେ ଏଠାକୁ ପହଞ୍ଚିଥିଲେ, ସେ ଦିଗରୁ ମଧ୍ୟ ତଦନ୍ତ କରାଯାଉଛି। ବିଶେଷକରି ଏହି ଅଞ୍ଚଳ ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଜଳପଥ ଦେଇ ହୁଏତ ଏମାନଙ୍କୁ ଏଠାକୁ ଅଣାଯାଇଥାଇପାରେ ବୋଲି ମଧ୍ୟ ସନ୍ଦେହ ପ୍ରକାଶ ପାଇଛି। ତେବେ ଏହାର ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଜିଲ୍ଲା ବନ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକରଙ୍କ ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ୫ଟି ଓରାଙ୍ଗଉଟାନଙ୍କୁ ଆବଶ୍ୟକ ସୁରକ୍ଷା ଓ ଚିକିତ୍ସା ଯାଞ୍ଚ ପାଇଁ ନନ୍ଦନକାନନକୁ ପଠାଯାଇଛି। ଭୋଗରାଇର ଏକ ଝାଉଁ ଜଙ୍ଗଲ ଭିତରୁ ଇଣ୍ଡୋନେସିଆ ଓ ମାଳ ଏସିଆରେ ଦେଖାଯାଉଥିବା ଏଭଳି ବିରଳ ଜୀବ ମିଳିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏମାନଙ୍କ ପଛରେ କୌଣସି ବଡ଼ ଚୋରାଚାଲାଣ ଚକ୍ରର ସମ୍ପୃକ୍ତି ଅଛି କି ନାହିଁ, ତାହା ତଦନ୍ତରେ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

### ନନ୍ଦନକାନନରେ ସଙ୍ଗରୋଧ...

ଜଳେଶ୍ୱର ପିଆର୍‌ଏଫ ନିକଟରୁ ଏହି ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି। ଏହି ପ୍ରାଣୀ ଭାରତରେ ନାହାନ୍ତି। ପଶ୍ଚିମବଙ୍ଗରୁ ଏହି ଜୀବମାନଙ୍କୁ ଚୋରାରେ ଅନ୍ୟତ୍ର ନିଆଯାଉଥିବା ଓ କୌଣସି କାରଣରୁ ଏଠାରେ ଛାଡ଼ି ଦିଆଯାଇଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଗୋଟେ ଓରାଙ୍ଗଉଟାନର ବଜାରରେ ଦାମ ୨୫ ଲକ୍ଷ ଟଙ୍କା; ଏ ସମ୍ପର୍କରେ ଡବ୍ଲୁସିସିବିକୁ ଜଣାଯାଇଛି। ଏହାର ତଦନ୍ତ କରାଯିବ ଏବଂ ଏଆରପୋର୍ଟ, ରେଳବାଇ, ପୁଲିସ ପ୍ରଶାସନ ସହ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

## କନଷ୍ଟେବଲ ହତ୍ୟା ମାମଲା: କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ

କଟକ, ୮।୯ (ସମିସ): ଓଏମଭିଡି କନଷ୍ଟେବଲ ଆଶୁତୋଷ ମୃଦଙ୍ଗିଆଙ୍କ ହତ୍ୟା ଘଟଣାରେ ପୁଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରି ମାମଲାର ତଦନ୍ତ ଭାର ତୁରନ୍ତ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିବାକୁ ଗଞ୍ଜାମ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ କନଷ୍ଟେବଲଙ୍କ ଭଉଣୀ ନିବେଦିତା ଦେବୀଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଗତ ୨୦୨୬ ଜୁନ ୫ରେ ବ୍ରହ୍ମପୁର ଟାଉନ୍ ଥାନା ଅନ୍ତର୍ଗତ ବିଜିପୁର ପୁଲିସ କଲୋନୀରେ କନଷ୍ଟେବଲ ଆଶୁତୋଷ ଗୁରୁତର ଅବସ୍ଥାରେ ମିଳିଥିଲେ। ପରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ସମୟରେ ଆଶୁତୋଷଙ୍କ ଦୁଇ ଥର ମୃତ୍ୟୁକାଳୀନ ଜମାନବନ୍ଦି ରେକର୍ଡ ହୋଇଥିଲା। ଦୁଇ ଥର ଯାକ ପତ୍ନୀ ସନ୍ଧ୍ୟା ଓ ଶଳାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ଘଟଣାକୁ ନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା; କିନ୍ତୁ ଉଭୟଙ୍କୁ ପୁଲିସ ଗିରଫ କରି ନ ଥିଲା। ଅଭିଯୁକ୍ତଙ୍କୁ ପୁଲିସ ଘଣ୍ଟ ଘୋଡ଼ାଉଥିବା ନେଇ ଅଭିଯୋଗ କରିଥିଲେ ଆଶୁତୋଷଙ୍କ ଭଉଣୀ ନିବେଦିତା। ମୃତକଙ୍କ ଭଉଣୀ ନିବେଦିତା ଦେବୀ ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରି ହାଇକୋର୍ଟରେ ଏକ ମାମଲା ଦାୟର କରିଥିଲେ। ଆଶୁତୋଷଙ୍କ ପତ୍ନୀ ଜଣେ ପୁଲିସ କନେଷ୍ଟବଲ ହୋଇଥିବାରୁ ପୁଲିସ ଜାଣିଶୁଣି ଗିରଫ କରୁନାହିଁ ବୋଲି ହାଇକୋର୍ଟରେ ତାଙ୍କ ଭଉଣୀ ଦର୍ଶାଇଥିଲେ। ଅଭିଯୁକ୍ତମାନଙ୍କ ସଂପୃକ୍ତି ବିଷୟରେ ମୃତକ କହିଥିବା ସତ୍ତ୍ୱେ ପୁଲିସ ତଦନ୍ତର ଫଳାଫଳ ସନ୍ତୋଷଜନକ ନ ଥିବାରୁ ହାଇକୋର୍ଟ ତୁରନ୍ତ କ୍ରାଇମବ୍ରାଞ୍ଚକୁ ତଦନ୍ତ ହସ୍ତାନ୍ତର କରିବା ପାଇଁ ଆଦେଶ ଦେଇଛନ୍ତି।

**AFFIDAVIT**

By virtue of an affidavit (CF No. 12, dtd- 15.05.2026) sworn before The Notary Public, Padampur. I, **Suresh Kumar Agrawal** (applicant name), S/o Late Roshanlal Agrawal, resident of Padampur, Ward No.3, PO: Rajborasambar, PS- Padampur, Dist: Bargarh, PIN-768036 declare that I have changed my minor son's name from **Binayak Agrawal** (old name) to **Pratham Agrawal** (new name). Henceforth, he shall be known as **Pratham Agrawal** (new name) for all purposes.

**Suresh Kumar Agrawal**

**KARILOPATNA COLLEGE, KARILOPATNA**

Dist-Kendrapara, Odisha

No. 199/26 dt. 4.9.26

**WALK-IN-INTERVIEW**

Applications are invited from eligible candidates for engagement of Lecturer in Physics, Chemistry, I.T, Statistics, Botany & Night Watchman.

Interested candidates may attend the Walk-in Interview with original certificates and testimonials.

| | | |
|---|---|---|
| Date | : | 19.09.2026 (Saturday) |
| Reporting Time | : | 9.00 A.M to 10.00 A.M |
| Interview | : | 11.00 A.M onwards |
| Venue | : | College Premises, Karilopatna |

Candidates must complete registration and document verification within the stipulated reporting time.

Principal
Karilopatna College, Karilopatna
Mob-9437105017

**ପୂର୍ବ ତଟ ରେଳପଥ**

ଶୁଦ୍ଧିପତ୍ର ସଂଖ୍ୟା-୦୩
ଟେଣ୍ଡର ବିଜ୍ଞପ୍ତି ସଂ.ETCECON IIBBS2026029 , ତା.17.08.2026 ରିଖ ପାଇଁ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସଂଖ୍ୟାର ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟରେ ଆବଶ୍ୟକୀୟ ସଂଶୋଧନ କରାଯାଇଛି।

| ପ୍ରକାଶିତ ଅନୁଯାୟୀ | ବର୍ତ୍ତମାନ ପଢ଼ାଯିବ |
|---|---|
| ତା.17.09.2026 ରିଖ 1200 ଘଟିକା | ତା.30.09.2026 ରିଖ 1200 ଘଟିକା |

ବିସ୍ତୃତ ସଂଶୋଧନ ପାଇଁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରନ୍ତୁ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଭୁବନେଶ୍ୱର

PR-187/CJ/26-27

**AFFIDAVIT**

I, Suvrakanta Behura, aged about 38 years, S/O- Maheswar Behura, resident of At/Po- Sahira, Ps- Aul, Dist- Kendrapara, Odisha, PIN- 754215, do hereby declare by this affidavit No. 1856, dtd- 07/09/2026, that now onwards I shall be known as **SUBRAKANTA BEHURA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Barpali, vide no. 542 dtd.28.08.2026, I, Lingaraj Rana, S/o- Late Dambodar Rana, At/Po.- Satalma, Ps./Tahasil- Barpali, Dist.- Bargarh state that,my son's actual name is **Lukesh Rana** and **DOB: 29.04.2014** but in his Aadhaar Card no. 5792 9694 0334 his name has been wrongly mentioned as Manas Rana. Hence **Lukesh Rana** and **Manas Rana** is one and same person.

**AFFIDAVIT**

I, Shaikh Amirul Islam, S/o SK Abdus Salam, resident of At- Nahanga, Po- Sukleswar, Ps- Bhadreswar, Dist- Cuttack Rural, PIN- 754221, Odisha declare by this affidavit No- 8926, dated- 08/09/2026 that now onwards I shall be known as **SK AMIRUL ISLAM** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate Rasgabindapur on Dated 8th september 2026, I Sri Buddhadev Marandi, S/o- Mr Hadibandhu Marandi, Address At-Baunsatofa, Po-Jharia, Ps-Rasgabindapur, Dist-Mayurbhanj, State-Odisha, Pin-757016, Odisha, have changed my name from "BDDHADEV MARANDI" to "BUDDHADEV MARANDI". Henceforth, I shall be known as **"BUDDHADEV MARANDI"** for all purposes.

**BUDDHADEV MARANDI**

**AFFIDAVIT**

By virtue of an affidavit No- 2864, sworn before The Executive Magistrate Champua, on dtd- 08/09/2026. I, **Najab Arzoo**, permanent resident of At/Po/Ps-Champua, Dist- Keonjhar, Odisha, PIN- 758041 declared that I have changed my name from **NAZAF ARZOO** (old name) to **NAJAB ARZOO** (new name). Henceforth, I shall be known as **NAJAB ARZOO** for all future purposes.

**Najab Arzoo**

**AFFIDAVIT**

By virtue of an affidavit sworn before the Notary Public, Khordha, dtd. 14.08.2026, I, SAKABAT KHAN, Village-Haripur, P.O.-Anda, P.S.-Khordha Sadar, Dist.-Khordha, PIN-752060, declare that my minor son's name changed from FARIDA BIBI to AKBAR KHAN. Henceforth he shall be known as AKBAR KHAN for all purposes.

**Sd/- SAKABAT KHAN**

**AFFIDAVIT**

By virtue of an affidavit (CF No. 03, dtd- 11/08/2026) sworn before The Executive Magistrate, Padampur. I, **Jagadiswar Sahu**, S/o Kashyamanidhi Sahu, permanent resident of AT/PO: Mahulapali, PS: Padampur, Dist: Bargarh, Odisha declare that I have changed my father's name & date of birth from **Kashyamanidhi Sahu (05.08.1956)** to **Kashyamanidhi Sahu (15.09.1956)** in my PAN Card, bearing No: DNMPS8311E. Henceforth, he shall be known as **Kashyamanidhi Sahu, DOB: 15.09.1956** for all official, non-official, and legal purposes.

**Jagadiswar Sahu**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 08.09.2026, I, Ashish Sundaraya, S/o- Dillip Kumar Sundaray, At-Aiginia, PO-Aiginia, PS-Bharatpur, Dist.-Khordha, PIN-751030, declare that I have changed my name from Asutosh Sundaraya to Ashish Sundaraya. Henceforth, I shall be known as **Ashish Sundaraya** for all purposes.

**Sd/- Ashish Sundaraya**

32001/832/2627

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer,**
**Deo Head Works Division, Karanjia, At/Po-Karanjia, Dist.-Mayurbhanj-757037,**
**e-mail:** teedhwd@gmail.com

**"e" Procurement Notice**

**Bid Identification No.: 03/SEDHWD of 2026-27**

| | | | |
|---|---|---|---|
| 1. | Nature of the Work | : | Civil Work |
| 2. | Number of Works | : | 02 (Two) Nos of Individual Work |
| 3. | Approximate amount put to tender | : | 94.71 Lakhs, 86.93 lakh |
| 4. | Period of Completion | : | 06 (Six) Calendar Months |
| 5. | Class of Contractor | : | "B" Class Contractor |
| 6. | Date & time of Availability of Bid document in the portal | : | Dt. 11.09.2026 - 10 AM to 25.09.2026 up to 5.30 PM |
| 7. | Last date & time of seeking tender clarification | : | Dt. 22.09.2026 up to 1.00 PM |
| 8. | Last date & time of receipt of Bids in the Portal | : | Dt. 25.09.2026 up to 5.30 PM |
| 9. | Date, time & place of opening of Technical Bid/s (Cover-I) | : | Dt.28.09.2026 at 11.30 AM in the O/o the Superintending Engineer, Deo Head Works Division, Karanjia, Mayurbhanj |
| 10. | Date, time & place of opening of Financial Bid/s (Cover-II) | : | To be intimated after evaluation of Technical BID |
| 11. | Name & address of the officer inviting Bid | : | Superintending Engineer, Deo Head Works Division, Karanjia. AT/PO-Karanjia, PS-Karanjia, Dist-Mayurbhanj, PIN-757037 |

***Further details can be seen from the Govt. web site www.tendersodisha.gov.in. Any addendum/corrigendum/ cancellation of tender can also be seen in the said Website.**

Sd/-
Superintending Engineer,
Deo Head Works Division, Karanjia

OIPR-32001/32248/1/26-27/0004

e-mail: eeghatagaon2015@gmail.com

**Government of Odisha "e" procurement Notice**
**Bid Identification No. S.E. GTN (R&B)- 06/2026-27**

34001/762/2627 No. 7119 Dt. 7.9.2026

| | | | |
|---|---|---|---|
| 1 | No. of the work :- | : | 7 No. Fire Fighting System Work & Electrical works |
| 2 | Estimated cost :- | : | From Rs. 11.82 to Rs. 3.09 Lakh |
| 3 | Period of completion :- | : | From 1 (One) Calendar Month. |
| 4 | Date and Time of availability of Bid document in the portal :- | : | From 11.00 HR 10.09.2026 to 17.00 HR of 21.09.2026 |
| 5 | Last date / Time for receipt of bids in the portal :- | : | 17.00 Hr of 21.09.2026 |
| 6 | Date of opening of Bid from Portal :- | : | 11.30 Hr of 22.09.2026. |
| 7 | Name and address of the officer inviting Bid :- | : | Superintending Engineer, Ghatagaon (R&B) Division, Ghatagaon |

Further details can be seen from the e-procurement portal **"http://tendersodisha.gov.in"**

**Superintending Engineer**
**Ghatagaon (R&B) Division**

OIPR-34001/34140/1/26-27/0006

**GOVERNMENT OF ODISHA** 32001/836/2627
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**BARPALI IRRIGATION DIVISION, BARPALI**
E-mail id - ee.barpali.canal@gmail.com

**Tender Call Notice No.BID-03(01-01)/2026-27(Online)**

| | | | |
|---|---|---|---|
| 1. | **Nature of Works** | : | Engagement of different categories of personnel on outsourcing basis for operation and maintenance of Hirakud System for Barpali Irrigation Division, Barpali under Additional Chief Engineer, Canal Circle, Burla for the year 2026-27 (From 01.10.2026 to 31.03.2027). |
| 2. | **Nos. of works** | : | 01 (One)No. |
| 3. | **Amount Put to Tender** | : | **Rs. 44,21,586/-** |
| 4. | **Period of Completion** | : | As per D.T.C.N. |
| 5. | **Date and time of availability of Bid Document in the Portal** | : | Dt: 10.09.2026 at 11.00A.M. to Dt:19.09.2026 upto 05.00P.M. |
| 6. | **Last Date/Time for receipt of Bids in the Portal** | : | Dt:19.09.2026 upto 05.00 P.M. |
| 7. | **Date of opening of Bid** | : | Dt:21.09.2026 at11.00A.M. |
| 8. | **Last date & time of seeking tender clarification** | : | Dt:19.09.2026 upto 02.00 P.M. |
| 9. | **Name and address of the Officer Inviting Bid** | : | Superintending Engineer, Barpali Irrigation Division, Barpali At/Po- Barpali, Pin-768029, Dist.-Baragada Email Id - ee.barpali.canal@gmail.com |

1 Any addendum/corrigendum/cancellation of tender can also be seen in the said Website.
2 Further details can be seen from Government Website-http://tenderodisha.gov.in

Superintending Engineer
Barpali Irrigation Division, Barpali

OIPR-32001/32413/1/26-27/0002

**OFFICE OF THE SUPERINTENDING ENGINEER**
**LOWER INDRA CANAL DIVISION, KHADIAL,**
**DIST:-NUAPADA, ODISHA, PIN: 766107** 32001/825/2627
E-Mail: eelidc.khr@gmail.com

**No: 2224** **Date: 03.09.2026**

**e-Procurement Notice No. SELICD-04/2026-27 dated 03.09.2026**

The Superintending Engineer, Lower Indra Canal Division, Khadial Dist-Nuapada, on behalf of the Governor of Odisha, invites Request for Proposal (RFP) through online mode in double cover system from eligible bidders for the works as detailed below: -

**Name of work :- "Concurrent Evaluation Study in respect of Lower Indra Irrigation Project under PMKSY- AIBP & PMKSY- CADWM scheme for the Financial Years 2021-22 to 2025-26."**

| | | |
|---|---|---|
| 1 | Period of completion | 02 (Two) calendar months |
| 2 | Period of Availability of Bid Document in the Portal | From 10.00AM of 10.09.2026 to 28.09.2026 up to 5.00 PM. |
| 3 | Last Date / Time for Receipt of Bid | 28.09.2026 up to 5.00 PM |
| 4 | Date and Time of Opening of Technical Bid | 29.09.2026 at 11.30 AM |
| 5 | Place of Sale & Receipt of Bid | On- Line through e-Procurement i.e. www.tendersodisha.gov.in |
| 6 | Name & address of the officer inviting Bid | Superintending Engineer, Lower Indra Canal Division, Khadial |
| 7 | Further details can be seen from e-Procurement Portal | "https://www.tendersodisha.gov.in" |

Superintending Engineer
Lower Indra Canal Division, Khadial

OIPR-32001/32206/1/26-27/0003

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର**
**ବ୍ୟାଙ୍କ ଅଫ୍ ବରୋଦା,** କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଓଡିଶା।

**ଦଖଲ ବିଜ୍ଞପ୍ତି**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**(ପରିଶିଷ୍ଟ ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ)**

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଉପର କଥିତ ନିୟମର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଦର୍ଶିତ ତାରିଖରେ ନିମ୍ନଲିଖିତ ସମ୍ପତ୍ତି ଦଖଲକୁ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ବ୍ୟାଙ୍କ ଅଫ୍ ବରୋଦା** ନିକଟରେ ଉତ୍ତରଦାୟୀ ରହିବେ।

**ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସେ କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ ଜାମିନ୍‌ଦାର/ ବନ୍ଧକଦାତାଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ/ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|
| **ସାମନ୍ତରାପୁର ଶାଖା** **ଋଣଗ୍ରହୀତା: (୧)ଲୋପାମୁଦ୍ରା ଦାସ, (୨)କଳ୍ପନା ଦାସ,** ଉଭୟଙ୍କ ଠିକଣା: ସୁଧବାରିମୂଳ, ତୁଳସୀପୁର, ନିମାପଡା, ପୁରୀ, ଓଡିଶା, ପିନ୍ - ୭୫୨୧୧୩। | ଖାତା ନଂ.୩୨୭/୧୫୦, ପ୍ଲଟ ନଂ.୩୧୧/୧୦୧୫, ଅନୁରୂପ ପୂର୍ବ ଖାତା ନଂ.୩୨୭/୩, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି ଯାହାର ପୁନଃ ଅନୁରୂପ ଖାତା ନଂ.୨୬୨, ପ୍ଲଟ ନଂ.୩୧୧, ଏରିଆ: ଏ୦.୫୧୦ ଡିସିମିଲି ମଧ୍ୟରୁ ଏ୦.୨୦୦ ଡିସିମିଲି, ଜିଲ୍ଲା: ପୁରୀ, ଏସ୍ଆରଓ/ ତହସିଲି: ନିମାପଡା, ଥାନା: ନିମାପଡା, ଥାନା ନଂ.୨୨୦, ମୌଜା: ସୁଧବାରିମୂଳ, ଓଡିଶା, ଚାରିପାର୍ଶ୍ୱରେ: ଉତ୍ତର - ରାସ୍ତା, ଦକ୍ଷିଣ- କ୍ରେତା, ପୂର୍ବ- ଗନ୍ଧର୍ବ ସାହୁ, ପଶ୍ଚିମ- ଭେଣ୍ଡର, ସମ୍ପତ୍ତି **ଶ୍ରୀମତୀ କଳ୍ପନା ଦାସ,** ସ୍ୱା: ଶ୍ରୀ ସନାତନ ଦାସ ଙ୍କ ନାମରେ ଅଛି। | ୨୫.୦୬.୨୦୨୬ / ୦୩.୦୯.୨୦୨୬ | ତା.୦୮.୦୬.୨୦୨୬ ସୁଦ୍ଧା ଟ.୫୩,୩୦,୧୦୨/- + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ସେବାବଦ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ସ୍ଥାନ:ଭୁବନେଶ୍ୱର, ତାରିଖ-୦୮.୦୯.୨୦୨୬ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

ସକାଳ THE SAKALA



## ୩୫ ଲକ୍ଷ ସାଇବର୍ ଠକେଇ ମାମଲା

# ୪ ଗିରଫ; ରାୟପୁରରୁ ଲୋଇସିଂହା ଲମ୍ବିଛି ଚେର

ବଲାଙ୍ଗିର,୮।୯ (ସମିସ)




ଏକ ସାଇବର୍ ଠକେଇ ମାମଲାରେ ବଲାଙ୍ଗିର ସାଇବର ପୁଲିସକୁ ମିଳିଛି ସଫଳତା। ମ୍ୟୁଲ୍ ଆକାଉଣ୍ଟରେ ହୋଇଥିବା ପ୍ରାୟ ୩୫ ଲକ୍ଷ ଟଙ୍କା ଠକେଇ ମାମଲାର ତଦନ୍ତ କରି ପୁଲିସ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାୟପୁରର ପ୍ରକାଶ ଶର୍ମା, ଶନି ବାରବେ, ଲୋଇସିଂହା ଥାନା ହୀରାପୁରର ଯୁବରାଜ ଦୀପ, ବାରଡୋଲ ଗାଁର ପ୍ରସନ୍ନ ନାଗ ବୋଲି ସଦର ପୁଲିସ ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ବଲାଙ୍ଗିର ସାଇବର ପୁଲିସ ଏକ ମ୍ୟୁଲ ଆକାଉଣ୍ଟର ଅନୁସନ୍ଧାନ ସମୟରେ ଏକ ବଡ଼ ସୁରାକ ପାଇଥିଲା। ରାୟପୁର ଅଞ୍ଚଳର କିଛି ସାଇବର ଠକ ଆଦିତ୍ୟ ଦୁବେ, ଅମର ଦୁବେ କଣ୍ଟାବାଞ୍ଜିର ପତିତପାବନ ହେର୍ଣ୍ଣାଙ୍କ ସହ ଯୋଗାଯୋଗ କରି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକାଧିକ ଆକାଉଣ୍ଟ ଖୋଲାଇଥିଲେ। ଏହି ସବୁ ବ୍ୟାଙ୍କ ଆକାଉଣ୍ଟ ଲୋଇସିଂହା ଥାନା ହୀରାପୁର ଗାଁ ର ଯୁବରାଜ ଦୀପ, ପ୍ରସନ୍ନ ନାଗଙ୍କ ନାମରେ ଖୋଲାଯାଇଥିଲା। ଠକମାନେ ମିଶି ଭର୍ଚୁଆଲ୍ ସିମ୍ ବ୍ୟବହାର କରି ସେହି ନମ୍ବରରେ ବ୍ୟବସାୟିକ ହ୍ୱାଟ୍ସଆପ୍ ଖୋଲିଥିଲେ। ଠକ ମାନେ କଲ୍‌କୀ, ରାବଣ, ଜୋକର ଭଳି କୋଡ୍‌ନେମ୍ ବ୍ୟବହାର କରି ବିଭିନ୍ନ ପ୍ରକାର ସାଇବର୍ ଠକେଇ ଏପିକେ ଫାଇଲ ସେହି ଗ୍ରୁପ୍ ମାନଙ୍କରେ ସେୟାର କରୁଥିଲେ। ଏହାକୁ ବ୍ୟବହାର କରି ଉକ୍ତ ଠକମାନେ ନିଜ କାରବାର କରୁଥିବା ବେଳେ କମିଶନ ଦେଇ ଖୋଲାଯାଇଥିବା ବ୍ୟାଙ୍କ ଜମାଖାତା ମାନଙ୍କରେ ଉକ୍ତ ଠକେଇ ଟଙ୍କା ଜମା କରାଯାଉଥିଲା। ଉକ୍ତ ଟଙ୍କାକୁ ପ୍ରକାଶ ଶର୍ମା, ଶନି ବାରବେ ଉଠାଇବା ପରେ ପୁଣି ସାଇବର ଠକ ମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିଲେ। ଏଥିପାଇଁ ପ୍ରତି ପର୍ଯ୍ୟାୟରେ ୨ ପ୍ରତିଶତ କମିଶନ କରାବାର ମଧ୍ୟ ଚାଲିଥିଲା।

**● ଦୁଇ ପ୍ରତିଶତ କମିଶନ ନେଇ ସାଇବର ଠକଙ୍କୁ ସହାୟତା**
**● ବ୍ୟବସାୟିକ ହ୍ୱାଟ୍ସଆପ୍ ଗ୍ରୁପ୍, କରେଣ୍ଟ ବ୍ୟାଙ୍କ ଜମା ଆକାଉଣ୍ଟରେ ଠକେଇ**

ବ୍ୟବହାର ହେଉଥିବା ମୋବାଇଲ ନମ୍ବର ଗୁଡ଼ିକ ଭର୍‌ଚୁଆଲ ସିମ୍ ହୋଇଥିବାରୁ ସେମାନଙ୍କୁ ଟ୍ରାକ୍ କରିବା ସାଇବର୍ ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ତେବେ ଏନେଇ ସାଇବର ଥାନାରେ ନଂ.୨୪/୨୦୨୬ ରେ ମାମଲା ରୁଜୁ ହୋଇଥିଲା। ସାଇବର ଥାନା ଅଧିକାରୀ ଭାରତୀ ନାଏକଙ୍କ ନେତୃତ୍ୱରେ ଛାନଭିନ୍ କରାଯାଇ ପ୍ରଥମେ ସ୍ଥାନୀୟ ୨ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିଲା। ସଂପୃକ୍ତ ଦୁଇ ଅଭିଯୁକ୍ତଙ୍କ ସହ ଏହି ଠକେଇ କାରବାର ପାଇଁ ବଲାଙ୍ଗିର ଆସିଥିବା ଶନିକୁ ମଧ୍ୟ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତଙ୍କଠାରୁ ସୁରାକ ପାଇ ପୁଲିସ ଏହି ମାମଲାରେ ଚତୁର୍ଥ ଅଭିଯୁକ୍ତ ଭାବେ ପ୍ରକାଶ ଶର୍ମାଙ୍କୁ ରାୟପୁରରୁ ଗିରଫ କରିଥିବା ବେଳେ ଏହି ମାମଲାରେ ସଂପୃକ୍ତ ଥିବା ଆଦିତ୍ୟ ଦୁବେ, ଅମନ ଦୁବେ, ପତିତାପାବନ ହେର୍ଣ୍ଣା, ରାହୁଲ ବାଗମାନ ଫେରାର ଥିବା ଜଣାପଡ଼ିଛି।

---

**● କୋଲକାତାରେ ଚମକିଲେ ଯୁବ କରାଟେ ଖେଳାଳି**

## ଶଟୋକାନ୍ ଓପନ୍ କରାଟେ ଚାମ୍ପିଅନସିପ୍‌ରେ ସଫଳତା

ବଲାଙ୍ଗିର/ଲୋଇସିଂହା,୮।୯ (ସମିସ): କୋଲକାତାରେ ଅନୁଷ୍ଠିତ ୫ମ ଶଟୋକାନ୍ ଓପନ୍ କରାଟେ ଚାମ୍ପିଅନସିପ୍-୨୦୨୬ରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଅଞ୍ଚଳର କୁନି କରାଟେ ପ୍ରତିଭାଙ୍କୁ ମିଳିଛି ସଫଳତା। ଇକମା କରାଟେ ଲୋଇସିଂହା ଟିମ ପକ୍ଷରୁ ସେନସେଇ ହେମନ୍ତ ନନ୍ଦଙ୍କ ସହ ୪ ଜଣ କରାଟେ ଖେଳାଳି ଏହି ପ୍ରତିଯୋଗିତାରେ ଯୋଗଦେଇ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ଲୋଇସିଂହାକୁ ଗୌରବାନ୍ୱିତ କରିଛନ୍ତି। ପ୍ରତିଯୋଗିତାରେ ଏରୋନ ଇୱାନ ପାଣି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଦିବାସ ସାହୁ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଛନ୍ତି। ଫାବିନ ବେହେରା ଗୋଟିଏ କାଂସ୍ୟ ପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ, ଦଳର ସର୍ବକନିଷ୍ଠ ପ୍ରତିଯୋଗୀ ୫ ବର୍ଷୀୟ ଅଲେଫ ଇୱାନ ପାଣି ମଧ୍ୟ ନିଜର ଅସାଧାରଣ ପ୍ରତିଭାର ପରିଚୟ ଦେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



## ସ୍କୁଲରେ ପଡ଼ି ଛାତ୍ରର ମୁଣ୍ଡ ଫାଟିଲା

କଣ୍ଟାବାଞ୍ଜି,୮।୯ (ସମିସ): କଣ୍ଟାବାଞ୍ଜି ସହରର ସରକାରୀ ନୋଡାଲ ସ୍କୁଲରେ ପଡ଼ିଯାଇ ଜଣେ ଛାତ୍ରର ମୁଣ୍ଡ ଫାଟିଛି। ଆହତ ଛାତ୍ର ୧୨ ବର୍ଷୀୟ ସାହିଲ ବକ୍ସା। ମଙ୍ଗଳବାର ସ୍କୁଲ ଚାଲିଥିବା ବେଳେ ଖେଳୁ ଖେଳୁ ସାହିଲ ପଡ଼ି ଯାଇଥିଲା। ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ଜଣେ ଶିକ୍ଷକ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାର ମୁଣ୍ଡରେ ଷ୍ଟିଚ୍ ପଡ଼ିଛି।

---

**ଜିଲ୍ଲା ସିନିୟର ନକ୍‌ଆଉଟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

## ସେମିଫାଇନାଲରେ ନକଟାସର



ବଲାଙ୍ଗିର,୮।୯ (ସମିସ): ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୁଲ୍ୟରେ ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଥମ କ୍ୱାର୍ଟର ଫାଇନାଲ୍ ଖେଳ ଅନୁଷ୍ଠିତ ହୋଇଯାଇଛି। ଜିୱାଇଡିସି ନକଟାସର ୫-୧ ଗୋଲରେ ରାଇଜିଂ ଷ୍ଟାର ଟିଟିଲାଗଡ଼କୁ ହରାଇ ପ୍ରଥମ ଦଳ ଭାବେ ସେମିଫାଇନାଲକୁ ପ୍ରବେଶ କରିଛି। ଓଡିଶା ଫୁଟବଲ ଆସୋସିଏସନ ତଥା ଜିଲ୍ଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ କ୍ରୀଡା ସଂସଦର ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ଯୁଗ୍ମ ସଂପାଦକ ଶତ୍ରୁଘନ ସିଂ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା, ବରିଷ୍ଠ ସଦସ୍ୟ ଜୟରାମ ମିଶ୍ର, ଶିଶିର କୁମାର ବହିଦାର ଓ ଡା. ସିଦ୍ଧେଶ୍ୱର ମିଶ୍ର ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡାଧିକାରୀ ପରାସର ବାଗ ଓ ଶ୍ରୀକାନ୍ତ ରାଉତ ମଞ୍ଚାସୀନ ଥିଲେ। କ୍ରୀଡା ସଂସଦର ସାଧାରଣ ସଂପାଦକ ହରିନାରାୟଣ ପୁଜାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ କୋଷାଧ୍ୟକ୍ଷ ତଥା ଟୁର୍ଣ୍ଣାମେଣ୍ଟ କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଫୁଟବଲ ସଂପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇ ଥିଲେ।

# ନୂଆଁଖାଇ ପାଇଁ ୩ ଦିନ ଛୁଟି ଘୋଷଣା ଦାବି

ବଲାଙ୍ଗିର,୮।୯ (ସମିସ): ଦିନ କେଇଟା ପରେ ଗଣପର୍ବ ନୂଆଁଖାଇ। ଏଥିପାଇଁ ୩ଦିନ ସରକାରୀ ଛୁଟି ଘୋଷଣା ସହ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ଦାବିପତ୍ର ପ୍ରଦାନ କରିଛି। ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ, ମାଁ ସମଲେଶ୍ୱରୀ ନୂଆଁଖାଇ ଉପଲକ୍ଷେ ଆଲୋକ ସଜ୍ଜା, ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା, ଆଗାମୀ ସେପ୍ଟେମ୍ବର ୧୫ ନୂଆଁଖାଇ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି। କେବଳ ବଲାଙ୍ଗିର ନୁହେଁ ବିଭିନ୍ନ ମନ୍ଦିରମାନଙ୍କୁ ଆଲୋକସଜ୍ଜା କରିବାକୁ ଦେବାଳୟସୁରକ୍ଷା କମିଟି ଦାବି କରିଛି। ରାଜ୍ୟ ବାହାରୁ ବିଭିନ୍ନ କାର୍ଯ୍ୟକର୍ମରେ ସରକାରୀ ବା ବେସରକାରୀ କର୍ମ.ରୀ କାର୍ଯ୍ୟରେ ରହୁଥିବା ବେଳେ ଏମାନଙ୍କ ସୁବିଧା ପାଇଁ ୩ ଦିନ ଛୁଟି ଘୋଷଣା କରିବା ପ୍ରମୁଖ ଦାବି ରହିଛି। ଆଗାମୀ ୧୫ ତାରିଖ ଦିନ ଗଣପର୍ବ ନୂଆଁଖାଇ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହିଦିନ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟରେ ଚୟନ ପ୍ରକ୍ରିୟା ରଖାଯାଇଛି। ଏହି ତାରିଖ ଘୁଞ୍ଚାଇବାକୁ ଦାବି କରାଯାଇଛି। ଯେଭଳି ପଶ୍ଚିମ ଓଡିଶାର ଶୀତଳ ଷଷ୍ଠୀ ପାଇଁ ପ୍ୟାକେଜ ଘୋଷଣା କରାଯାଉଛି ସେଭଳି ନୁଆଁଖାଇ ପାଇଁ ବିଭିନ୍ନ ଦେବାଦେବୀ ମନ୍ଦିରକୁ ସ୍ୱତନ୍ତ୍ର ପ୍ୟାକେଜ ଅନୁଦାନ ଦେବାକୁ ଦାବି କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



**କେନ୍ଦ୍ରୀୟ ବିଦ୍ୟାଳୟ ଚୟନ ପରୀକ୍ଷା ଘୁଞ୍ଚାଇବାକୁ ଦାବିପତ୍ର**

ଦାବିପତ୍ର ପ୍ରଦାନବେଳେ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ଭବାନୀ ଶଙ୍କର ଭୋଇ, ବିଭୁ କଲ୍ୟାଣ ଗଡତ୍ୟା, ଶୁଶାନ୍ତ ପ୍ରଧାନ, ଅଶୋକ ମେହେର ପ୍ରମୁଖ ସାମିଲ ଥିଲେ।

---

**● ଡଙ୍ଗାମରାରେ ଯୁବକଙ୍କ ଗୋଡ଼ କାଟିବା ଘଟଣା**

## ଶାନ୍ତି ଫେରାଇ ଆଣିବାକୁ ଗାଁରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

କଣ୍ଟାବାଞ୍ଜି,୮।୯ (ସମିସ): କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଡଙ୍ଗାମରା ଗାଁଠାରେ କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣଙ୍କ ନେତୃତ୍ୱରେ ଏକ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଏଥିରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ଯୋଗ ଦେଇଥିଲେ। ଗତ ମାସ ୨୯ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଡଙ୍ଗାମରା ଗାଁରେ ଗଣ୍ଡଗୋଳ ହୋଇଥିଲା। ଗାଁର ବଳଦେବ ବନଛୋରଙ୍କୁ ସେହି ଗାଁର କିଛି ଯୁବକ ମିଶି ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଗୋଟିଏ ଗୋଡ଼ କାଟି ଦେଇଥିବା ବେଳେ ଯୁବକ ଜଣକ ବର୍ତ୍ତମାନ ଛତିଶଗଡ଼ ରାୟପୁରର ଏକ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସିତ। ଏହି ଘଟଣା ପରେ ପୁରା ଡଙ୍ଗାମରା ଗାଁ ଅଶାନ୍ତ ହୋଇପଡ଼ିଛି। ବଳଦେବଙ୍କୁ ଆକ୍ରମଣ ପରେ ତାର ସଂପର୍କୀୟ ଓ ସାଙ୍ଗମାନେ ମିଶି ଆକ୍ରମଣକାରୀ ଯୁବକଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରି ଘର ଭିତରେ ଥିବା ସମସ୍ତ ସାମଗ୍ରୀ ଗୁଡ଼ିକ ଭଙ୍ଗାରୁଜା କରିଥିଲେ। ଏନେଇ କଣ୍ଟାବାଞ୍ଜି ଥାନାରେ ୩୦ ଜଣ ଯୁବକଙ୍କ ନାଁରେ ଲିଖିତ ଅଭିଯୋଗ ହୋଇଥିଲା। ଉଭୟ ପକ୍ଷରୁ ପୁଲିସ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଗାଁରେ ଶାନ୍ତି ଫେରାଇ ଆଣିବାକୁ କଣ୍ଟାବାଞ୍ଜି ପୁଲିସ ପକ୍ଷରୁ ମଙ୍ଗଳବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। କେହି ଆଇନ୍ ହାତକୁ ନିଅନ୍ତୁ ନାହିଁ ବୋଲି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ନିବେଦନ କରିଛନ୍ତି।



**● ସଇଁତଲାକୁ ଏନ୍‌ଏସି ଦାବିରେ ଗଣଧାରଣା ଅଷ୍ଟମ ଦିନରେ**

## ଧାରଣା ଭାଙ୍ଗିବାକୁ ବ୍ଲକ୍ ପ୍ରଶାସନର ଉଦ୍ୟମ ବିଫଳ




ସଇଁତଲା,୮।୯ (ସମିସ): ସଇଁତଲା ସହରକୁ ଏନ୍‌ଏସି ମାନ୍ୟତା ପ୍ରଦାନ ଦାବି ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଦାବି ପୂରଣ ନହେବାରୁ ସଇଁତଲା ସରପଞ୍ଚ ସୁବ୍ରତ ନାଗଙ୍କ ନେତୃତ୍ୱରେ ଚାଲିଥିବା ଅନିର୍ଦ୍ଦିଷ୍ଟକାଳୀନ ଗଣଧାରଣା ମଙ୍ଗଳବାର ଅଷ୍ଟମ ଦିନରେ ପହଞ୍ଚିଛି। ଧାରଣା ସ୍ଥଗିତ କରିବା ପାଇଁ ସଇଁତଲା ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା ଓ ଥାନାଧିକାରୀ ଖଗପତି ବିଶ୍ୱାଳ ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ତେବେ ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ବିଧାୟକଙ୍କ ପକ୍ଷରୁ ଦାବି ପୂରଣ ନେଇ ସ୍ୱଷ୍ଟ ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଧାରଣାକାରୀମାନେ ସ୍ୱଷ୍ଟ କରିଥିଲେ। ଏହି ଆନ୍ଦୋଳନକୁ ସହରର ବିଭିନ୍ନ ପଡ଼ାବାସୀ, ସଂଗଠନ ଓ ସାଧାରଣ ଲୋକଙ୍କ ସମର୍ଥନ ମିଳୁଛି। ଅଷ୍ଟମ ଦିନରେ ସଇଁତଲା ବ୍ଲକ ସମିତି ସଭ୍ୟ ସଂଘ ଧାରଣାସ୍ଥଳରେ ପହଞ୍ଚି ଦାବିକୁ ସମର୍ଥନ ଜଣାଇଥିଲା। ସଇଁତଲାକୁ ଏନ୍‌ଏସି ଘୋଷଣା କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାସ୍ଥଳରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ଗଣ୍ଡପତ୍ରାପାଲି ସମିତି ସଭ୍ୟ ରାକେଶ ନାୟକ, ଶିଶକେଳା ସମିତି ସଭ୍ୟ ଉମାକାନ୍ତ ରଣା, ମଣ୍ଟୁ ନାଗ, ନବୀନ ରଣାଙ୍କ ସମେତ ବ୍ଲକର ସମସ୍ତ ସମିତି ସଭ୍ୟ ଓ ସଭ୍ୟା ଉପସ୍ଥିତ ଥିଲେ।

**ଦାବି ପୂରଣ ନହେଲେ ଆନ୍ଦୋଳନ ତୀବ୍ର କରିବ ସମିତି ସଭ୍ୟ ସଂଘ**

## ଚାଷୀଙ୍କ ଅଜାଣତରେ କୃଷିବୀମା; ଥାନାରେ ଏତଲା

ଖପ୍ରାଖୋଲ,୮।୯ (ସମିସ): ଚାଷୀଙ୍କର ବିନା ଅନୁମତି ଓ ବିନା ଜ୍ଞାତସାରରେ ସେମାନଙ୍କ ଚାଷ ଜମିକୁ ବଳପୂର୍ବକ କୃଷିବୀମା କରିଥିବା ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଖପ୍ରାଖୋଲ ଥାନା ଅନ୍ତର୍ଗତ ମାଟିଆଭଟା ପଞ୍ଚାୟତର ସାଲେପାଲି ଗ୍ରାମର ଚାଷୀ ଠଣ ସୁନ୍ଦର ବାରିହାଙ୍କ ବିନା କୌଣସି ସମ୍ମତିରେ ସେମାନଙ୍କ ୫୧ ଏକର ଚାଷଜମିକୁ ଫସଲ ବୀମା କଛି ଲୋକଙ୍କ ନାମରେ ହୋଇଥିବା ଜାଣିବାକୁ ପାଇ ଖପ୍ରାଖୋଲ ଥାନାରେ ଏକ ଅଭିଯୋଗ କରିଥିଲେ। ଏହି ବେଆଇନ କାର୍ଯ୍ୟ ପଛରେ କିଛି ସ୍ଥାନୀୟ ବ୍ୟକ୍ତିଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ପୂତୁଲାମହୁଲର ଭୂମିଶୁତା ସାହୁ, ଭାନପୁରର ବିକାଶ ସାହୁ, ପୂତୁଲାମହୁଲର ଶତ୍ରୁଘ୍ନ ସାହୁ, ଭାନପୁର ଗ୍ରାମର ଲୀଳାବତୀ ପାଣ୍ଡେ, ପୂତୁଲାମହୁଲ ଗ୍ରାମର ବିଜୟ ଲକ୍ଷ୍ମୀ ସାହୁ, ପୂତୁଲାମହୁଲ ଗ୍ରାମର ଶାନ୍ତି ସାହୁ ଓ ସୁରେନ୍ଦ୍ର ସାହୁଙ୍କ ନାମରେ କୃଷୀବିମା ହୋଇଥିବା ନେଇ ଅଭିଯୋଗ ହୋଇଛି। ଚାଷୀ ଠଣ ସୁନ୍ଦର ବାରିହା ଓ ତାଙ୍କ ଭାଇମାନେ କୃଷିବୀମା କରିବାକୁ ଯାଇଥିବାବେଳେ ସେମାନେ ଜାଣିବାକୁ ପାଇଥିଲେ ଯେ, ସେମାନଙ୍କ ଜମିର କୃଷୀ ବୀମା ଉପରୋକ୍ତ ପୁରୁଷ ଓ ମହିଳା ମାନଙ୍କ ନାମରେ ହୋଇଯାଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି କିଛି ଚାଷୀ ଓ ସ୍ଥାନୀୟ ଲୋକ ଆଜି ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଏବଂ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲା ଦେଇଛନ୍ତି। ପୁଲିସ ଏନେଇ କେବଳ ଅଭିଯୋଗ ରଖିଥିବାବେଳେ ଦୁଇ ଦିନ ହେବ ଚାଷୀମାନେ ଏ ନେଇ ଖପ୍ରାଖୋଲ ଥାନାକୁ ଦୌଡି ଦୌଡି ନୟାନ୍ତ ହୋଇ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନିକଟକୁ ଯିବାକୁ ପ୍ରସ୍ତୁତ ହେଉଛନ୍ତି। ଯଦି ଖୁବ୍‌ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାସ୍ ନହୁଏ, ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛି।

---

## ଆଇଟିଆଇ ଓ ପଲିଟେକନିକ୍‌ଠାରେ ଯଶୋଦା ଯୋଜନାର ପରାମର୍ଶ ଶିବିର

ବଲାଙ୍ଗିର,୮।୯ (ସମିସ): ସ୍ଥାନୀୟ ଲର୍କିପାଲିସ୍ଥିତ ଆଇଟିଆଇ ସଭାଗୃହଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,ସରକାରୀ ଆଇଟିଆଇ, ଅରୁଣା ତରଫରୁ ଯଶୋଦା ଯୋଜନା ଉପରେ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଇଟିଆଇ ଅଧ୍ୟକ୍ଷ ସୁରେଶ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବରର୍ତ୍ତୀ ସମସ୍ତଙ୍କୁ ସ୍ୱାଗତ ଜଣାଇ ଯଶୋଦା ଯୋଜନା ଉପରେ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଜଣାଇଥିଲେ। କାର୍ଯ୍ୟକ୍ରମରେ ଆଇଟିଆଇର ସ୍ୱାଗତିକା ମହାପାତ୍ର, ସୁବାସିନୀ ସାହୁ, ଦୟାନିଧି ବାଗ ପ୍ରମୁଖ ଉପସ୍ଥିତ ହୋଇ ଯୋଜନାର ଲାଭ ନେବାକୁ ପରାମର୍ଶ ଦେଇଥିଲେ। ଶିବିରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ଆଇନ, ପିସିପି ଏନ୍‌ଡିଟି ଆଇନ୍ ଉପରେ ମତାମତ ଦେଇଥିଲେ। କାର୍ଯ୍ୟକ୍ରମରେ ଯଶୋଦା ଯୋଜନାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ନୋଡାଲ ଅଫିସର ତଥା ଅଣଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମାର ଉପସ୍ଥିତ ରହି ଯଶୋଦା ଯୋଜନାର ଆବେଦନ ପ୍ରଣାଳୀ ଉପରେ ଜଣାଇଥିଲେ।

ଅନୁରୂପ ଭାବରେ ସରକାରୀ ପଲିଟେକନିକ୍ ବଲାଙ୍ଗିରରେ ସଚ୍ଚିଦାନନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ଯଶୋଦା ଯୋଜନା ଉପରେ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସରକାରୀ ପଲିଟେକନିକର ସ୍ମୃତିଲେଖା ସେଠୀ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍, ଚାଇଲ୍ଡ ହେଲ୍ପ ଲାଇନ୍‌ର ଜିଲ୍ଲା ପ୍ରକଳ୍ପ ସଂଯୋଜକ ସୁବୋଧ କୁମାର ପଧାନ,ଶୁଭମ୍ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




## ନୂଆଖାଇ ପାଇଁ ୩ ଦିନିଆ ଛୁଟି ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ପାଟଣାଗଡ଼,୮।୯ (ସମିସ): ପଶ୍ଚିମ ଓଡ଼ିଶାର ପ୍ରାଣବିନ୍ଦୁ, କୃଷି ଭିତ୍ତିକ ଗଣପର୍ବ "ନୂଆଖାଇ' ପାଇଁ ତିନି ଦିନ ପ୍ରଥମ ଦିନ (ନୂଆଖାଇ), ଦ୍ୱିତୀୟ ଦିନ (ନୂଆଖାଇ ବାସି) ଓ ତୃତୀୟ ଦିନ (ନୂଆଖାଇ ତିଆସି) ପରମ୍ପରାଗତ ଭାବେ ଧୁମଧାମ ଭାବେ ପାଳନ କରାଯାଇଥାଏ। ମାତ୍ର ଏହି ପର୍ବ ପାଇଁ ରାଜ୍ୟ ସରକାର ସରକାରୀ ଛୁଟି ଘୋଷଣା କରିବା କ୍ଷେତ୍ରରେ ଉଦାସୀନତା ଓ ଅବହେଳା ପ୍ରଦର୍ଶନ କରୁଛନ୍ତି। ଏପରିକି ନୂଆଖାଇ ସେପ୍ଟେମ୍ବର ୧୫ ତାରିଖରେ ନବୋଦୟ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ନିଯୁକ୍ତି ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସୂଚୀବଦ୍ଧ କରାଯାଉଛି। ପୂର୍ବ ଓଡ଼ିଶାରେ ପାଳିତ ହେଉଥିବା ରଜ ପର୍ବ ପାଇଁ ରାଜ୍ୟ ସରକାର ତିନି ଦିନିଆ ସରକାରୀ ଛୁଟି ଘୋଷଣା କରୁଥିବା ବେଳେ, ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ପ୍ରତି ଏଭଳି ପକ୍ଷପାତମୂଳକ ଆଚରଣ ଗ୍ରହଣଯୋଗ୍ୟ ନୁହେଁ। ଏହି ପରିପ୍ରେକ୍ଷୀରେ କୋଶଲ ରାଜ୍ୟ ମୁକ୍ତି ମୋର୍ଚ୍ଚା ଏବଂ ବିଭିନ୍ନ କୋଶଲୀ ସଂଗଠନର କାର୍ଯ୍ୟକର୍ତ୍ତାମାନେ ବିମଲ କୁମାର ବାଗଙ୍କ ନେତୃତ୍ୱରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ନୁଆଖାଇକୁ ୩ ଦିନିଆ ଛୁଟି ଘୋଷଣା ସହ ସରକାରୀ କ୍ୟାଲେଣ୍ଡରରେ ଛୁଟି ଦିନ ସ୍ଥାନ ଦେବା ଏବଂ ଉକ୍ତ ୩ଦିନରେ ବିଭିନ୍ନ ପରୀକ୍ଷା ବାତିଲ୍ କରିବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଦେବେନ୍ଦ୍ର ବୁଡ଼େକ, ଜଗନ ମେହେର, ସୁଶୀଳ କୁମାର ଗୁରୁ, ଯୁଧିଷ୍ଠିର ମିର୍ଦ୍ଧା, ମଦନ ମାଝୀ, ପିଣ୍ଟୁ ବୁଡ଼େକ, ଶିବ ପ୍ରସାଦ ଥାପା, ଚନ୍ଦ୍ରମଣି ଧରୁଆ, ପିଣ୍ଟୁ ବରିହା, ଗୌରାଙ୍ଗ ବରିହାଙ୍କ ସମେତ ଅନ୍ୟାନ୍ୟ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

---

## କେନାଲରେ ବୁଡ଼ି ଯୁବକ ମୃତ

ଡୁଙ୍ଗୁରିପାଲି,୮।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଅନ୍ତର୍ଗତ ଝୁଲପିଆପାଲି ବଡ଼ କେନାଲରେ ସଙ୍ଗଙ୍କ ସହିତ ଗାଧୋଇବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁଲପିଆପାଲି ଗ୍ରାମର ମାଧବ ଭୋଇ (୨୧)। ଗାଧୋଉଥିବାବେଳେ ପ୍ରଖର ସ୍ରୋତରେ ଭାସି ଯାଇଥିବାବେଳେ ସାଙ୍ଗମାନେ ଫୋନ୍ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷାଣ କରିଥିଲେ। ମାଧବ ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। କିଛିଦିନ ତଳେ ମାଧବଙ୍କ ବାପାଙ୍କର ମୃତ୍ୟୁ ଘଟିଥିବାବେଳେ ଏବେ ତାଙ୍କର ମୃତ୍ୟୁ ପରେ ମା' ଓ ସାନ ଭଉଣୀ ବେସାହାରା ହୋଇପଡ଼ିଛନ୍ତି। ଏହି ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।




# ସିସିଟିଭି ନଜରରେ ଡୁଙ୍ଗୁରା; ଲାଗିଲା ୪୨ଟି କ୍ୟାମେରା

ଡୁଙ୍ଗୁରା,୮।୯ (ସମିସ)

ସିସିଟିଭି ନଜରରେ ଡୁଙ୍ଗୁରା। ଆଉ ବର୍ତ୍ତି ପାରିବେନି ଅପରାଧୀ ଓ ଅମାନିଆ। ଡୁଙ୍ଗୁରା ସହରରେ ଏନ୍‌ଏସି ପକ୍ଷରୁ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ୪୨ଟି ସିସିଟିଭି କ୍ୟାମେରା ଲଗାଯାଇଛି। ବଲାଙ୍ଗିର, ସୋନପୁର, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ଅଞ୍ଚଳର ଏକ ପ୍ରମୁଖ ସହର ଡୁଙ୍ଗୁରା। ବ୍ୟବସାୟିକ କେନ୍ଦ୍ର ଭାବେ ଏହି ସହର ଉପରେ ଆଖପାଖ ଅଞ୍ଚଳର ଲୋକ ନିର୍ଭରଶୀଳ। ସହରରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟିକ ସୁବିଧା ବଢ଼ିବା ସହ ଜନବସତି ମଧ୍ୟ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ସହରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବାକୁ ଏନ୍‌ଏସି ଅଧ୍ୟକ୍ଷ ଅଜୟ ଜୟସ୍ୱାଲଙ୍କ ତତ୍ତ୍ୱାବଧାନରେ ସହରର ବିଭିନ୍ନ ପ୍ରମୁଖ ଛକ ଓ ଜନଗହଳି ପୂର୍ଣ ସ୍ଥାନରେ ୪୨ଟି ସିସିଟିଭି କ୍ୟାମେରା ଲଗାଯାଉଛି।

ଡୁଙ୍ଗୁରା ଥାନା ନିକଟରେ ୪ଟି, ଗାର୍ଲସ ହାଇସ୍କୁଲରେ ୨ଟି, ତେଲନଦୀ ବ୍ରିଜ୍‌ରେ ୪ଟି, ରାମମନ୍ଦିର ରାସ୍ତାରେ ୪ଟି, ଧାନଘରାଛକରେ ୩ଟି, ଧାନଘରା ବାଇପାସରେ ୩ଟି, ହସ୍ପିଟାଲ ସମ୍ମୁଖ ରାସ୍ତାରେ ୨ଟି ଓ ଅଗ୍ରସେନ ଭବନରେ ୨ଟି କ୍ୟାମେରା ଲଗାଯିବ। ସେହିପରି ନଅଗାଁ ଛକରେ ୫ଟି, ଷ୍ଟେଟବ୍ୟାଙ୍କ ରାସ୍ତାରେ ୨ଟି, ତହସିଲ କପସିଲା ରୋଡରେ ୩ଟି, ଖର୍ଡା ବ୍ରୀଜରେ ୨ଟି, ରାଧାକୃଷ୍ଣ ମନ୍ଦିର ନିକଟରେ ୩ଟି ଏବଂ ସମଲେଇ ଆଗ୍ରା ମିଲ୍ ରାସ୍ତାରେ ୨ଟି ସିସିଟିଭି ଲଗାଯିବା ବ୍ୟବସ୍ଥା ହୋଇଛି। ସମୁଦାୟ ୪୨ଟି କ୍ୟାମେରା ମଧ୍ୟରୁ ୪ଟି ହାଇସ୍ପିଡ, ୨ଟି ପିଟିଜେଡି ଏବଂ ୩୫ଟି ନର୍ମାଲ କ୍ୟାମେରା ରହିବାକୁ ଯୋଜନା ହାଇଛି। ହାଇସ୍ପିଡ୍ କ୍ୟାମେରା ଦୂରରୁ ଚିତ୍ର ଧରିବା ସହ ଗାଡ଼ିର ନମ୍ବର ପ୍ଲେଟ୍ ଚିହ୍ନଟରେ ସହାୟକ ହେବ। ଅନ୍ୟପକ୍ଷରେ ପିଟିଜେଡି କ୍ୟାମେରା ଉଚ୍ଚ କ୍ଷମତାସମ୍ପନ୍ନ ଲେନ୍ସ ଯୋଗୁଁ ୩୬୦ ଡିଗ୍ରୀରେ ଘୂରି ବିଭିନ୍ନ ଦିଗର ଚିତ୍ର ରେକର୍ଡ କରିପାରିବ। ନର୍ମାଲ କ୍ୟାମେରାର ଫୋକସ୍ ମଧ୍ୟ ପ୍ରାୟ ୧୦୦ ମିଟର ପର୍ଯ୍ୟନ୍ତ ରହିବ। ସମସ୍ତ କ୍ୟାମେରାର ନିୟନ୍ତ୍ରଣ ଡୁଙ୍ଗୁରା ଥାନାରେ ସ୍ଥାପନହେବାକୁ ଥିବାବେଳେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ରହିବା ଯୋଜନା ରହିଛି। ଆସନ୍ତା ୧୦ଦିନ ମଧ୍ୟରେ କ୍ୟାମେରା ସଂଯୋଗ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ରହିଛି।



# ନୃସିଂହନାଥରେ ଗୋଁଣ୍ଡ ମହାସଭାର ନୂଆଁଖାଇ ଭେଟଘାଟ୍ ପ୍ରସ୍ତୁତି

ପାଇକମାଲ,୮।୯ (ସମିସ): ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ପକ୍ଷରୁ ଆସନ୍ତା ୨୦ ତାରିଖରେ ହେବାକୁ ଥିବା "ନୂଆଁଖାଇ ଭେଟଘାଟ" କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ରବିବାର ନୃସିଂହନାଥସ୍ଥିତ ବୁଢ଼ାଦେଓ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମହାସଭାର ସଭାପତି ଗଜରାଜ ସିଂ ପୁଟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ଓ ବରଗଡ଼ ଜିଲ୍ଲାର ନୂତନ କମିଟିର ଶପଥପାଠ ସମାରୋହ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂଆଁଖାଇ ଭେଟଘାଟକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତୁତି ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଝାରବନ୍ଧ, ପାଇକମାଲ ଓ ପଦ୍ମପୁର ଅଞ୍ଚଳର ଗୋଁଣ୍ଡ ସମାଜର ବିଭିନ୍ନ ସର୍କଲର ସଭାପତି, ସମ୍ପାଦକଙ୍କ ସମେତ ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ବୈଠକରେ ଚୈତୁ ସିଂ ଦେଓ, ଭାଗବତିଆ ଦାଉ, ଅମୃତ ବାଗ, ରଞ୍ଜନ ମାଝୀ, ବସନ୍ତ ଧରୁଆ, ଜଗଦେବ ଧରୁଆ, ନରସିଂହ ଧରୁଆ, ଭୋଳାନାଥ ଜଗତ, ଜୟସିଂ ଦାଉ, ଚିତ୍ତରଞ୍ଜନ ପୋରେ, ସମାରୁ ଧରୁଆ, ବୀରେନ୍ଦ୍ର ସିଦାର, ଅଶ୍ୱିନୀ ଧରୁଆ, ଦିଲ୍ଲୀପ ଧରୁଆ, ଦେବାନନ୍ଦ ପୁଟା, ଲୋକନାଥ ଧରୁଆ, କୃଷ୍ଣଚନ୍ଦ୍ର ଧରୁଆ, ରାମେଶ୍ୱର ସିଦାର, ଲକ୍ଷ୍ମଣ ସିଦାର, ପ୍ରେମ ସିଦାର, ନବୀନ ଧରୁଆ ଓ ବିସିକେଶନ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସଭାପତି ତଥା ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ମାତାଙ୍କ ପରଲୋକରେ ଗୋଁଣ୍ଡ ସମାଜ ପକ୍ଷରୁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଯାଇଥିଲା। ଶେଷରେ ଦୁର୍ଯ୍ୟୋଧନ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆଖାଇ ପୂର୍ବରୁ ସାମାଜିକ ଭତ୍ତା ପ୍ରଦାନ ଦାବିକଲା ବିଜେଡି

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ଼,୮।୯ (ସମିସ)



ସମାଜର ବିଭିନ୍ନ ବର୍ଗର ଲୋକେ ସାମାଜିକ ନିରାପତ୍ତା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ବିଧବା ଭତ୍ତା ଭଳି ସାମାଜିକ ଭତ୍ତା ମାଧ୍ୟମରେ ଲକ୍ଷାଧିକ ଅସହାୟ ବୃଦ୍ଧବୃଦ୍ଧା ଦିବ୍ୟାଙ୍ଗ ଓ ବିଧବା ହିତାଧିକାରୀ ଉପକୃତ ହୁଅନ୍ତି। ତେବେ ପରିତାପର ବିଷୟ ଦୀର୍ଘ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିୟମିତ ପ୍ରତିମାସରେ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଭତ୍ତା ଟଙ୍କା ଆସୁନାହିଁ। ଫଳରେ ଲକ୍ଷାଧିକ ହିତାଧିକାରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଆସୁଛି। ତେଣୁ ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ ବର୍ଗର ସମସ୍ତ ହିତାଧିକାରୀଙ୍କୁ ଭତ୍ତା ତୁରନ୍ତ ପ୍ରଦାନ କରାଯାଉ ଏବଂ ନୂତନ ଭାବରେ ଭତ୍ତା ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ସକାଶେ ଓ ଏଥିରେ ମହାମହିମ ରାଜ୍ୟପାଳ ହସ୍ତକ୍ଷେପ କରି ସରକାରଙ୍କୁ ଆଦେଶ ଦିଅନ୍ତୁ ବୋଲି ବରଗଡ଼ ଜିଲ୍ଲା ବିଜେଡି ଦାବି କରିଛି। ଏନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି।

ଏଥିସହିତ ଜିଲ୍ଲାରେ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତିରେ ଉଦ୍‌ବେଗ ପ୍ରକାଶ କରି ଶାନ୍ତି ପ୍ରିୟ ବରଗଡ଼ ଜିଲ୍ଲାରେ ପୁଣି ଶାନ୍ତି ଫେରାଇ ଆଣିବାକୁ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀଙ୍କୁ ମଧ୍ୟ ପୃଥକ୍ ଦାବିପତ୍ର ପ୍ରଦାନ କରାଯାଇଛି। ବିଜେପୁର ଟେଣ୍ଡର ଫିକ୍ସିଂ ଓ ଠିକାଦାରଙ୍କୁ ଅପହରଣ ଘଟଣାରେ ଅପରାଧୀଙ୍କୁ ଗିରଫ ନ କରି ଘଣ୍ଟ ଘୋଡାଉଥିବା ଓ ପୁଲିସ ରାଜନୈତିକ ଚାପର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ନ୍ୟାୟ ପ୍ରଦାନ କରୁ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ସୁବ୍ରତ ସିଂ, ଗୌରହରି ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, କରନ ସିକନ୍ଦର, ରାଜୁ ଘିବେଲା, ପ୍ରଫୁଲ୍ଲ ନାଏକ, ଉମେଶ ପଣ୍ଡା, କିଶୋର ମିଶ ପ୍ରମୁଖ ବିଜେଡି ନେତା ଏକ ଶୋଭାଯାତ୍ରାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କୁ ପୃଥକ୍ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଏହି ଦାବି ଗୁଡ଼ିକର ତୁରନ୍ତ ସମାଧାନ ନ କଲେ ଆଗାମୀ ଦିନ ରେ ବିଜେଡି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ ପାଇଁ ବାଧ୍ୟ ହେବ ବୋଲି ଚେତାବନୀ ଦେଇଛି।

# ବ୍ଲକ୍‌ସ୍ତରୀୟ ସଂସ୍କୃତ ସପ୍ତାହ ପାଳିତ

ଅମ୍ବାଭୋନା,୮।୯ (ସମିସ): ଅମ୍ବାଭୋନା ବ୍ଲକର ପିଏମ୍‌ଶ୍ରୀ ଜନତା ହାଇସ୍କୁଲ ଭୁକ୍ତାରେ ବ୍ଲକସ୍ତରୀୟ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳେଶ୍ୱର ବାଗ, ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସଂସ୍କୃତ ସାଧାରଣ ଜନତା ଙ୍କ କଥିତ ଭାଷା ଭାବେ ବ୍ୟବହୃତ ହେଲେ ଆହୁରି ଜନାଦୃତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ବରଗଡ଼ ଜିଲ୍ଲା ସମ୍ପାଦକ ଅଗସ୍ତି ପଧାନ,ସଂସ୍କୃତ ଶିକ୍ଷକ ଅଶୋକ ପଧାନ,ଶିକ୍ଷକ ସଞ୍ଜୟ ଖମାରୀ ଓ ଈଶ୍ୱର ପଧାନ ମଞ୍ଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାଧନ କର୍ମୀ ସଂସ୍କୃତ ଶିକ୍ଷକ ସୁରେନ୍ଦ୍ର ଲୁହା ଓ ବୃନ୍ଦାବନ ଠେଠୁଆର, ବିଦ୍ୟାଳୟ କମିଟିର ସଦସ୍ୟ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଘ୍ନ ବିନାଶକଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ ପୂର୍ବକ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସଂସ୍କୃତ ଶିକ୍ଷକ ଶ୍ରୀପତି ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ସଞ୍ଜୟ ଖମାରୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବିକାଶ ଆବାସିକ ବିଦ୍ୟାଳୟରେ ନୂଆଖାଇ ହାଟ୍

ବରଗଡ଼,୮।୯ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ବିକାଶ ଆବାସିକ ବିଦ୍ୟାଳୟରେ ଆଜି "ନୂଆଖାଇ ହାଟ୍" ଆୟୋଜିତ ହୋଇଥିଲା। ପ୍ରାଥମିକ ବିଭାଗର ଛାତ୍ରଛାତ୍ରୀମାନେ ଚାଷୀ ଓ ଗ୍ରାମୀଣ ଜୀବନର ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳଙ୍କ ଦ୍ୱାରା କରାଯାଇଥିଲା। ନୂଆଖାଇ ପରମ୍ପରା, କୃଷି ଓ ଚାଷୀଙ୍କ ଗୁରୁତ୍ୱକୁ ଛାତ୍ରଛାତ୍ରୀ ମାନଙ୍କ ନିକଟରେ ପହଂଚାଇବା ଏହି ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନୂଆଖାଇ ହାଟରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରକାର ତାଜା ପନିପରିବା, ପାରମ୍ପରିକ ଖାଦ୍ୟ, ଗୁପ୍ ଚୁପ୍ ଝାଲମୁଢ଼ି, ଆରିସା ,କାକରା,ଚଉଳବାରାଆଦିର ଷ୍ଟଲ୍ ପରିଚାଳନା କରିଥିଲେ। ଏଥିସହ ନୂଆଖାଇର ପରାମ୍ପରିକ ନୂଆ ଧାନ ଓ ନୂଆଖାଇ ପୂଜା ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଛୋଟ ଛାତ୍ରଛାତ୍ରୀ ମାନେ ବ୍ୟବସାୟୀ ଓ ଚାଷୀଙ୍କ ଭୂମିକା ନିଭାଇ ହାଟରେ କିଣାବିକାର ଅନୁଭୂତି ନେଇଥିଲେ। କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ହେଡ୍ ଅଫ୍ ପିପୁଲ୍ ଏଣ୍ଡ କଲଚର୍ ଅଶ୍ୱିନୀ ନାୟକ, ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ. ମନୋଜ ତ୍ରିପାଠୀ ହାଟ୍ ବୁଲି ଉପଭୋଗ କରିଥିଲେ।





## ● ଇଚ୍ଛାପୁର ଜଙ୍ଗଲରେ ଅବକାରୀ ବିଭାଗର ଚଢ଼ଉ

# ବିପୁଳ ପରିମାଣର ଦେଶୀମଦ ଓ ପୋଚ ଜବତ

ଅମ୍ବାଭୋନା,୮।୯ (ସମିସ): ବରଗଡ଼ ଅବକାରୀ ବିଭାଗ ଅଧୀକ୍ଷକ ସୁବର୍ଣ୍ଣ କୁମାର ନାଏକ ଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ଥାନା ଅଧୀନ ଇଚ୍ଛାପୁର ଦ୍ୱାରୀ ସଂରକ୍ଷିତ ଜଙ୍ଗଲରେ ଚଢ଼ଉ କରାଯାଇଛି। ଜଙ୍ଗଲରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଖବର ପାଇ ଭଟଲି ଅବକାରୀ ବିଭାଗ ଓ ବରଗଡ଼ ମୋବାଇଲ୍ ଟିମ୍‌ର ମିଳିତ ସହଯୋଗରେ ଏହି ଚଢ଼ଉ ହୋଇଥିଲା। ମାତ୍ର ଆଗୁଆ ସୂଚନା ଅଭିଯୁକ୍ତମାନେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ପ୍ରାୟ ୯୮୦ ଲିଟର ଦେଶୀ ରନ୍ଧାମଦ ଏବଂ ପ୍ରାୟ ୩ ହଜାର ଲିଟର ମହୁଲ ପୋଚ ଜବତ କରାଯାଇଥିଲା। ଏଥିସହ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ମଧ୍ୟ ଘଟଣାସ୍ଥଳରେ ନଷ୍ଟ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଭଟଲି ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରିଣୀ ଗୀତାଞ୍ଜଳି କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ପ୍ରଶାନ୍ତ ପତି, କନେଷ୍ଟବଲ ପ୍ରଦୀପ ସାହୁ, ସରସ୍ୱତୀ ବନଛୋର ଓ ମଣ୍ଟୁ ସୁନା ଚଢ଼ାଉରେ ସାମିଲ ଥିଲେ। ସେହିପରି ବରଗଡ଼ ମୋବାଇଲ୍ ଟିମ୍‌ର ଇନ୍ସପେକ୍ଟର ଗୋକୁଳ ଧର, ଏସ୍‌ଆଇ ପ୍ରସନ୍ନ ପଟେଲ, ଏଏସ୍‌ଆଇ ବିନୋଦିନୀ ମହାଲିଙ୍ଗଙ୍କ ସମେତ କନେଷ୍ଟବଲ ବେଦବ୍ୟାସ ଛନ୍ଦ, ରାଜେଶ ରାଉତ, ଆଶୁତୋଷ ସ୍ୱାଇଁ ଓ ଦୟାନିଧି କଣ୍ଟା ଚଢ଼ାଉରେ ସାମିଲ ହୋଇଥିଲେ।

# ରାଜବୋଡ଼ାସମ୍ବର କୃଷକ ସଂଗଠନର ସାମ୍ବିଧାନିକ ବୈଠକ

ପଦ୍ମପୁର,୮।୯ (ସମିସ): ପଦ୍ମପୁର ଠାରେ ରାଜବୋଡାସମ୍ବର କୃଷକ ସଂଗଠନର ବୈଠକ ଅନୁଷ୍ଠିତ ହୋଇ କୃଷକମାନଙ୍କ ବିଭିନ୍ନ ସମସ୍ୟା ଓ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କମିଟିର କର୍ମକର୍ତ୍ତା ମନୋନୀତ କରାଯାଇଛି। ସର୍ବସମ୍ମତି କ୍ରମେ ବାଞ୍ଛାନିଧି ନାୟକ ସ୍ଥାୟୀ ସଭାପତି, ସୁବାସ ସାମନ୍ତରାୟ କାର୍ଯ୍ୟକାରୀ ସଭାପତି, ଅଶୋକ ସାହୁ ଆବାହକ, ରୋହିତ ପ୍ରଧାନ ସଂଯୋଜକ, କୈଳାଶ ଚନ୍ଦ୍ର ବାରିକ ସହ ସଂଯୋଜକ, ଅଜିତ କୁମାର ଶତପଥୀ ଆଇନ ପରାମର୍ଶ ଦାତା, ରମେଶ ମହାପାତ୍ର ପରାମର୍ଶ ଦାତା ଭାବରେ ମନୋନୀତ ହୋଇଛନ୍ତି। ଏହା ସହିତ ଗାଇସିଲେଟ ବ୍ଲକ୍ ପାଇଁ ଅରବିନ୍ଦ ପଣ୍ଡା, ଶଙ୍କର ନନ୍ଦ, ବୀରେନ୍ଦ୍ର ପ୍ରଧାନ, ପାଇକମାଳ ପାଇଁ ଲିଙ୍ଗରାଜ ପ୍ରଧାନ, ଦହିତ ସାହୁ, ଅରକ୍ଷିତ ପ୍ରଧାନ, ମୁକ୍ତେଶ୍ୱର ପଟେଲ, ଝାରବନ୍ଧ ପାଇଁ ଅଶୋକ ସାହୁ, ବୈଲୋଚନ ଭୋଇ, ମହେନ୍ଦ୍ର ସାହୁ, ପଦ୍ମପୁର ପାଇଁ ପଞ୍ଚାନନ ସାହୁ, ଅମୃତଲାଲ ସାହୁ, ବୀରେନ୍ଦ୍ର ସାହୁ, ଗୋପାଳ ସାହୁ, ଧନମାଳି ହାତୀ, ନିରାକାର ସାହୁ ଏବଂ ପଦ୍ମପୁର ଏନଏସି ପାଇଁ କାହ୍ନୁଚରଣ ମେହେର, ରୁକ୍ମଣ ବରିହା ପ୍ରମୁଖ ପ୍ରତିନିଧି ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି।

# ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବିଜେପୁର,୮।୯ (ସମିସ): ବରଗଡ ଜିଲ୍ଲା ସୋହେଲା ବ୍ଲକ ତାମିମୁଣ୍ଡା ଗ୍ରାମର ଲିଙ୍ଗ ଭୋଇ(୪୪)ଙ୍କର ମଙ୍ଗଳବାର ପୂର୍ବାହ୍ନରେ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ଗାଁ ପୋଖରୀକୁ ଗାଧୋଇ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରି ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ପତ୍ନୀ ଓ ଦୁଇ ସନ୍ତାନ ଅସହାୟ ହୋଇପଡିଛନ୍ତି। ପରିବାରକୁ ଆର୍ଥିକ ସାହାର୍ଯ୍ୟ ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ

ବରପାଲି,୮।୯ (ସମିସ): ବରପାଲି ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଆୟୋଜିତ ଦ୍ୱିଦିବସୀୟ ଛତୁଚାଷ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତାଲିମ ନେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ ସହ ଛତୁ ବିହନ ବଣ୍ଟନ କରାଯାଇଥିଲା। ବରପାଲି ବ୍ଲକର ଚାରୋଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ପାଳ ଛତୁ, ଢ଼ିଙ୍ଗରି ଛତୁ ଓ ବଟମ୍ ଛତୁ ଚାଷର ବିଭିନ୍ନ ପ୍ରଣାଳୀ ସମ୍ପର୍କରେ ତାଲିମ ନେଇଥିଲେ। ସମାପନୀ କାର୍ଯ୍ୟକ୍ରମରେ ଧୀରୋଜ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କୃଷି ସୂଚନା ପରାମର୍ଶ କେନ୍ଦ୍ରର ଆବାହକ ଦିଲୀପ କୁମାର ମାଝୀ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିହାର କାନ୍ତ ଭୋଇ ଏବଂ ଭବେଶ କୁମାର ଦଳେଇ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭଟଲି ଯୋଗଦେଇଥିଲେ।

# ଆଶ୍ରା ବୃଦ୍ଧାଶ୍ରମରେ ପହଞ୍ଚିଲା ନୂଆଖାଇ ଅଡିଆ



ବରଗଡ,୮।୯ (ସମିସ): ସୋହେଲା ନିକଟ ଦଶମାଇଲ ଛକ ସ୍ଥିତ ଆଶ୍ରା ବୃଦ୍ଧାଶ୍ରମକୁ ବରଗଡ଼ ମହିଳା ସମିତି ନୂଆଖାଇ ଅଡିଆ ପହଞ୍ଚାଇଛି। ସମିତିର ସଦସ୍ୟାମାନେ ଅଡିଆ ସହ ପରିଦର୍ଶନ କରିଥିଲେ। ଆଶ୍ରମ ଅନ୍ତେବାସୀ ମଧ୍ୟ ନୂଆଖାଇ ଧୁମଧାମରେ ଯେପରି ପାଳନ କରିବେ ସେଥିପାଇଁ ସମସ୍ତଙ୍କ ସକାଶେ ନୂଆ ଧୋତି, ଶାଢ଼ୀ, ଗାମୁଛା, ଛୁଆମାନଙ୍କ ପାଇଁ ଡ୍ରେସ ଆଦି ବସ୍ତ୍ର ସହ ରାସନ ସାମଗ୍ରୀ ବିସ୍କୁଟ, ମିକ୍ସଚର, ତେଲ, ସାବୁନ, ବ୍ରସ୍, ପନିପରିବା ଆଦି ମଧ୍ୟ ସମିତି ପକ୍ଷରୁ ଆଶ୍ରମକୁ ପ୍ରଦାନ କରାଯାଇଥିଲା। ସମିତିର ସଭାନେତ୍ରୀ ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି, କୋଷାଧ୍ୟକ୍ଷା ତନିମା ଦାଶଙ୍କ ନେତୃତ୍ୱରେ ୨୫ ଜଣ ସଦସ୍ୟା ଆଶ୍ରମ ପରିଦର୍ଶନ କରିଥିଲେ।

# ଯବାନଙ୍କୁ ଫଂଟାମୁଣ୍ଡା ଗାଁରେ ଭବ୍ୟ ସ୍ୱାଗତ



ପଦ୍ମପୁର,୮।୯ (ସମିସ): ଭାରତୀୟ ସୁରକ୍ଷା ବାହିନୀରେ ସାମିଲ ହୋଇଥିବା ଫଂଟାମୁଣ୍ଡା ଗାଁର ଯୁବକ ସୁବାସ ଚନ୍ଦ୍ର ନେଗୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ସୁବାସ ନିକଟରେ ସିଆରପିଏଫ୍ ଯବାନ ଭାବେ ନିଯୁକ୍ତି ପାଇଛନ୍ତି। ଗ୍ରାମ୍ୟ ସଭାପତି ଗୋପବନ୍ଧୁ ଶିକାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସୁବାସଙ୍କୁ ଫୁଲମାଳ ପିନ୍ଧାଇବା ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଗ୍ରାମବାସୀ ତାଙ୍କୁ ଗାଁ ପରିକ୍ରମା କରାଇ ଘରେ ଘରେ ସ୍ୱାଗତ କରିଥିଲେ। ଏହି ଅବସରରେ ସୁବାଷଙ୍କ ପିତା ମକରଧ୍ୱଜ ନେଗୀ ଓ ମାତା ପ୍ରମିଳା ନେଗୀଙ୍କୁ ମଧ୍ୟ ଗ୍ରାମ୍ୟ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା।

# ପଦ୍ମପୁର ସମବାୟ ବ୍ୟାଙ୍କ ପରିଚାଳକଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ

ବରଗଡ଼,୮।୯ (ସମିସ): ପଦ୍ମପୁର ସମବାୟ ବ୍ୟାଙ୍କ ଶାଖା ପରିଚାଳକଙ୍କ ବିରୋଧରେ ଜଣେ ଗ୍ରାହକଙ୍କୁ ଦୁର୍ବ୍ୟବହାର ନେଇ ଅଭିଯୋଗ ହୋଇଛି। ଏଥିସହ ଗ୍ରାହକ ସେବାରେ ଅବହେଳା କରାଯାଇଥିବା ନେଇ ମଧ୍ୟ ଅଭିଯୋଗକାରୀ ଦର୍ଶାଇଛନ୍ତି। ଏ ନେଇ ପଦ୍ମପୁରର ଗ୍ରାହକ ତଥା ସାମ୍ବାଦିକ ପ୍ରଦୀପ୍ତ କିଶୋର ଦାଶ ସମ୍ବଲପୁର ଜିଲ୍ଲା ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ବଲପୁର ଜିଲ୍ଲା ସମବାୟ ବ୍ୟାଙ୍କର ସଭାପତି ଓ ବରଗଡ଼ ଜିଲ୍ଲା ନିବନ୍ଧକଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଅଭିଯୋଗ ଅନୁସାରେ, ଶ୍ରୀ ଦାଶ ପ୍ରାୟ ୩୦ ବର୍ଷ ହେଲା ଉକ୍ତ ବ୍ୟାଙ୍କର ନିୟମିତ ଗ୍ରାହକ। ଗତ ୭ ତାରିଖରେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟରେ ସେ ଶାଖାକୁ ଯାଇଥିବାବେଳେ ଶାଖା ପରିଚାଳକ ତାଙ୍କୁ ସହ ଅସୌଜନ୍ୟମୂଳକ ଓ ଅପମାନଜନକ ବ୍ୟବହାର କରିଥିବା ଶ୍ରୀ ଦାଶ ଅଭିଯୋଗ କରିଛନ୍ତି। ବ୍ୟାଙ୍କ କାର୍ଯ୍ୟ ସମ୍ପର୍କରେ ଆବଶ୍ୟକ ତଥ୍ୟ ନଦେଇ ତାଙ୍କୁ ଦୀର୍ଘ ସମୟ ଅପେକ୍ଷା କରାଯାଇଥିବା ଏବଂ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ପରିଚାଳକ ବ୍ୟାଙ୍କ ଛାଡ଼ି ଚାଲିଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଭିଯୋଗର ସତ୍ୟାସତ୍ୟ ନିର୍ଦ୍ଧାରଣ ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାଶ ଦାବି କରିଛନ୍ତି। ତେବେ ଏ ସମ୍ପର୍କରେ ଶାଖା ପରିଚାଳକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପାଇକମାଳରେ ବିଶ୍ୱ ସାକ୍ଷରତା ଦିବସ




ପାଇକମାଲ,୮।୯ (ସମିସ): ପାଇକମାଲ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ପାଇକମାଲ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ବିଇଓ ଶୁଭମ୍ କୁମାର ପତିଙ୍କ ପରିଚାଳନାରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୧୫ ବର୍ଷରୁ ଊର୍ଦ୍ଧ୍ୱ ନିରକ୍ଷର ବ୍ୟକ୍ତିମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା, ସେମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ରୁଚି ଓ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଓ ରୋଜଗାରର ସୁଯୋଗ ସୃଷ୍ଟି କରି ସ୍ୱାବଲମ୍ବୀ କରିବା। କାର୍ଯ୍ୟକ୍ରମରେ ପାଇକମାଳ ବ୍ଲକ ଅନ୍ତର୍ଗତ ୨୨ଟି ଗ୍ରାମ ପଞ୍ଚାୟତର ୨୨ ଜଣ ସରପଞ୍ଚ , ୧୫ ଜଣ ସିଆରସିସି ଏବଂ ୨୨ ଜଣ ପିଆରଆଇ ସଦସ୍ୟ ସାମିଲ ହୋଇଥିଲେ। ନିଜ ନିଜ ଅଞ୍ଚଳରେ ନିରକ୍ଷର ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ସାକ୍ଷରତା କାର୍ଯ୍ୟକ୍ରମ ସହ ଯୋଡ଼ିବା ଏବଂ ସାକ୍ଷରତାର ଆଲୋକକୁ ଘରେ ଘରେ ପହଞ୍ଚାଇବାରେ ଜନପ୍ରତିନିଧିମାନଙ୍କ ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିଡିପିଓ ବାସନ୍ତୀ ପୂର୍ତ୍ତି,ଏବଂ ସ୍ୱାସ୍ଥ୍ୟ ବିଭାଗ ବୁକୁରାମୁଣ୍ଡ ସିଏଚସିର ପୁଷ୍ପାଞ୍ଜଳି ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଓ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ସମାନ ଜିଆଇଏ ନୀତି ସହ ପେନସନ୍ ଓ ସେବା ସର୍ତ୍ତ ପ୍ରଦାନ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ୬୬୨ ମହାବିଦ୍ୟାଳୟ ସଂଘର ଦାବିପତ୍ର

ବରଗଡ,୮।୯ (ସମିସ)



ରାଜ୍ୟର ବ୍ଲକ୍ ଗ୍ରାଣ୍ଟ ବ୍ୟବସ୍ଥା ଅଧୀନରେ କାର୍ଯ୍ୟରତ ସମସ୍ତ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର କର୍ମଚାରୀଙ୍କ ପାଇଁ ଏକ ସାଧାରଣ, ସମାନ ଓ ଏକୀକୃତ ଜିଆଇଏ ନୀତି ପ୍ରଣୟନ ସହ ସେବା ସର୍ତ୍ତ ଓ ପେନସନ୍ ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଏ ନେଇ ଗୁରୁଦିବସ ଅବସରରେ ରାଜ୍ୟ ସଂଗଠନର ଆହ୍ୱାନ କ୍ରମେ ବରଗଡ ଜିଲ୍ଲା ୬୬୨ ସଂଘ ଅନ୍ତର୍ଭୁକ୍ତ ଜିଲ୍ଲାର ପ୍ରାୟ ୨୫ ରୁ ଅଧିକ ମହାବିଦ୍ୟାଳୟ ପକ୍ଷରୁ ପୃଥକ୍ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ବୋଲି ୬୬୨ କଲେଜ ସଂଘ ବରଗଡ ଜିଲ୍ଲାର ସଭାପତି ଅଶୋକ ବେହେରା ଓ ସାଧାରଣ ସମ୍ପାଦକ ସୁଶାନ୍ତ ମିଶ୍ର ସୂଚନା ଦେଇଛନ୍ତି।

ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଏହି ଦୀର୍ଘଦିନର ସମସ୍ୟାର ସମାଧାନ ପାଇଁ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରାଯାଇଥିବାରୁ କୃତଜ୍ଞତା ପ୍ରକାଶ କରାଯାଇଛି। ୩୦ରୁ ଅଧିକ ବର୍ଷ ଧରି ଏକ ସମାନ ଜିଆଇଏ ନୀତି ଅଭାବରୁ ଶିକ୍ଷକ ଓ କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଆସୁଥିବା ସଂଘ ଦର୍ଶାଇଛି। ସ୍ମାରକପତ୍ରରେ ସଂଘର ଚାରିଦଫା ଦାବି ଉପସ୍ଥାପିତ ହୋଇଛି। ଦୀର୍ଘଦିନ ଧରି ଅବହେଳିତ ଓ ବଞ୍ଚିତ ହୋଇଆସୁଥିବା ଶିକ୍ଷକ-କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଶୀଘ୍ର ନୂତନ ଏକୀକୃତ ଜିଆଇଏ ନୀତି ପ୍ରଣୟନ କରିବା ସହ ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ପେନସନ୍ ସୁବିଧା ନିଶ୍ଚିତ କରିବାକୁ ସଂଘ ପକ୍ଷରୁ ଦୃଢ଼ ଅନୁରୋଧ କରାଯାଇଛି।

# ନୂତନ ଗ୍ୟାସ୍ ସିଲିଣ୍ଡର ନବ୍ୟାର ଲୋକାର୍ପଣ




ବରଗଡ଼,୮।୯ (ସମିସ): ପ୍ରିୟା ଗ୍ୟାସ ସେଲସ ଆଣ୍ଡ ସର୍ଭିସ, ବରଗଡ଼ "ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍ ତରଫରୁ ଆଜି ପ୍ରିୟା ଗ୍ୟାସ୍ ସେଲସ ଆଣ୍ଡ ସର୍ଭିସ, ବରଗଡ଼ ଠାରେ ଏହାର ନୂତନ ପିଢ଼ିର ଏଚ୍‌ପି ଗ୍ୟାସ୍ ନବ୍ୟା-୧୦ କେଜି ସିଲିଣ୍ଡର ଲଞ୍ଚ୍ କରିଛି। ଏହି ଉଦଘାଟନ ଉତ୍ସବରେ ଗଜେନ୍ଦ୍ର ସୁନହାରେ, ଜିଏମ୍ ଏଲପିଜି- ଇଷ୍ଟ ଜୋନ୍‌ଙ୍କ ନିର୍ଦ୍ଦେଶନାରେ ଏବଂ ରମେଶ କୁମାର ସିଆରଏମ୍‌ଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ସେଲସ ଅଫିସର ହିମାଂଶୁ ଗୁଜରାତିଙ୍କ ସମେତ ସ୍ଥାନୀୟ ବିତରକ ତପନ କୁମାରୀ ଦାଶ, ରୋହିତ ଦାଶ, ରାକେଶ ନାୟକ, ସୋହେଲାର ବିତରକ ନାରାୟଣ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସିଆରଏମ ରମେଶ କୁମାରଙ୍କ ହସ୍ତରେ ୪ ଜଣ ଗ୍ରାହକଙ୍କୁ ନୂଆ ନବ୍ୟା ଗ୍ୟାସ ଦ୍ୱାରା ସଂଯୋଗ କରାଯାଇଥିଲା।

ସକାଳ
THE SAKALA



# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାଆ-ଝିଅ ମୃତ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉତ୍ତେଜନା

ଭବାନୀପାଟଣା,୮ା୯(ସମିସ): ଭବାନୀପାଟଣା ସଦର ଥାନା ଅଧୀନ କର୍ଲାସୋଡା ଗାଁରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା' ଓ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଲଳିତା ନାଏକ(୪୫) ଓ ତାଙ୍କ ଝିଅ ଶୀତଳ ନାଏକ (୨୨)। ଠିକ୍ ସମୟରେ ଆମ୍ବୁଲାନ୍ସ ନ ପହଞ୍ଚିବା ଓ ଅଟୋରେ ଦୁଇଟି ମୃତଦେହ ପହଞ୍ଚିବା ପରେ ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଉଭୟଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ନ୍ୟାୟ ଦାବିରେ ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨ ମୃତଦେହ ରଖି ପ୍ରତିବାଦ କରିବା ଘଟଣା ସମସ୍ତଙ୍କ ମନକୁ ଆନ୍ଦୋଳିତ କରିଛି।

ଘଟଣାରୁ ପ୍ରକାଶ ଯେ, କାମଠଣା ପଞ୍ଚାୟତର କର୍ଲାସୋଡା ଗାଁର ଶୀତଳ ନାଏକ କେନାଲକୁ ଗାଧୋଇବାକୁ ଯାଇ କପଡ଼ା ଶୁଖାଇବା ସମୟରେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଝିଅକୁ ବିଦ୍ୟୁତ୍ ତାରରେ ଲାଗିଥିବା ଦେଖି ମା' ଲଳିତା ନାଏକ ତାଙ୍କୁ ବଞ୍ଚାଇବାକୁ ଯାଇଥିଲେ। ହେଲେ ସେ ମଧ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆମ୍ବୁଲାନ୍ସକୁ ବାରମ୍ବାର ଯୋଗାଯୋଗ କରିବା ସତ୍ତ୍ୱେ ମଧ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ



ଆମ୍ବୁଲାନ୍ସ ପହଞ୍ଚି ନ ଥିଲା। ଫଳରେ ସମ୍ପର୍କୀୟମାନେ ଅଟୋରେ ଉଭୟଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଉଭୟଙ୍କୁ ଠିକ୍ ଭାବେ ପରୀକ୍ଷା ନିରୀକ୍ଷା କରା ନ ଯାଇ ମୃତ ଘୋଷଣା କରାଯାଇଥିଲା ବୋଲି ପରିବାରବର୍ଗ ଅଭିଯୋଗ କରିଛନ୍ତି। ଦୁଇ ଦୁଇଟି ଜୀବନ ଚାଲିଯିବା ଘଟଣାକୁ କେହି ସହଜରେ ହଜମ କରିପାରି ନ ଥିଲେ। ଆମ୍ବୁଲାନ୍ସ ସେବା ଓ ଚିକିତ୍ସା ବ୍ୟବସ୍ଥାରେ ଅବହେଳା ଅଭିଯୋଗ କରି ନ୍ୟାୟଦାବିରେ ପରିବାର ଓ ଗ୍ରାମବାସୀ ଦୁଇ ମୃତଦେହକୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ରଖି ପ୍ରତିବାଦ କରିଥିଲେ। ସଦର ଏସ୍‌ଡିପିଓ ନରେଶ ପ୍ରଧାନ ଓ ଟାଉନଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ପରେ ପ୍ରଶାସନ ପକ୍ଷରୁ ରେଡକ୍ରସ ପାଣ୍ଠିରୁ ସରକାରୀ ସହାୟତା ଯୋଗାଇ ଦେବାର ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତ ସ୍ୱାଭାବିକ ହୋଇଥିଲା। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଥିଲା। ସେଠାରୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି। ତେବେ ପୂର୍ବରୁ ଅନେକଥର ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା, ଆମ୍ବୁଲାନ୍ସରେ ତ୍ରୁଟି ଏବଂ ରାସ୍ତା ଖରାପ କାରଣରୁ ଗାଁ ରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜୀବନ ଚାଲିଯିବା ଓ ପ୍ରସୂତି ମହିଳାଙ୍କ ଦୟନୀୟ ସ୍ଥିତି ଉପୁଜିବାର ବହୁ ନଜିର ରହିଛି।

# ରାଜ୍ୟରେ ବଢ଼ିବ ବର୍ଷା

ଭୁବନେଶ୍ୱର,୮ା୯(ସମିସ): ପୁଣି ରାଜ୍ୟକୁ ଆସୁଛି ବଡ଼ ବର୍ଷା। ଆଉ ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଥିବାରୁ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଏହି ଲଘୁଚାପ ଆସନ୍ତା ୧୧ ବେଳକୁ ବଙ୍ଗୋପସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର କହିଛି, ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାସହିତ ଆଣ୍ଡାମାନ ସାଗରରେ ମଧ ଏକ ଘୂର୍ଣ୍ଣିବଳୟ ରହିଛି। ଏହା ପ୍ରଭାବରେ ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତରପଶ୍ଚିମ ବଙ୍ଗୋପସାଗର ତତସଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ଥରେ ବର୍ଷା ବଢ଼ିବା ନେଇ ଆଶଙ୍କା ରହିଛି। ଏହି କ୍ରମରେ ବୁଧବାର କିଛି କିଛି ସ୍ଥାନରେ ବର୍ଷା ବଢ଼ିବା ସହ ଗୁରୁବାରଠାରୁ ବର୍ଷାର ପ୍ରଭାବ ବୃଦ୍ଧି ହେବା ନେଇ ଆକଳନ କାରଯାଇଛି। ଏହାକୁ ଦୃଷ୍ଟିରେ ରଖି ୧୦ ଓ ୧୧ ତାରିଖ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଥିବା ବେଳେ ଗୋଟିଏ ସ୍ଥାନରେ ଅତି ଭୀଷଣ ବର୍ଷା ରେକର୍ଡ କରାଯାଇଛି। ଜୁନ ୧ ରୁ ଏଯାବତ ୧୧୮୪.୦ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୯୯୨.୭ ମିଲିମିଟର। ଯାହା ସ୍ୱାଭାବିକ ବର୍ଷା ଠାରୁ ୧୯ ପ୍ରତିଶତ ଅଧିକ। ମୌସୁମୀ ଜନିତ ନିମ୍ନଚାପରେଖା ଏବେ ଗଙ୍ଗାନଗର, ଉତ୍ତପ୍ରଦେଶ ଠାରୁ ନେଇ ଉତ୍ତର-ପୂର୍ବ ବଙ୍ଗୋପସାଗର ମଧ୍ୟରେ ରହିଛି।

# ଦୁଗ୍ଧ କ୍ରୟମୂଲ୍ୟରେ ୨ଟଙ୍କା ବଢ଼ାଇଲା ଓମ୍‌ଫେଡ

ଭୁବନେଶ୍ୱର, ୮ା୯(ସମିସ): ରାଜ୍ୟର ଦୁଗ୍ଧ ଚାଷୀମାନଙ୍କ ଜୀବିକା, ଆୟ ଓ ସ୍ୱାର୍ଥକୁ ସର୍ବାଧିକ ପ୍ରାଥମିକତା ଦେଇ ଓମ୍‌ଫେଡ୍ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ୧୧ ତାରିଖରୁ ଚାଷୀମାନଙ୍କଠାରୁ ଦୁଗ୍ଧ କ୍ରୟ ମୂଲ୍ୟରେ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଛି। ଏହାଫଳରେ ରାଜ୍ୟର ପ୍ରାୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି ହେବ ବୋଲି ମଙ୍ଗଳବାର ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଓମଫେଡ୍ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ ଏବଂ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ବିଗତ କିଛି ଦିନ ଧରି ବିଶ୍ୱ ବଜାରରେ ତୈଳ ଦରରେ କ୍ରମାଗତ ବୃଦ୍ଧି ଯୋଗୁଁ କୃଷିଜାତ ଦ୍ରବ୍ୟର ଉତ୍ପାଦନ ଓ ପରିବହନ ଖର୍ଚ୍ଚରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ତୈଳ ଦର ବୃଦ୍ଧିର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଭାବ କୃଷି ଏବଂ ପଶୁପାଳନ କ୍ଷେତ୍ର ଉପରେ ମଧ ପଡ଼ିଛି। ଦୁଗ୍ଧ ଉତ୍ପାଦନ ସହ ଜଡ଼ିତ ପ୍ରାୟ ସମସ୍ତ ଉପାଦାନର ମୂଲ୍ୟ ବଢ଼ିଥିବାରୁ ଦୁଗ୍ଧ ଚାଷୀମାନଙ୍କ ଉପରେ ଆର୍ଥିକ ଚାପ ବୃଦ୍ଧି ପାଇଛି। ଗୋଖାଦ୍ୟରେ ବ୍ୟବହୃତ ମକା, ଚୋକଡ଼, ଖୁଦ, ରାଇସ୍ ପଲିସ୍ ଓ ସୋରିଷ ପିଡ଼ିଆ ଆଦି କଞ୍ଚାମାଲ ମୂଲ୍ୟରେ ୨୫ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଛି। ଏଥିସହ ଗୋଖାଦ୍ୟ, ଘାସଚାରା ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଇବା ଫଳରେ ଗୋପାଳନର ଦୈନିକ ଖର୍ଚ୍ଚ ମଧ ବଢ଼ିଛି। ଗୋରୁଙ୍କ ଖାଦ୍ୟ, ଚିକିତ୍ସା, ରକ୍ଷଣାବେକ୍ଷଣ, ଘାସଚାରା, ପରିବହନ ଆଦି

### ଦୁଗ୍ଧ ଚାଷୀଙ୍କ ସ୍ୱାର୍ଥରେ ଓମ୍‌ଫେଡର ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ବାବଦରେ ଚାଷୀମାନଙ୍କୁ ନିୟମିତ ଭାବେ ଖର୍ଚ୍ଚ କରିବାକୁ ପଡ଼େ। ଏହି ସମସ୍ତ ଖର୍ଚ୍ଚ ବୃଦ୍ଧି ପାଇବା ସତ୍ତ୍ୱେ ଦୁଗ୍ଧର କ୍ରୟ ମୂଲ୍ୟ ଅନୁପାତିକ ଭାବେ ବୃଦ୍ଧି ନ ହେଲେ ଚାଷୀଙ୍କର ବିଶେଷ ଲାଭ ହ୍ରାସ ପାଇବା ସ୍ୱାଭାବିକ। ଏହାର ପ୍ରଭାବରେ ଗୋପାଳନକୁ ଜୀବିକାର ମୁଖ୍ୟ ମାଧ୍ୟମ ଭାବେ ଗ୍ରହଣ କରିଥିବା ଦୁଗ୍ଧଚାଷୀ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ପରିସ୍ଥିତିରେ ଦୁଗ୍ଧ ଚାଷୀମାନେ ଦୁଗ୍ଧର କ୍ରୟ ମୂଲ୍ୟ ବୃଦ୍ଧି ପାଇଁ ବାରମ୍ବାର ଅନୁରୋଧ କରିଆସୁଥିଲେ। ଚାଷୀମାନଙ୍କର ଏହି ଦାବି, ବର୍ତ୍ତମାନର ବଜାର ପରିସ୍ଥିତି, ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଏବଂ ଦୁଗ୍ଧ ଚାଷୀଙ୍କ ଜୀବିକାକୁ ବିଚାରକୁ ନେଇ ଓମଫେଡ୍ ପକ୍ଷରୁ ଦୁଗ୍ଧ କ୍ରୟମୂଲ୍ୟ ବୃଦ୍ଧି ନିଷ୍ପତ୍ତି ନିଆଯାଇଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ୧.୧୫ କୋଟିରୁ ଅଧିକ ମିଥ୍ୟା ବିଲ୍

# ଫାଶିମାଲ ସିଏଚ୍‌ସି କନିଷ୍ଠ ସହାୟକ ଭିଜିଲାନ୍ସ ଦ୍ୱାରା ଗିରଫ

ସମ୍ବଲପୁର, ୮ା୯ (ସମିସ) : ଅବସରପ୍ରାପ୍ତ କର୍ମଚାରୀଙ୍କ ୧.୧୫ କୋଟି ଟଙ୍କାରୁ ଅଧିକ ମିଥ୍ୟା ବିଲ୍ କରିବା ଓ ସରକାରୀ ପାଣ୍ଠିର ଅପବ୍ୟବହାର କରିବା ଅଭିଯୋଗରେ ସମ୍ବଲପୁର ଜିଲ୍ଲା ଫାଶିମାଲ ଏବଂ ଗୋବିନ୍ଦପୁର ସିଏଚ୍‌ସିର ଜୁନିୟର ଆସିଷ୍ଟାଣ୍ଟ ମୀର ଇମତିଆଜ ଅଲିଙ୍କୁ ଭିଜିଲାନ୍ସ ଗିରଫ କରିଛି। ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁର ଅଦାଲତକୁ କୋର୍ଟଚାଲାଣ କରାଯିବ।

ସୂଚନା ଅନୁଯାୟୀ, ଦୁର୍ନୀତି ଏବଂ ଆର୍ଥିକ ଅନିୟମିତତା ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଓଡ଼ିଶା ଭିଜିଲାନ୍ସ ଆଜି ଜମନକିରା ବ୍ଲକ୍ ଅଧୀନ ଫାଶିମାଲ ସିଏଚ୍‌ସିର କନିଷ୍ଠ ସହାୟକ ଏବଂ ବାମରା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ସିଏଚ୍‌ସିର ଭାରପ୍ରାପ୍ତ କନିଷ୍ଠ ସହାୟକ ମୀର ଇମତିଆଜ ଅଲିଙ୍କୁ ଗିରଫ କରିଛି। ଓଡ଼ିଶା ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ୨୦୨୧-୨୨ ରୁ ୨୦୨୬-୨୭ ଆର୍ଥିକ ବର୍ଷ ମଧ୍ୟରେ, ମୀର ଇମତିଆଜ ଅଲି ଜାଲିଆତି କରି ସିଏଚ୍‌ସି ଫାଶିମାଲରେ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କ ନାମରେ ବକେୟା ଦରମା, ଅବ୍ୟବହୃତ ଛୁଟି ଏନ୍‌କ୍ୟାସମେଣ୍ଟ ଏବଂ ଅସ୍ଥାୟୀ ପେନସନ୍ ସମେତ ବିଭିନ୍ନ ଆର୍ଥିକ ହେଡ୍ ଅଧୀନରେ ମିଥ୍ୟା ଅନଲାଇନ୍




ଏବଂ ଅଫଲାଇନ୍ ବିଲ୍ ସୃଷ୍ଟି କରିଥିଲେ। ଏହା ବୈଧ ସମ୍ପୃକ୍ତ ଅବସରପ୍ରାପ୍ତ କର୍ମଚାରୀ କିମ୍ବା ସରକାରୀ ଜମାକୁ ପଠାଯିବା ପରିବର୍ତ୍ତେ, ଅଭିଯୁକ୍ତ ମୀର ଇମତିଆଜ ଅଲି ବ୍ୟକ୍ତିଗତ ଲାଭ ପାଇଁ ୭୦,୫୭,୪୫୦ ଟଙ୍କା ସିଧାସଳଖ ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବା ପାଇଁ ବେଆଇନ ଭାବରେ ହେରଫେର କରିଥିଲେ। ସେହିପରି, ମୀର ଇମତିଆଜ ଅଲି ବାମରା ବ୍ଲକ ଅଧୀନ ସିଏଚ୍‌ସି ଗୋବିନ୍ଦପୁରରେ ଜୁନିଅର ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟ କରୁଥିବା ସମୟରେ ଉପରୋକ୍ତ ଆର୍ଥିକ ସମୟ ମଧ୍ୟରେ ସମାନ ପଦ୍ଧତି ଅବଲମ୍ବନ କରି ୪୪,୫୭,୦୮୯ ଟଙ୍କା ଆତ୍ମସାତ୍ କରିଥିଲେ। ଏହିପରି ମୀର ଇମତିଆଜ ଅଲି ମୋଟ ୧,୧୫,୧୪,୫୩୯ ଟଙ୍କା ଆତ୍ମସାତ୍ କରିଥିଲେ। ଏ ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁଇଟି ମାମଲା ପଞ୍ଜିକୃତ କରାଯାଇଛି। ଅଭିଯୁକ୍ତ ମୀର ଇମତିଆଜ ଅଲିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ମାମଲାର ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଦିବ୍ୟାଙ୍ଗ ବର୍ଗରେ ଏମ୍‌ବିବିଏସ୍ ନାମଲେଖାରୁ ବଞ୍ଚିତ ପ୍ରସଂଗ

# ଆବେଦନକାରୀଙ୍କୁ ମେଡିକାଲ ବୋର୍ଡରେ ହାଜର ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୮ା୯(ସମିସ): ୨୦୨୬ ବର୍ଷର ଏମବିବିଏସ ନାମଲେଖା ପ୍ରକ୍ରିୟାରେ ଦିବ୍ୟାଙ୍ଗ କୋଟାରେ ଆବେଦନ କରିଥିବା ଜଣେ ଛାତ୍ରୀଙ୍କୁ ମେଡିକାଲ ବୋର୍ଡରେ ହାଜର ହେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୁପ୍ରିୟା ନାୟକ ନାମକ ଜଣେ ଛାତ୍ରୀଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଛାତ୍ରୀଙ୍କୁ ମେଡିକାଲ ପରୀକ୍ଷା ପାଇଁ ଆଉ ଗୋଟିଏ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ମେଡିକାଲ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କୁ ଆସନ୍ତା କାଲି ସୁଦ୍ଧା ଛାତ୍ରୀଙ୍କୁ ମେଡିକାଲ ବୋର୍ଡ ଆଗରେ ହାଜର ହେବା ପାଇଁ ବ୍ୟବସ୍ଥା କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଯାଞ୍ଚ ପରେ ମେଡିକାଲ ବୋର୍ଡର ରିପୋର୍ଟ ତୁରନ୍ତ ଓଜେଇଇକୁ ପଠାଯିବ। ଯଦି ଛାତ୍ରୀ ଜଣକ ଏହି ବର୍ଗ ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି, ତେବେ ଓଜେଇଇ ତୁରନ୍ତ ତାଙ୍କର କାଉନସେଲିଂ ଏବଂ ପରବର୍ତ୍ତୀ ନାମଲେଖା ପ୍ରକ୍ରିୟା ସମ୍ପାଦନ କରିବ ବୋଲି ହାଇକୋର୍ଟ କହିଛନ୍ତି। ମାମାଲରୁ ପ୍ରକାଶ ଯେ ଆବେଦନକାରୀ ଦିବ୍ୟାଙ୍ଗ ବର୍ଗରେ ଆବେଦନ କରିଥିଲେ। ନିୟମାନୁସାରେ ଏହି ବର୍ଗର ପରୀକ୍ଷାର୍ଥୀମାନେ ମେଡିକାଲ ବୋର୍ଡ ଆଗରେ ହାଜର ହୋଇ ନିଜର ଭିନ୍ନକ୍ଷମତା ପ୍ରମାଣିତ କରିବା ଆବଶ୍ୟକ। ଅନ୍ୟ ୧୧ ଜଣ ଆବେଦନକାରୀଙ୍କୁ ଆପିଲେଟ୍ ବୋର୍ଡ ଆଗରେ ହାଜର ହେବାକୁ ସୂଚନା ଦିଆଯାଇଥିବା ବେଳେ ତାଙ୍କୁ କୌଣସି ବ୍ୟକ୍ତିଗତ ସୂଚନା ମିଳିନଥିବାରୁ ସେ ଉପସ୍ଥିତ ହୋଇପାରିନଥିଲେ ବୋଲି ଛାତ୍ରୀଜଣକ ଅଭିଯୋଗ କରିଥିଲେ। ଓଜେଇଇ କର୍ତ୍ତୃପକ୍ଷ କୋର୍ଟଙ୍କୁ ଜଣାଇଥିଲେ ଯେ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସମସ୍ତଙ୍କୁ ଆପିଲେଟ୍ ବୋର୍ଡ ଆଗରେ ହାଜର ହେବାକୁ କୁହାଯାଇଥିଲା। ପ୍ରତ୍ୟେକ ଆବେଦନକାରୀଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ଦିଆଯିବା ଆବଶ୍ୟକ ଥିଲା, ଯାହା କରାଯାଇ ନାହିଁ। ତେଣୁ ତାଙ୍କୁ ଭିନ୍ନକ୍ଷମତା ପ୍ରମାଣ ପାଇଁ ମେଡିକାଲ ପରୀକ୍ଷାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଆବେଦନକାରୀ ଦର୍ଶାଇଥିଲେ।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପଞ୍ଚାନନ ଦାସ
(ପୂର୍ବତନ ପ୍ରଧାନଶିକ୍ଷକ)
ମୁସ୍ତାଫାପୁର, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ-୨୮/୧୦/୧୯୩୪
ତିରୋଧାନ-୩୦/୦୮/୨୦୨୬
ବାପା ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହେଲା ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ । ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ
ଆପଣଙ୍କର ହତଭାଗ୍ୟ ପୁତ୍ର
ପ୍ରସନ୍ନ କୁମାର ଦାସ, ପ୍ରସାନ୍ତ କୁମାର ଦାସ
ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ
ଦାସ ପରିବାର ବର୍ଗ।

# ଦୁଇ ବର୍ଷର ଶିଳ୍ପ ପ୍ରଗତି ଉପରେ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ: ବିଜେଡି

## ସିଙ୍ଗାପୁର ଗସ୍ତ ନିଷ୍ଫଳ, ଫଟୋସୁଟ୍‌ରେ ସୀମିତ ନ ରହୁ ୟୁଏଇ ଗସ୍ତ

ଭୁବନେଶ୍ୱର,୮ା୯(ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ୫ ଦିନିଆ ୟୁଏଇ ଗସ୍ତ ଆଜି ଆରମ୍ଭ ହୋଇଥିବା ବେଳେ ଏହି ଗସ୍ତର ଫଳାଫଳକୁ ନେଇ ଆଶଙ୍କା ପ୍ରକାଶ କରିଛି ବିଜୁ ଜନତା ଦଳ। ପୂର୍ବରୁ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତରେ ରାଜ୍ୟକୁ କିଛି ମିଳିନଥିବା ବେଳେ ଏବେ ଏହି ଗସ୍ତ କେବଳ ପ୍ରଚାର ଓ ଫଟୋସୁଟ୍ ପାଇଁ ଉଦ୍ଦିଷ୍ଟ ବୋଲି ବିଜେଡି କହିଛି।

ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଥମ ବିଦେଶ ଗସ୍ତ ୨୦୨୪ ମସିହା ନଭେମ୍ବର ୧୬ରୁ ୨୧ ତାରିଖ ଯାଏଁ ସିଙ୍ଗାପୁରରେ ପୁଞ୍ଜିନିବେଶ ନେଇ ରୋଡ ଶୋ' ଆୟୋଜିତ ହୋଇଥିଲା । ସେହି ଗସ୍ତ ସମୟରେ ଆନୁଷ୍ଠାନିକ ଭାବେ କୌଣସି ଏମଓୟୁ ସ୍ୱାକ୍ଷରିତ ହୋଇନଥିଲା । କିନ୍ତୁ ସରକାରଙ୍କ ପକ୍ଷରୁ ବିଶ୍ୱସ୍ତରୀୟ କମ୍ପାନୀମାନଙ୍କ ସହ ବୈଠକ ହୋଇଥିବା ଓ ସେହି କମ୍ପାନୀଗୁଡିକ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି କୁହାଯାଇଥିଲା । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତକୁ ପ୍ରାୟ ୨ ବର୍ଷ ପୁରିବାକୁ ଯାଉଥିବା ବେଳେ, ସିଙ୍ଗାପୁର ଗସ୍ତର ଫାଇଦା ଓଡ଼ିଶାକୁ ମିଳିନାହିଁ। ଏହି ପରିପ୍ରେକ୍ଷୀରେ ଆଜିଠାରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ୟୁଏଇ/ଦୁବାଇ ଗସ୍ତ, ଯାହାକୁ ସରକାରୀ ଭାବେ ମୋହନ ମାଝୀଙ୍କ ଦ୍ୱିତୀୟ ଆନ୍ତର୍ଜାତିକ ପୁଞ୍ଜିନିବେଶ ନେଇ ରୋଡ ଶୋ' ବୋଲି ବର୍ଣ୍ଣନା କରାଯାଉଛି ତାହା ରାଜ୍ୟକୁ କ'ଣ ଫାଇଦା ମିଳିବ କି ନାହିଁ, ସେନେଇ ସନ୍ଦେହ ଉପୁଜିଛି । ସିଙ୍ଗାପୁର ଗସ୍ତରେ ରାଜ୍ୟକୁ କୌଣସି ଲାଭ ମିଳିନଥିବା ବେଳେ ଓଡ଼ିଶାବାସୀ ଏହି ଦ୍ୱିତୀୟ ବିଦେଶ ଗସ୍ତରୁ କ'ଣ ନୂଆ ଅଲୌକିକତା ଆଶା କରିବେ? ଉତ୍କର୍ଷ ଓଡ଼ିଶା କନକ୍ଲେଭ ୨୦୨୫ରେ ୧୬.୭୩ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଦାବି କରାଯାଇଥିଲା । ଜୁନ୍ ୨୦୨୪ରୁ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ଶହ ଶହ ପ୍ରକଳ୍ପ ଅନୁମୋଦିତ ହୋଇଥିବା ବେଳେ କେବଳ ପ୍ରାୟ ୧୪୮ରୁ ୧୫୨ଟି ପ୍ରକଳ୍ପ, ଯାହାର ମୂଲ୍ୟ ପ୍ରାୟ ୩.୧୧ ଲକ୍ଷ କୋଟି ଟଙ୍କା, ବାସ୍ତବ ରୂପାୟନ କିମ୍ବା ଗ୍ରାଉଣ୍ଡିଂ ପର୍ଯ୍ୟାୟରେ ପହଞ୍ଚିଛି, ଯାହା ବାରମ୍ବାର କରାଯାଉଥିବା ବହୁ ଲକ୍ଷ କୋଟି ଦାବିର ଏକ ଛୋଟ ଅଂଶ । ଏହି ଏମଓୟୁ ଗୁଡ଼ିକର ଗ୍ରାଉଣ୍ଡିଂ ସ୍ଥିତି ବିଷୟରେ କୌଣସି ସୂଚନା ନାହିଁ । ସିଙ୍ଗାପୁର, ହାଇଦ୍ରାବାଦ, କଲିକତା, ଗୁଜରାଟ, ଦିଲ୍ଲୀ ଓ ବର୍ତ୍ତମାନ ଦୁବାଇରେ ଏମଓୟୁ ସ୍ୱାକ୍ଷର ଓ ରୋଡ ଶୋ' ଆୟୋଜନ ଦ୍ୱାରା ଅନେକ କମ୍ପାନୀ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ବିଜେପି ସରକାର ଦାବି କରୁଛନ୍ତି, କିନ୍ତୁ ବାସ୍ତବରେ ଫଳ ଶୂନ । ତେଣୁ ରାଜ୍ୟ ସରକାର ବିଧାନସଭାରେ ଏକ ଶ୍ୱେତପତ୍ର ଉପସ୍ଥାପନ କରନ୍ତୁ। ଏଥିରେ ଜୁନ୍ ୨୦୨୪ରୁ ସ୍ୱାକ୍ଷରିତ ପ୍ରତ୍ୟେକ ଏମଓୟୁର ସଠିକ୍ ସ୍ଥିତି, ବିନିଯୋଗକାରୀଙ୍କ ଦ୍ୱାରା ପ୍ରକୃତରେ ଖର୍ଚ୍ଚ ହୋଇଥିବା ପୁଞ୍ଜି, ଏପର୍ଯ୍ୟନ୍ତ ସୃଷ୍ଟି ଚାକିରି ସଂଖ୍ୟା ଏବଂ ଘୋଷଣାରୁ ଗ୍ରାଉଣ୍ଡିଂକୁ ରୂପାନ୍ତର ହାର ଅତ୍ୟନ୍ତ ନିମ୍ନ ରହିବାର କାରଣ ବିସ୍ତୃତ ଭାବେ ଉଲ୍ଲେଖ କରନ୍ତୁ ବୋଲି ଦଳ ଦାବି କରିଛି।

## କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ସଂସ୍ଥାର ଚଢ଼ଉ

# ବାଘଛାଲ ଜବତ, ବନ ବିଭାଗକୁ ହସ୍ତାନ୍ତର

ଜୟପୁର , ୮ା୯ (ସମିସ) : କୋରାପୁଟ ଜିଲ୍ଲା ଜୟପୁର ସହରର କେନ୍ଦୁଗୁଡା ଅଞ୍ଚଳରେ ଗୁଜରାଟ ଅହମ୍ମଦାବାଦ କେନ୍ଦ୍ରୀୟ ରାଜସ୍ୱ ଗୋଇନ୍ଦା ବିଭାଗ ଗଞ୍ଜେଇ ଜବତ ପାଇଁ ଚଢ଼ଉ କରିବା ବେଳେ ଏକ ବାଘ ଛାଲ ଜବତ



କରିଛନ୍ତି। କାର ଭିତରକୁ କଲରାପତରିଆ ବାଘର ୧୭୫ ସେଣ୍ଟିମିଟର ଲମ୍ବ ଏବଂ ୫୪ ସେଣ୍ଟିମିଟର ଓସାରର ଏହି ଛାଲ ଜବତ ହୋଇଛି। କେନ୍ଦ୍ରୀୟ ବିଭାଗ ଜବତ ବାଘଛାଲ ଏବଂ ଅଭିଯୁକ୍ତକୁ ଆଜି ଜୟପୁର ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ବନ ବିଭାଗ ପକ୍ଷରୁ ଅଭିଯୁକ୍ତ କେନ୍ଦୁଗୁଡା ବାସନ୍ଦା ବିଭୂତି ଭୁଷଣ ପାତ୍ର(୪୪)ଙ୍କୁ ଗିରଫ କରିବା ପରେ ଆଜି କୋର୍ଟ ଚାଲାଣ କରାଯାଇଛ। କଲରାପତରିଆ ବାଘ ଛାଲ ରଖାଯାଇଥିବା କାର ଓଡି୧୦ଏଫ-୬୦୬୦ରୁ ମୋବାଇଲ ଫୋନ୍ ଜବତ କରାଯାଇଛି। ବନବିଭାଗର ଡିଏଫଓଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୩୦୦ମିଟର ଏବଂ ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ୪୦୦ ମିଟର ଦୂରତାରେ ଏହି ବେଆଇନ ବନ୍ୟଜନ୍ତୁ ଛାଲ ବ୍ୟବସାୟୀ ରହୁଥିଲେ ସୁଦ୍ଧା ସ୍ଥାନୀୟ ବିଭାଗ ନିକଟରେ ସୂଚନା ନଥିଲା। ଆଜି ବନ ବିଭାଗ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରଶାନ୍ତ ପଟେଲ ସୂଚନା ଦେଇ କହିଛନ୍ତି ଯେ, କେନ୍ଦ୍ରୀୟ ବିଭାଗ ପକ୍ଷରୁ ଏହାକୁ ଉଦ୍ଧାର କରାଯାଇଛି। କିନ୍ତୁ ଏହି କଲରାପତରିଆ ବାଘ ଛାଲ କେଉଁ ଅଞ୍ଚଳରୁ ଆସିଛି ତାର ତଦନ୍ତ ବନ ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସିଏଫ ଡ. ଅମିତ ପ୍ରକାଶ ନାୟକ, ରେଞ୍ଜର ଦେବେନ୍ଦ୍ର ମାଝି, ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ସଂଯୋଜକ କୃଷ୍ଣ କେଶବ ଷଡଙ୍ଗୀ , ଫରେଷ୍ଟର ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ରାଜ୍ୟ ବନ ବିଭାଗର ଡିଭିଜନ ଓ ରେଞ୍ଜ କାର୍ଯ୍ୟାଳୟ ଜୟପୁର ଠାରେ ରହିଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଏବଂ ଗୋଇନ୍ଦା ସଂସ୍ଥା ପାଖରେ ଏହି ବାଘ ଛାଲ ନେଇ କିପରି ସୂଚନା ନଥିଲା, ତାହାର ମଧ ତଦନ୍ତ କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
୩/୧ଏ ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ଆମର ସେସ୍କୋ ପାୱାର ହାଉସ୍ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେସ୍କୋ ପାୱାର ହାଉସ୍ ଶାଖାର ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ସେସ୍କୋ ପାୱାର ହାଉସ୍ ଶାଖା / ଋଣଗ୍ରହୀତା / କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ବିଚିତ୍ର କୁମାର ବେହେରା, ପିତା: ଶ୍ରୀ ଧ୍ରୁବ ଚରଣ ବେହେରା, ଠିକଣା-୧: ଏଚ୍‌ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଭାରତ, ଠିକଣା-୨: ଫ୍ଲାଟ୍ ନଂ.: ୪୧୦, ୪ର୍ଥ ମହଲା, ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଝାରପଡା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୬, ଠିକଣା-୩: ସାପୋ: ଡେରା, ଥାନା: ରାଜନଗର, ଜିଲ୍ଲା: କେନ୍ଦ୍ରପଡ଼ା / କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ରୀତା ବେହେରା, ସ୍ୱାମୀ: ବିଚିତ୍ର କୁମାର ବେହେରା, ଏଚ୍‌ଆଇଜି-୯, ଫେଜ୍ ନଂ. ୧, ହାଉସିଂ ବୋର୍ଡ କଲୋନୀ, ଖଣ୍ଡଗିରି, ଭୁବନେଶ୍ୱର,-୭୫୧୦୩୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା / କୋ-ଓବ୍ଲିଗାଣ୍ଟ: ଶ୍ରୀ ସତ୍ୟ ନାରାୟଣ ଉପାଧ୍ୟାୟ, ପିତା: ଚକ୍ରଧର ଉପାଧ୍ୟାୟ, ଇବି-୭୭୦, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା, ଭାରତ | ୟୁନିୟନ୍ ହୋମ୍- ୧୨୭୫୩୦୧୦୦୦୧୦୬୫୧ / ୦୧.୦୮.୨୦୨୬ | ୦୩.୦୯.୨୦୨୬ / ୦୧.୦୮.୨୦୨୬ ସୁଦ୍ଧା ଟ.୩୩,୮୩,୮୭୦.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଶ୍ରୀ ବିଚିତ୍ର କୁମାର ବେହେରାଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୧୦, ଆପାର୍ଟମେଣ୍ଟର ନାମ: ଶ୍ରୀ ଭେଙ୍କଟେଶ୍ୱର ପ୍ଲାଜା, ୪ର୍ଥ ମହଲା, ପ୍ଲଟ୍ ନଂ.: ୫୨ ଏବଂ ୫୪, ଖାତା ନଂ.: ୭୪୪, ଅବିଭକ୍ତ ନିରପେକ୍ଷ ବିକ୍ରୟ ଅଂଶର ପରିମିତ କ୍ଷେତ୍ର: ଏକର୦.୪୮୩ଡିସିମିଲିରୁ ଏକର୦.୦୧୦ ଡିସିମିଲି, ବିଲ୍ଟ ଅପ୍ ଏରିଆ: ୮୩୪ ବର୍ଗଫୁଟ, ମୌଜା: ଝାରପଡା, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୬, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଫ୍ଲାଟ୍ ନଂ. ୪୧୧, ଦକ୍ଷିଣ: ଫ୍ଲାଟ୍ ନଂ. ୪୦୯, ପୂର୍ବ: ଆପାର୍ଟମେଣ୍ଟର କରିଡର, ପଶ୍ଚିମ: ଖୋଲା ସ୍ଥାନ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୮.୦୯.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**CUTTACK CLUB**
Regd.Office: At-Barabati Fort, Near Barabati Stadium, Cuttack-753001, Odisha
Phone:0671-2301041, 7978267650; CIN-U91990OR1949NPL000181
Website- www.cuttackclub.com, Email: info@cuttackclub.com

**Information to Members of the Cuttack Club**
**Pursuant to Rule 20(4)(v) of Companies (Management and Administration) Amendment Rules, 2015 for the 77th Annual General Meeting of Cuttack Club on Sunday, 27th Day of September, 2026 at 10.00 A.M.**

Notice is hereby given that 77th ANNUAL GENERAL MEETING ('AGM") will be convened at the Centenary Hall (Annexe-1) of Cuttack Club, Barabati Fort, Near Barabati Stadium, Cuttack-753001, Odisha on Sunday, 27th Day of September, 2026 at 10.00 A.M. Members are requested to note the following:

1) Notice, Agenda and eligibility criteria & Rules for Resolutions of the AGM which have been sent through email to the registered e-mail id including whatsapp of the Members of the Club and also posted on the Notice Board of the Club and also uploaded on the website of the Club: www.cuttackclub.com

2) In accordance with the applicable provisions of the Companies Act, 2013, read with Companies (Management and Administration) Rules, 2014 (the Rules) including any amendments thereto, the Company is pleased to provide facility to its Members, to cast their vote electronically for all the Resolutions proposed at the 76th Annual General Meeting of the Company.

3) The Company has appointed National Securities Depository Limited (NSDL) to provide E-Voting facility to the Members.

4) Business shall be transacted through Remote Voting by Electronic Means (E-voting) under the Bipartite Agreement with National Securities Depository Limited (NSDL) and Physical voting also.

5) The remote e-voting period commences at 09:00 Hrs (IST) on 26.09.2026 (Saturday) and closes at 17:00 Hrs (IST) on 26.09.2026 (Saturday). NSDL will send User Id and password at your registered email Id.

6) Remote e-voting shall not be allowed beyond the said date and time.

7) Physical Voting will be on 27.09.2026(Sunday) at Club Premises from 12.00 Noon to 03.00PM. The Members who have cast their vote by remote evoting prior to the meeting may also attend the meeting but shall not be entitled to cast their vote again.

8) Remote e-voting User Id and Password with Instructions shall be received by the Members directly by an email/SMS from NSDL provided the Member has registered with updated email id and mobile number up to the notified cut off date of 31st August, 2026(for contesting candidates) and 31st July,2026(for Members-Voters), failing which, if any inconvenience is caused by Members in e-voting process of AGM, the Club shall not be held responsible.

9) Once you receive email from NSDL, please visit NSDL website and open the web browser by typing the following URL- https://www.evoting.nsdl.com. Then go to home page and click on "login" which is available under Shareholder/Member section. The system will prompt you enter your user id. Insert the User ID received in E-mail/SMS and proceed as follows with Password option only as provided by NSDL to your registered email ID.

10) After successful login, at the home page of e-voting you will be able to see EVEN. Select "EVEN" to cast the vote. Now you are ready for e-Voting as the Voting page opens. Cast your vote by selecting appropriate options for which you wish to cast your vote and click on "Submit and also "confirm" when prompted. Upon confirmation, the message "Vote cast successfully" will be displayed.

11) Once you confirm your vote on the resolution, you will not be allowed to modify your vote.

12) In case you face any problems/experience any difficulty please feel free to contact 022 - 4886 7000 and 022 - 2499 7000 or contact on email id - evoting@nsdl.co.in

**For and on behalf of Cuttack Club**
**Suvendu Mohan Patnaik**
**Honorary Secretary cum Director**
**DIN: 02407792**

## ଆଜିର ରାଶିଫଳ

**ମେଷ:** ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ଭାଳି ପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ। ଆର୍ଥିକ ସମସ୍ୟା ଦେଖାଦେଇ ପାରେ। ବୈବାହିକ ଜୀବନ ସୁଖମୟ ହେବ।

**ବୃଷ:** କୌଣସି ବି ପରିସ୍ଥିତିରେ ହାର୍ ମାନନ୍ତୁନି। କଠିନ ପରିଶ୍ରମ କରି ସଫଳ ହୋଇପାରନ୍ତି। ବିଦ୍ୟାର୍ଥୀମାନେ ଖେଳକୁଦରେ ସମୟ ବିତାଇବେ। କୋର୍ଟ କଚେରୀ ମାମଲାରୁ ବିଜୟୀ ହେବେ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ପାରିବାରିକ ସୁଖ ଶାନ୍ତି ମିଳିପାରେ। ଯାନବାହନ କ୍ରୟ କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**କର୍କଟ:** ଆଇଟି ଚାକିରିଆଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା କରିଥିବା ଦିଗରୁ ଧନ ମିଳିପାରେ।

**ସିଂହ:** ଦିନଟି ଶୁଭଫଳ ପ୍ରଦାନ କରିବ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ମାନ ସମ୍ମାନ ବୃଦ୍ଧି ପାଇବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**କନ୍ୟା:** ଦିନଟି ବ୍ୟସ୍ତରେ ବିତିବ। ଜମି କିଣାବିକା ପାଇଁ ଭଲ ସମୟ। ଆୟ ଅନୁସାରେ ବ୍ୟୟ କମ୍ ହେବ। ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ତୁଳା:** ଯୋଜନା ଅନୁଯାୟୀ କାମ କରିବେ। ଜୀବନସାଥିଙ୍କ ସହ ଖୁସିର ମୁହୂର୍ତ୍ତ ବିତାଇବେ। ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟର କଥା ଚିନ୍ତା କରିବେ।

**ଧନୁ:** ବନ୍ଧୁ ମିଳନ ଯୋଗ ରହିଛି। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଯାତାୟତ ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମକର:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଦେବେ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟସମସ୍ୟା ଚିନ୍ତିତ କରିପାରେ। ଆଶା କରିଥିବା ଦିଗରୁ ନିରାଶ ହୋଇପାରନ୍ତି। ଧୈର୍ଯ୍ୟ ରଖି ଚାଲନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ମହିଳାଙ୍କ ଦାୟିତ୍ୱ ବଢ଼ିପାରେ। କୌଣସି କଥାକୁ ନେଇ ଚିନ୍ତା ବଢ଼ିପାରେ। ପୁରୁଣା ନିବେଶରୁ ଲାଭ ମିଳିପାରେ।

## ଆଜିର ଇତିହାସ

- ୧୮୫୦- କାଲିଫର୍ଣ୍ଣିଆ ଆମେରିକାର ୩୧ତମ ରାଜ୍ୟ ହେଲା।
- ୧୯୪୯- ଭାରତୀୟ ସମ୍ବିଧାନ ସଭା ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସ୍ୱୀକାର କଲା।
- ୧୯୬୨- ଉଗାଣ୍ଡା ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୯୧- ତାଜିକିସ୍ତାନ ସୋଭିଏତ ସଂଘରୁ ସ୍ୱାଧୀନ ହେଲା।
- ୨୦୧୨: ଇରାକ ହୋଇଥିବା ବୋମା ବିସ୍ଫୋରଣରେ ଶହରୁ ଅଧିକ ଲୋକ ମୃତ, ୩୫୦ ଆହତ।

## ପ୍ଲାଷ୍ଟିକ୍ ଠୁ ବିପଜ୍ଜନକ କାଗଜ ଷ୍ଟ୍ର

ଆଜିକାଲି ପରିବେଶକୁ ନେଇ ଲୋକେ ବେଶ୍ ସଚେତନ। ସେଥିପାଇଁ ଲୋକେ ଏବେ ପ୍ଲାଷ୍ଟିକ୍‌ର ବ୍ୟବହାର କମ୍ କରୁଛନ୍ତି। ଅନେକ କାଫେ, ରେଷ୍ଟୁରାଣ୍ଟ ଏବଂ ଘରଗୁଡ଼ିକରେ ପ୍ଲାଷ୍ଟିକ୍ ଷ୍ଟ୍ର ବଦଳରେ କାଗଜ ଷ୍ଟ୍ର ବ୍ୟବହାର କରାଯାଉଥିବା ଦେଖାଯାଉଛି। ନିକଟରେ ବେଲଜିୟମ୍‌ର ଏକ ଗବେଷଣା ଏଭଳି ଚିନ୍ତାଧାରାକୁ ଏକ ବଡ଼ ଝଟ୍‌କା ଦେଇଛି। ବେଲଜିୟମ୍‌ରେ କରାଯାଇଥିବା ଏହି ଗବେଷଣା ଅନୁଯାୟୀ, କାଗଜ ଷ୍ଟ୍ର ପରିବେଶ ଏବଂ ସ୍ୱାସ୍ଥ୍ୟ ପାଇଁ ଆଦୌ ସୁରକ୍ଷିତ ନୁହେଁ। କାଗଜ ଷ୍ଟ୍ରଗୁଡ଼ିକୁ ପାଣିରେ ମିଳେଇ ନ ଯିବା ପାଇଁ ସେଥିରେ 'ପଲି ଆଣ୍ଡ ପରଫ୍ଲୁରୋଆଲ୍କିଲ୍ ସବ୍‌ଷ୍ଟାନ୍ସେସ୍' ନାମକ ରସାୟନ ବ୍ୟବହାର କରାଯାଏ। ଏହାକୁ 'ଫରେଭର୍ କେମିକାଲ୍ସ' ମଧ୍ୟ କୁହାଯାଏ କାରଣ ଏହା ପରିବେଶ କିମ୍ବା ଶରୀରରେ ସହଜରେ ନଷ୍ଟ ହୁଏନାହିଁ। ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରାୟ ୯୦% କାଗଜ ଷ୍ଟ୍ରରେ ଏହି ରସାୟନ ଥାଏ, ଯେଉଁଠି ପ୍ଲାଷ୍ଟିକ୍ ଷ୍ଟ୍ରରେ ଏହା ୭୫% ମିଳିଥାଏ। ଏହି କେମିକାଲ୍ ଶରୀରକୁ ଗଲେ ଥାଇରଏଡ୍, ଲିଭର ସମସ୍ୟା, କୋଲେଷ୍ଟ୍ରଲ୍ ବୃଦ୍ଧି ଏବଂ କ୍ୟାନ୍ସର ଭଳି ରୋଗର ଆଶଙ୍କା ବଢ଼ିଥାଏ। ଗବେଷଣା ପାଇଁ ବୈଜ୍ଞାନିକମାନେ ବଜାରରେ ଉପଲବ୍ଧ ପ୍ରାୟ ୩୯ଟି ଭିନ୍ନ ଭିନ୍ନ ବ୍ରାଣ୍ଡର ଷ୍ଟ୍ର ସଂଗ୍ରହ କରିଥିଲେ। ଏହି ଷ୍ଟ୍ରଗୁଡ଼ିକ ବିଭିନ୍ନ ଦୋକାନ, ସୁପରମାର୍କେଟ୍ ଏବଂ ରେଷ୍ଟୁରାଣ୍ଟରୁ ଅଣାଯାଇଥିଲା। ଏହାକୁ ମୁଖ୍ୟତଃ ୫ଟି ଶ୍ରେଣୀରେ ଭାଗ କରାଯାଇଥିଲା: କାଗଜ, ବାଉଁଶ, ପ୍ଲାଷ୍ଟିକ୍, କାଚ ଏବଂ ଷ୍ଟେନଲେସ୍ ଷ୍ଟିଲ୍। ପ୍ରଥମେ ପ୍ରତ୍ୟେକ ଷ୍ଟ୍ରକୁ ଗ୍ରାଇଣ୍ଡିଂ କରାଯାଇ ସେଥିରେ ଫରେଭର୍ କେମିକାଲ୍ସ ଅଛି କି ନାହିଁ ତାହା ପରୀକ୍ଷା କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ, ଷ୍ଟ୍ରଗୁଡ଼ିକୁ କିଛି ସମୟ ପାଇଁ ପାଣିରେ ବୁଡ଼ାଇ ରଖାଯାଇଥିଲା। ପାଣି ବା କୋଲ୍ଡ ଡ୍ରିଙ୍କସ୍ ପିଇବା ସମୟରେ ଏହି କେମିକାଲ୍ ତରଳ ପଦାର୍ଥରେ ମିଶୁଛି କି ନାହିଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ପରୀକ୍ଷା କରାଯାଇଥିବା ୯୦% କାଗଜ ଷ୍ଟ୍ରରେ ଫରେଭର କେମିକାଲ୍ ମିଳିଥିଲା, ଯାହା ଅନ୍ୟ ସମସ୍ତ ଷ୍ଟ୍ର ତୁଳନାରେ ସବୁଠାରୁ ଅଧିକ। ବାଉଁଶ ଷ୍ଟ୍ରରେ ୮୦%, ପ୍ଲାଷ୍ଟିକ୍ ଷ୍ଟ୍ରରେ ୭୫% ଏବଂ କାଚ ଷ୍ଟ୍ରରେ ୪୦% ଏହି କେମିକାଲ୍ ମିଳିଥିଲା। ପରୀକ୍ଷା କରାଯାଇଥିବା କୌଣସି ବି ଷ୍ଟେନଲେସ୍ ଷ୍ଟିଲ୍ ଷ୍ଟ୍ରରେ ଏହି ରସାୟନ ମିଳିନଥିଲା। ତେବେ କାଗଜ ଷ୍ଟ୍ରକୁ ପାଣିରେ ମିଳେଇ ଯିବାରୁ ରକ୍ଷା କରିବା ପାଇଁ ପ୍ରାୟତଃ ୱାଟରପ୍ରୁଫ୍ କୋଟିଂ ଦିଆଯାଇଥାଏ। ଏହି କୋଟିଂ କିମ୍ବା ନିର୍ମାଣ ପ୍ରକ୍ରିୟାରେ ଏହି କେମିକାଲ ସାମିଲ ହୋଇଥାଇପାରେ। କେତେକ କ୍ଷେତ୍ରରେ ଏହା କଞ୍ଚାମାଲ କିମ୍ବା ଉତ୍ପାଦନ ପ୍ରକ୍ରିୟାରୁ ମଧ୍ୟ ଆସିପାରେ। ତେବେ ଏହି ରସାୟନକୁ ୨୦୨୦ ମସିହାରୁ ବିଶ୍ୱସ୍ତରରେ ବ୍ୟାନ୍ କରାଯାଇ ସାରିଛି। ଗବେଷକମାନେ ସ୍ପଷ୍ଟ କରିଥିଲେ ଯେ, କାଗଜ ଷ୍ଟ୍ରରେ ଏହି ରସାୟନର ମାତ୍ରା ବହୁତ କମ୍ ଥାଏ, ତେଣୁ ଥରେ ଦୁଇଥର ବ୍ୟବହାର କଲେ ସଙ୍ଗେ ସଙ୍ଗେ କୌଣସି ବଡ଼ ରୋଗ ହେବାର ଭୟ ନାହିଁ। ହେଲେ ଯେଉଁମାନେ ପ୍ରତିଦିନ କାଗଜ ଷ୍ଟ୍ର ବ୍ୟବହାର କରନ୍ତି, ସେମାନଙ୍କ ଶରୀରରେ ଧୀରେ ଧୀରେ ଏହି ରସାୟନ ଜମା ହୋଇ କ୍ଷତି ପହଞ୍ଚାଇଥାଏ।




## କୁଣ୍ଡେଇବା ପାଇଁ ୧୪ ଲକ୍ଷ



ଚୀନ୍‌ର ଶେନଜେନ୍ ସହରରେ ଝାଙ୍ଗ୍ ଶିଆଓଚିଆଓ ନାମକ ଜଣେ ୩୨ ବର୍ଷୀୟ ଯୁବକ ଏକ ଅଭିନବ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। ଏହାର ସେଟ୍‌ଅପ୍ ଏକ ମସାଜ୍ ସେଣ୍ଟର ଭଳି। ଏଠାରେ ଗ୍ରାହକମାନେ ଏକ ମସାଜ୍ ପାର୍ଲର ଭଳି ବେଡ୍ ଉପରେ ଶୁଅନ୍ତି। ସେଠାରେ ଥିବା ତାଲିମପ୍ରାପ୍ତ କର୍ମଚାରୀମାନେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ମୁନିଆ ନଖ ସାହାଯ୍ୟରେ ଗ୍ରାହକଙ୍କ ପିଠି ଓ କୁଣ୍ଡେଇ ହେଉଥିବା ସ୍ଥାନଗୁଡ଼ିକୁ ଧୀରେ ଧୀରେ କୁଣ୍ଡାଇ ଦିଅନ୍ତି। ଏହି ସେବା ପାଇଁ ଗ୍ରାହକଙ୍କୁ ଘଣ୍ଟା ପ୍ରତି ପ୍ରାୟ ୪୨୦୦ ଟଙ୍କା ଦେବାକୁ ପଡ଼ିଥାଏ। ଶେନଜେନ୍ ସହରରେ ଥିବା ତାଙ୍କର ଦୁଇଟି ଆଉଟ୍‌ଲେଟ୍‌ରୁ ସେ ମାସକୁ ପ୍ରାୟ ୧୪ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସୋସିଆଲ ମିଡିଆରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ପିଠି କୁଣ୍ଡାଉଥିବାର ଭିଡିଓ ଦେଖି ଝାଙ୍ଗ୍‌ଙ୍କୁ ଏହି ଆଇଡିଆ ଆସିଥିଲା, ଯେଉଁଥିରେ ଲୋକେ କମେଣ୍ଟ କରିଥିଲେ କି ଏଭଳି ସେବା ପାଇଁ ସେମାନେ ଟଙ୍କା ଦେବାକୁ ପ୍ରସ୍ତୁତ। ଏହାସହ ପିଲାଦିନେ ତାଙ୍କ ବାପା ପିଠି କୁଣ୍ଡାଇ ଶୁଆଇ ଦେଉଥିବା ସ୍ମୃତି ମଧ୍ୟ ତାଙ୍କୁ ପ୍ରେରିତ କରିଥିଲା। ଏହି ସେବା ମାନସିକ ଚାପ କମାଇବା ଏବଂ ଭଲ ନିଦ ହେବାରେ ସାହାଯ୍ୟ କରୁଥିବାରୁ ବହୁ ସଂଖ୍ୟାରେ ଆଇଟି ଏବଂ ଅନ୍ୟ କର୍ମଚାରୀମାନେ ଏଠାକୁ ଆସୁଛନ୍ତି। ତେବେ ଝାଙ୍ଗ୍‌ଙ୍କ ଗ୍ରାହକଙ୍କ ମଧ୍ୟରେ ୭୦% ପୁରୁଷ ଅଛନ୍ତି। ସେ ଏବେ ଚୀନ୍‌ରେ ଏଭଳି ୧୦୦ଟି ଆଉଟ୍‌ଲେଟ୍ ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ଝାଙ୍ଗ୍ ଅନେକ ଥର ଚାକିରି ବଦଳାଇବା ସହ ଦୁଇଟି ଇ-କମର୍ସ ବ୍ୟବସାୟରେ ବିଫଳ ହୋଇଥିଲେ, କିନ୍ତୁ ଏହି ନିଆରା ଆଇଡିଆ ତାଙ୍କୁ ଆଜି ସଫଳ କରିଛି।

## 'ଡ୍ରାଗନ୍'ରେ ନାହାନ୍ତି ଆଲିଆ-ଶାହିଦ୍


'ଡ୍ରାଗନ୍' ଫିଲ୍ମକୁ ନେଇ ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଥିରେ ଜୁନିୟର୍ ଏନ୍‌ଟିଆର୍ ଲିଡ୍ ରୋଲରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ପ୍ରଶାନ୍ତ ନୀଲ୍ ଅଛନ୍ତି। କନ୍ନଡ଼ ଅଭିନେତ୍ରୀ ରୁକ୍ମଣୀ ବସନ୍ତଙ୍କୁ ମଧ୍ୟ ଏହି ଫିଲ୍ମରେ ଦେଖିବାକୁ ମିଳିବ। କିଛି ଦିନ ଧରି ଗଣମାଧ୍ୟମ ଏବଂ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିଲା ଯେ, ପ୍ରଶାନ୍ତ ନୀଲ ନିଜର ଆଗାମୀ ଆକ୍ସନ ଡ୍ରାମା 'ଡ୍ରାଗନ୍'ର କାଷ୍ଟିଂକୁ ଆହୁରି ବଡ଼ କରିବା ପାଇଁ ବଲିଉଡ୍‌ର ଦୁଇ ବଡ଼ ଚେହେରାଙ୍କୁ ସାମିଲ କରିଛନ୍ତି। ଶାହିଦ୍ କପୁର ଏଥିରେ ଜୁନିଅର ଏନ୍‌ଟିଆର୍‌ଙ୍କ ବିପକ୍ଷରେ ଜଣେ ଖଳନାୟକ ଭୂମିକାରେ ନଜର ଆସିବେ ବୋଲି କିଛି ରିପୋର୍ଟରେ ପ୍ରକାଶ ପାଇଥିଲା। ସେହିପରି 'ଆର୍‌ଆର୍‌ଆର୍' ପରେ ଆଲିଆ ଭଟ୍ଟ ପୁଣିଥରେ ଜୁନିଅର ଏନ୍‌ଟିଆର୍‌ଙ୍କ ସହ ଏହି ଫିଲ୍ମରେ କାମ କରିବେ ବୋଲି ଚର୍ଚ୍ଚା ହେଉଥିଲା। ଏଥିରେ ସେ ଏକ ନେଗେଟିଭ୍ ସିଣ୍ଡିକେଟ୍ ଲିଡର ଭୂମିକାରେ ନଜର ଆସିବେ ବୋଲି ଦାବି କରାଯାଉଥିଲା। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଯାଇଥିଲା। 'ଡ୍ରାଗନ୍' ଚଳଚ୍ଚିତ୍ରର ପ୍ରଯୋଜନା ସଂସ୍ଥା 'ମୈତ୍ରୀ ମୁଭି' କିନ୍ତୁ ଏହି ଖବରକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛି। ପ୍ରଯୋଜନା ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, "ଏହି ଗୁଜବରେ କୌଣସି ସତ୍ୟତା ନାହିଁ। ଆମେ ଆଲିଆ କିମ୍ବା ଶାହିଦ୍‌ଙ୍କୁ ଏହି ଫିଲ୍ମ ପାଇଁ ସାଇନ୍ କରିନାହୁଁ।" ଏହି ସ୍ପଷ୍ଟୀକରଣ ଆସିବା ପରେ ଆଲିଆ ଓ ଶାହିଦ୍‌ଙ୍କ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ବର୍ତ୍ତମାନ ଜୁନିୟର୍ ଏନ୍‌ଟିଆର୍ ନିଜ କାନ୍ଧ ଅପରେସନ ଯୋଗୁଁ ବିଶ୍ରାମ ନେଉଥିବା ବେଳେ ପ୍ରଶାନ୍ତନୀଲ ଅନ୍ୟ କଳାକାରମାନଙ୍କୁ ନେଇ ଏହାର ସୁଟିଂ ଜାରି ରଖିଛନ୍ତି। ଏହି ମେଗା ଚଳଚ୍ଚିତ୍ରଟି ଜୁନ୍ ୧୧, ୨୦୨୭ରେ ୫ଟି ଭାଷାରେ ମୁକ୍ତିଲାଭ କରିବ।






## ଅନଲାଇନ୍ ଡିଗ୍ରୀ ଚୟନ ପୂର୍ବରୁ

**ଆଜିକାଲି ଚାକିରି ସହିତ ଯୁବପିଢ଼ି ଅନଲାଇନ ଡିଗ୍ରୀର ଲାଭ ଉଠାଉଛନ୍ତି। ତେବେ ଏହାକୁ ଚୟନ କରିବା ପୂର୍ବରୁ କିଛି ବିଶେଷ ଦିଗ ଉପରେ ଧ୍ୟାନ ଦେବା ଜରୁରି।**



- ଅନଲାଇନ ଡିଗ୍ରୀ ଚୟନ କରିବା ପୂର୍ବରୁ ପ୍ରଥମେ କେଉଁ କ୍ଷେତ୍ରରେ କାମ କରିବାକୁ ଚାହୁଁଛନ୍ତି, ସେ କଥା ଚିନ୍ତା କରନ୍ତୁ।
- ଅନଲାଇନ ଡିଗ୍ରୀ ଚୟନ କରିବା ବେଳେ ବିଶ୍ୱବିଦ୍ୟାଳୟ ମାନ୍ୟତା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ ମଧ୍ୟରୁ ଅନ୍ୟତମ। ମାନ୍ୟତା ପ୍ରାପ୍ତ ସଂସ୍ଥାନରୁ ପ୍ରାପ୍ତ ଡିଗ୍ରୀ ଚାକିରି ଏବଂ ଉଚ୍ଚ ଶିକ୍ଷାରେ ଅଧିକ ଉପଯୋଗୀ ହୋଇପାରିବ।
- ଡିଗ୍ରୀର ନାଁ ଦେଖି ନାମଲେଖାଇବା ଅନୁଚିତ। ପାଠ୍ୟକ୍ରମରେ କେଉଁ ବିଷୟ ପଢ଼ାଯିବ, ସେ ସମ୍ପର୍କରେ ଜାଣନ୍ତୁ।
- ଅନଲାଇନ ଡିଗ୍ରୀର ବଡ଼ ଲାଭ ହେଉଛି ଛାତ୍ର ନିଜ ସୁବିଧା ଅନୁସାରେ ପଢ଼ିପାରିବ।
- ପ୍ରତ୍ୟେକ ବିଶ୍ୱବିଦ୍ୟାଳୟର ଫି' ଓ ପାଠପଢ଼ା ତରିକା ଅଲଗା ଅଲଗା ହୋଇପାରେ। ତେଣୁ ନାମଲେଖାଇବା ପୂର୍ବରୁ ସମୁଦାୟ ଫି ଓ ଅଧ୍ୟୟନ ସାମଗ୍ରୀ ଉପଲବ୍ଧତା ବାବଦରେ ଜାଣିବା ଜରୁରି।


## ପାଠରେ ଏଆଇ



ଗୁଗଲ ଭାରତୀୟ ଛାତ୍ରମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛି। କମ୍ପାନି ନିଜ ଏଆଇ ପ୍ଲସ୍ ସବ୍‌ସ୍କ୍ରିପସନ୍‌କୁ ଛାତ୍ରଛାତ୍ରୀଙ୍କ ପାଇଁ ୧୨ ମାସ ପାଇଁ ମାଗଣା କରିଛି। ଏହି ପଦକ୍ଷେପ ପଢ଼ାରେ ଏଆଇ ଟେକ୍ନିକ୍‌ର ସାହାଯ୍ୟ ନେବା ଉଦ୍ଦେଶ୍ୟରେ କରାଯାଇଛି। ଗୁଗଲର ପ୍ରିମିୟମ୍ ଏଆଇ ଟୁଲ୍‌ର ଲାଭ ଉଠାଇ ହେବ। ଏହି ଅଫର୍ ବିଶେଷକରି ଭାରତୀୟ ଛାତ୍ରଙ୍କୁ ଦୃଷ୍ଟିରେ ରଖି କରାଯାଇଛି।

ବର୍ଷକର ମାଗଣା ସବ୍‌ସ୍କ୍ରିପସନ୍‌ରେ ଅନେକ ଉନ୍ନତମାନର ଫିଚର୍‌କୁ ସାମିଲ କରାଯାଇଛି। ଏଥିରେ ଷ୍ଟୁଡେଣ୍ଟ ହବ୍ ଏବଂ ଷ୍ଟଡି ନୋଟ୍‌ବୁକ୍ ଭଳି ଫିଚର ସାମିଲ ଅଛି। ଏହି ଟୁଲ୍ ଛାତ୍ରଛାତ୍ରୀଙ୍କୁ ନିଜ ପଢ଼ାକୁ ବ୍ୟବସ୍ଥିତ କରିବା, ନୋଟ୍‌କୁ ଉନ୍ନତ ଭାବେ ପରିଚାଳନା କରିବାରେ ସାହାଯ୍ୟ କରିବ। ଗୁଗଲ ଅନୁସାରେ, ଏହି ପ୍ୟାକ୍‌ରେ ପଢ଼ା ସହିତ ଜଡ଼ିତ ନୂଆ ଏଆଇ ଫିଚର ଯୋଡ଼ା ଯାଇଛି। ଏହି ଫିଚର୍‌ର ଉଦ୍ଦେଶ୍ୟ ଶିଖିବା ପ୍ରକ୍ରିୟାକୁ ଅଧିକ ଇଣ୍ଟରଆକ୍ଟିଭ୍ ଏବଂ ସହଜ କରିବା।

## ଘୋଷ୍ଟ ଜବ୍




**ଅନେକ ସମୟରେ ଚାକିରି ପାଇଁ ଆବେଦନ କରାଯାଇଥିଲେ ବି ମାସ ମାସ ଧରି କମ୍ପାନି ପକ୍ଷରୁ କୌଣସି ଉତ୍ତର ଆସି ନ ଥାଏ। ହେଲେ ସେହି ଚାକିରି ବା ପଦବିର ବିଜ୍ଞାପନ ବାରମ୍ବାର ଦେଖିବାକୁ ମିଳିଥାଏ। ଏହାକୁ ଘୋଷ୍ଟ ଜବ୍ କୁହାଯାଏ।**

ଘୋଷ୍ଟ ଜବ୍‌ର ଅର୍ଥ ହେଉଛି କୌଣସି ଏକ ଚାକିରି ପାଇଁ ପଦବିର ବିଜ୍ଞାପନ ବାହାରେ, କିନ୍ତୁ ଏଥିରେ କାହାକୁ ନିଯୁକ୍ତି ଦିଆଯାଏ ନାହିଁ। ଅନେକ ସମୟରେ ଏହି ପଦ ପାଇଁ ପୂର୍ବରୁ ହିଁ ନିଯୁକ୍ତି ମିଳିଯାଇଥାଏ। ହେଲେ କମ୍ପାନି ଏହାର ବିଜ୍ଞାପନ ହଟାଇବାକୁ ଭୁଲିଯାଏ। ଏହା ଯୋଗୁଁ ଚାକିରି ଖୋଜୁଥିବା ଲୋକଙ୍କଠାରେ ହତାଶ ମନୋଭାବ ଦେଖିବାକୁ ମିଳିଥାଏ। କାରଣ ଜଣେ ବ୍ୟକ୍ତି ଏକାଧିକ ସ୍ଥାନରେ ଚାକିରି ପାଇଁ ଆବେଦନ କରନ୍ତି ଓ ଭାବନ୍ତି ଅଭାବ ସେମାନଙ୍କ ଭିତରେ ଅଛି। ଏବେ ପ୍ରଶ୍ନ ଉଠୁଛି କମ୍ପାନି ଏଭଳି କରେ କାହିଁକି?

ତେବେ ଏହା ପଛରେ ଗୋଟିଏ ନୁହେଁ, ଏକାଧିକ କାରଣ ଥିବା କୁହାଯାଏ। କିଛି କମ୍ପାନି ବାହାରୁ ଏହା ଦେଖାଇବାକୁ ଚାହାନ୍ତି ଯେ, ସେହି କମ୍ପାନି ଲଗାତାର ଉନ୍ନତି କରୁଛି ଏବଂ ଲୋକଙ୍କୁ କାମରେ ରଖୁଛି। ଯାହାକି ବାସ୍ତବରେ ସତ ହୋଇ ନ ଥାଏ। ସେହିପରି ଆଉ ଏକ ବଡ଼ କାରଣ ହେଉଛି କ୍ୟାଣ୍ଡିଡେଟ୍ ପାଇପ୍‌ଲାଇନ୍ ପ୍ରସ୍ତୁତ କରିବା। ଏହାର ଅର୍ଥ କମ୍ପାନି ସବୁବେଳେ ନିଜ ପାଖରେ ଭଲ ନିଯୁକ୍ତିକର୍ତ୍ତାଙ୍କ ତାଲିକ ରଖେ। କାରଣ ଯଦି କୌଣସି କର୍ମଚାରୀ ଅଚାନକ ଚାକିରି ଛାଡ଼ି ଦିଅନ୍ତି, ତୁରନ୍ତ ସେହି ପଦରେ ଅନ୍ୟ କାହାକୁ ରଖାଯାଇପାରିବ। ଅନେକ ସୟମରେ ଏଚଆର୍ ବିଭାଗ ଏକଥା ଦେଖାଇବାକୁ ଚାହାନ୍ତି ଯେ, ବଜାରରେ କିଭଳି ପ୍ରକାର ଦକ୍ଷତା ଅଛି ଏବଂ ଲୋକେ କେତେ ପାରିଶ୍ରମିକ ଚାହୁଁଛନ୍ତି।

ବଢ଼ୁଥିବା ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଘୋଷ୍ଟ ଜବ୍ ଉପରେ ଅଙ୍କୁଶ ଆଣିବା ପାଇଁ ଏକ ନୂଆ ଆଇନର ପ୍ରସ୍ତାବ ରଖାଯାଇଛି। ଏହି ଆଇନ ଅନୁସାରେ, କମ୍ପାନିରେ ନିଯୁକ୍ତି ପୂରଣ ହୋଇଯିବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ବିଜ୍ଞାପନ ହଟାଇବା ଅନିବାର୍ଯ୍ୟ ହେବ। ଫଳରେ ପୁରୁଣା ଓ ମିଛ ବିଜ୍ଞାପନରୁ ଲୋକେ ବଞ୍ଚିତ ହେବେ।

## ଜେନ୍ ଜେଡ୍‌ଙ୍କ ଭଡ଼ା ଅଫିସ୍



**ଚାକିରିକୁ ନେଇ ଏବେ ଏକ ନୂଆ ଟ୍ରେଣ୍ଡ ଜେନ୍ ଯୁବପିଢ଼ିଙ୍କଠାରେ ଦେଖିବାକୁ ମିଳିଛି। ଯୁବପିଢ଼ି ଚାକିରି କରିବା ପାଇଁ ନୁହେଁ, ବରଂ ଚାକିରି ପରିବେଶ ପାଇବା ପାଇଁ ହାତରୁ ଟଙ୍କା ଖର୍ଚ୍ଚ କରି ଅଫିସ୍ ଆସୁଛନ୍ତି। ଏହାକୁ ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ବୋଲି କୁହାଯାଉଛି।**

ଚୀନ୍‌ରେ ବେରୋଜଗାରୀ ସମସ୍ୟା ମଧ୍ୟରେ ଏହି ଅଲଗା ଟ୍ରେଣ୍ଡ ସାମ୍ନାକୁ ଆସିଛି। ପ୍ରିଟେଣ୍ଡ ଟୁ ୱାର୍କ ଟ୍ରେଣ୍ଡ ମାଧ୍ୟମରେ ଜେନ୍ ଜେଡ୍ ଯୁବପିଢ଼ି ନିଜେ ଟଙ୍କା ଖର୍ଚ୍ଚ କରି କାମ କରିବା ଦେଖେଇ ହେବା ଏବଂ ଅଫିସ୍ ପରିବେଶ ପାଇବା ଲାଗି ଭଡ଼ାରେ ଅଫିସ୍ ନେଉଛନ୍ତି। ଏହି ଟ୍ରେଣ୍ଡ ମାଧ୍ୟମରେ ବେରୋଜଗାରୀ ଯୁବପିଢ଼ି ଲାପଟପ୍ ଧରି ଘଣ୍ଟା ଘଣ୍ଟା ଡେସ୍କରେ ବସନ୍ତି, ଚାକିରି ପାଇଁ ଆବେଦନ କରନ୍ତି, ବାୟୋଡାଟା ପ୍ରସ୍ତୁତ କରନ୍ତି, ନିଜ ଷ୍ଟାର୍ଟଅପ୍ ଏବଂ ଅନ୍ୟ ପ୍ରୋଜେକ୍ଟ ଉପରେ କାମ କରନ୍ତି। ଚାକିରି ଖୋଜୁଥିବା ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତି। ଏହା ବଦଳରେ ସେମାନଙ୍କୁ କମ୍ପ୍ୟୁଟର, ଇଣ୍ଟରନେଟ୍, ସ୍ନାକ୍ସ, ଲଞ୍ଚ, ଡ୍ରିଙ୍କ ଭଳି ସୁବିଧା ମିଳେ। ଯଦିଓ ଏହା ଯୁବପିଢ଼ିଙ୍କ ପାଇଁ ବାସ୍ତବ ଚାକିରି ନୁହେଁ, ତଥାପି ଏହାଦ୍ୱାରା ଅଫିସ୍ ପରିବେଶ ସେମାନଙ୍କୁ ମିଳିଥାଏ।

ଏଭଳି ସ୍ଥାନରେ ବସିବା ଲାଗି ସେମାନଙ୍କୁ ପ୍ରତିଦିନ ପାଖାପାଖି ୪୦୦ରୁ ୬୭୦ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ପ୍ରଥମେ ସେମାନଙ୍କୁ ଏହା ଏକ ସାଧାରଣ ଖର୍ଚ୍ଚ ଲାଗେ। ଦୀର୍ଘ ଦିନ ବିତିବା ପରେ ଏହି ଟଙ୍କା ସେମାନଙ୍କ ପାଇଁ ଗୁରୁତ୍ୱ ବହନ କରେ। ସେହିପରି ଟଙ୍କା ଦେଇ ଯୁବପିଢ଼ି ଦିନେ ଅଧେ ନୁହେଁ, ବରଂ ଶନିବାର ଏବଂ ରବିବାର ଛାଡ଼ି ସୋମବାରରୁ ଶୁକ୍ରବାର ନିୟମିତ ଅଫିସ୍ ଯାଆନ୍ତି। ସେମାନଙ୍କ କହିବା କଥା ଘରେ ଏକୁଟିଆ ବସି ଚାକିରି ଖୋଜିବା ପରିବର୍ତ୍ତେ ଏହା ସେମାନଙ୍କୁ ଅଧିକ ଅନୁଶାସିତ ଲାଗୁଛି ଓ ସକ୍ରିୟ ପରିବେଶ ମିଳିପାରୁଛି।

ଏଭଳି ଅଫିସ୍ ଚୀନ୍‌ରେ ନାନଜିଂ, ସଂଘାଇ, ହୁହାନ, ଶେନଝେନ, ଚେଙ୍ଗଡୁ, କୁନମିଂ ଭଳି ସହରରେ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ପଛରେ ଅଫିସ ଯିବାର ଇଚ୍ଛା ନ ଥାଏ। ବେରୋଜଗାରୀ ସମୟରେ ଘରେ ଦୀର୍ଘ ସମୟ ଏକୁଟିଆ ରହିବା ଦ୍ୱାରା ଯୁବପିଢ଼ିଙ୍କୁ ନିତିଦିନ ଏବଂ ସାମାଜିକ ଜୀବନ ପ୍ରଭାବିତ ହୁଏ। ଏଭଳି ସ୍ଥିତିରେ କିଛି ଯୁବପିଢ଼ି ଅଫିସ୍ ଭଳି ପରିବେଶ ବାଛୁଛନ୍ତି ଏବଂ ଚାପରେ ନ ରହିବା ପାଇଁ ଏଭଳି ଏକ ଡେଲି ରୁଟିନ ନିଜର ନିର୍ଦ୍ଧାରିତ କରୁଛନ୍ତି।

● ମହିଳା ଏସିଆ କପ୍ କ୍ରିକେଟ

## ଭାରତ-ବାଂଲାଦେଶ ସେମିଫାଇନାଲ




ଦୁବାଇ,୮।୯ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ସେପ୍ଟେମ୍ବର ୧୦ ବା ଗୁରୁବାର ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ସହ ବାଂଲାଦେଶ ଓ ୧୧ ତାରିଖ ଶୁକ୍ରବାର ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ୧୩ରେ ଖେଳାଯିବ। ଲିଗ୍ ମ୍ୟାଚ୍ ଶେଷ ହେବା ପରେ ଗ୍ରୁପ୍-ଏ'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଭାରତ ଓ ପାକିସ୍ତାନ ଏବଂ ଗ୍ରୁପ୍-ବି'ରୁ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଶ୍ରୀଲଙ୍କା ଓ ବାଂଲାଦେଶ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଛନ୍ତି। ଗ୍ରୁପ୍-ଏ'ରେ ଭାରତ ଓ ବି'ରେ ଶ୍ରୀଲଙ୍କା ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଶୀର୍ଷସ୍ଥାନରେ ରହି ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଦୀପ୍ତିଙ୍କ ଉନ୍ନତି

ଦୁବାଇ, ୮।୯ (ଏଜେନ୍ସି): ଭାରତୀୟ ସ୍ପିନ ଅଲ୍‌ରାଉଣ୍ଡର ଦୀପ୍ତି ଶର୍ମା ଆଇସିସି ମହିଳା ଟି-୨୦ ର୍‍ୟାଙ୍କିଙ୍ଗରେ ବଡ଼ ଉନ୍ନତି କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ବୋଲିଂ ମାନ୍ୟତାରେ ଦୀପ୍ତି ୨ଟି ପାହାଚ ଉପରକୁ ଉଠି ୪ର୍ଥ ସ୍ଥାନରେ ପହଞ୍ଚିଛନ୍ତି। ୟୁଏଇରେ ଚାଲିଥିବା ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ଦୀପ୍ତି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଥାଇଲାଣ୍ଡ ବିପକ୍ଷରେ ସେ କୌଣସି ରନ୍ ନ ଦେଇ ୩ଟି ୱିକେଟ ନେଇଥିଲେ। ଅନ୍ୟତମ ଭାରତୀୟ ସ୍ପିନର ଶ୍ରୀଚରଣି ବୋଲିଂ ମାନ୍ୟତାରେ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତେବେ ଟପ୍-୨୦ରେ ସ୍ଥାନ ପାଇଥିବା ଅନ୍ୟତମ ଭାରତୀୟ ମହିଳା କ୍ରିକେଟର୍ ରେଣୁକା ସିଂଙ୍କୁ ଦୁଇଟି ସ୍ଥାନ ହରାଇବାକୁ ପଡ଼ିଛି। ରେଣୁକା ୧୮ରୁ ୨୦ତମ ସ୍ଥାନକୁ ଖସି ଯାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ରାଧା ଯାଦବ ମଧ୍ୟ ୪ଟି ପାହାଚ ହରାଇ ୩୧ତମ ସ୍ଥାନରେ ପହଞ୍ଚିଛନ୍ତି।

## ବାଲନ୍ ଡି'ଓର୍ ପୁରସ୍କାର ଦୌଡ଼ରେ ମେସି

ପ୍ୟାରିସ, ୮।୯ (ଏଜେନ୍ସି): ବିଶ୍ୱ ଫୁଟବଲର ଅନ୍ୟତମ ସମ୍ମାନଜନକ ପୁରସ୍କାର ବାଲନ୍ ଡି'ଓର୍ ଲାଗି ମନୋନୀତ ଖେଳାଳିଙ୍କ ସଂକ୍ଷିପ୍ତ ତାଲିକା ପ୍ରକାଶ ପାଇଛି। ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି ପୁରସ୍କାର ଦୌଡ଼ରେ ଫ୍ରାନ୍ସ ତାରକା ଓସମାନେ ଡେମ୍ବେଲେ, କିଲିଆନ ଏମ୍‌ବାପ୍ପେ, ନରୱେର ଏର୍ଲିଙ୍ଗ ହଲାଣ୍ଡ, ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍, ସ୍ପାନିସ ଷ୍ଟାର ଲାମିନେ ୟମାଲ, ସେନେଗାଲ୍‌ର ସାଡିଓ ମାନେ ପ୍ରମୁଖ ରହିଛନ୍ତି। ନିକଟରେ ଅନ୍ତର୍ଜାତୀୟ ଫୁଟ୍‌ବଲକୁ ଅଲ୍‌ବିଦା କରିଥିବା ଆର୍ଜେଣ୍ଟିନା ସୁପର ଷ୍ଟାର୍ ଲିଓନେଲ ମେସି ମଧ୍ୟ ପୁରସ୍କାର ଦୌଡ଼ରେ ସ୍ଥାନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ଫିଫା ବିଶ୍ୱକପରେ ଏମ୍‌ବାପ୍ପେ ମୋଟ୍ ୧୦ଟି ଗୋଲ୍ ଦେଇ ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ମେସି ୮ଟି, ଏର୍ଲିଙ୍ଗ ହଲାଣ୍ଡ ୭ଟି ଗୋଲସ୍କୋର କରିଥିଲେ। ତେଣୁ ଏମାନେ ମଧ୍ୟ ପୁରସ୍କାର ଲାଗି ଦୃଢ଼ ଦାବିଦାର୍ ରହିଛନ୍ତି। ମହିଳା ବାଲନ୍ ଡି'ଓର ପୁରସ୍କାର ଲାଗି ସଂକ୍ଷିପ୍ତ ତାଲିକାରେ ଫ୍ରାନ୍ସର ସେଲମା ବାଚା, ଜର୍ମାନୀର କ୍ଲାରା ବୁଲ୍, ନେଦରଲ୍ୟାଣ୍ଡସର କେଷ୍ଟ୍ରିନ କାସ୍ୱାରଜିତ ପ୍ରମୁଖ ସ୍ଥାନ ପାଇଛନ୍ତି। ବର୍ଷର ଶ୍ରେଷ୍ଠ କୋଚ୍ ଦୌଡ଼ରେ ବିଶ୍ୱକପ୍ ବିଜେତା ସ୍ପେନର ଲୁଇସ ଡି ଫୁଏଣ୍ଟେ, ଆର୍ସେନାଲର ମାଇକେଲ ଆର୍ଟେତା, ବେୟର୍ନ ମ୍ୟୁନିକର ଭିନସେଣ୍ଟ କୋମ୍ପାନୀ, ପିଏସ୍‌ଜି'ର ଲୁଇସ ଏନରିକ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଫ୍ରାନ୍ସ ଫୁଟବଲ୍ ମାଗାଜିନ ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଉଛି। ମେସି ରେକର୍ଡ ୮ଥର ଲାଗି ଏହି ପୁରସ୍କାର ଜିତିଛନ୍ତି।

## ଏଆଇଟିଏ ସଭାପତି ପଦ ପାଇଁ ଲଢ଼ିବେ ଲିଆଣ୍ଡର



ନୂଆଦିଲ୍ଲୀ, ୮।୯ (ଏଜେନ୍ସି): କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍ ସର୍ବଭାରତୀୟ ଟେନିସ୍ ଆସୋସିଏସନ୍ (ଏ ଆ ଇ ଟି ଏ) ର ସଭାପତି ପଦ ପାଇଁ ନିର୍ବାଚନରେ ଲଢ଼ିବେ। ୫୩ ବର୍ଷୀୟ ଲିଆଣ୍ଡର ବର୍ତ୍ତମାନ ବେଙ୍ଗଲ୍ ଟେନିସ୍ ଆସୋସିଏସନ୍ (ବିଟିଏ)ର ସଭାପତି ରହିଛନ୍ତି। ଏଆଇଟିଏ'ର ସଭାପତି ପଦ ପାଇଁ ପ୍ରାର୍ଥୀ ଭାବରେ ବିଟିଏ ପକ୍ଷରୁ ଲିଆଣ୍ଡରଙ୍କୁ ସମର୍ଥନ କରାଯାଇଛି। ସୋମବାର ଅନୁଷ୍ଠିତ ବିଟିଏ'ର କାଉନସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରୋଜର ଫେଡେରରଙ୍କ ଟେନିସ୍ ହଲ୍ ଅଫ୍ ଫେମରେ ସାମିଲ ହେବା ଲାଗି ଲିଆଣ୍ଡର ବର୍ତ୍ତମାନ ଆମେରିକା ଗସ୍ତରେ ରହିଛନ୍ତି। ବିଟିଏ'ର ପ୍ରସ୍ତାବକୁ ପେସ୍ ଗ୍ରହଣ କରିଥିବା ଜଣାପଡ଼ିଛି। ପେସଙ୍କ ସମ୍ମତି ପରେ ବିଟିଏ ତାଙ୍କର ନାମାଙ୍କନ ଦାଖଲ କରିବ ବୋଲି ଆଶା କରାଯାଉଛି। ପେସ୍ ଏହି ମାସ ଶେଷରେ ଫେରିବା ପରେ ଏ ସମ୍ପର୍କରେ ଏକ ଆନୁଷ୍ଠାନିକ ଘୋଷଣା କରାଯିବାର ସମ୍ଭାବନା ରହିଛି। ଜାତୀୟ କ୍ରୀଡ଼ା ମହାସଂଘର ନୂତନ ସଂଶୋଧିତ ସମ୍ବିଧାନ ଅନୁଯାୟୀ ପେସ'ଙ୍କ ପ୍ରସ୍ତାବିତ ପ୍ରାର୍ଥୀତ୍ୱ ପାଇଁ ଏହି ଆବେଦନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ନଭେମ୍ବର ୨୦୨୫ରେ ପେସ ବେଙ୍ଗଲ ସଂଘର ସଭାପତି ନିର୍ବାଚିତ ହେବା ପରେ ତାଙ୍କର ଟେନିସ୍ ପ୍ରଶାସନରେ ପ୍ରବେଶ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଥିଲା।

### ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ସୁନ୍ଦର ବୋଲିଂ

# ପୂର୍ବାଞ୍ଚଳ କବ୍‌ଜାରେ ଦୁଲୀପ୍ ଟ୍ରଫି ଫାଇନାଲ



ଚେନ୍ନଇ,୮।୯ (ଏଜେନ୍ସି)

ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାରଙ୍କ ନିୟନ୍ତ୍ରିତ ଓ ସୁନ୍ଦର ବୋଲିଂ ବଳରେ ଏଠାରେ ଚାଲିଥିବା ଦକ୍ଷିଣାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫି ଫାଇନାଲ ପୂର୍ବାଞ୍ଚଳ କବ୍‌ଜାରେ ରହିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ପୂର୍ବାଞ୍ଚଳର ୭୦୮ ରନ୍ ଜବାବରେ ଦକ୍ଷିଣାଞ୍ଚଳ ୬ ୱିକେଟରେ ୨୪୨ ରନ୍ ସଂଗ୍ରହ କରିଛି। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ତିଲକ ବର୍ମା ୫୬ ଓ ଚାମା ମିଲିନ୍ଦ ୨ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟ ପ୍ରମୁଖ ବ୍ୟାଟର ଦେବଦତ୍ତ ପାଡିକଲ ୬୨, ନାରାୟଣ ଜଗଦୀଶନ ୩୨ ଓ ସ୍ମରଣ ରବିଚନ୍ଦ୍ରନ ୨୩ ରନ୍ କରି ଆଉଟ ହେବା ଫଳରେ ଏହି ମ୍ୟାଚ୍‌ରେ ପୂର୍ବାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବା ସ୍ପଷ୍ଟ ହୋଇଛି। ଖେଳ ଆଉ ଦୁଇ ଦିନ ବାକି ରହିଥିଲାବେଳେ ପୂର୍ବାଞ୍ଚଳ ୪୬୬ ରନ୍‌ରେ ଆଗୁଆ ରହି ତୃତୀୟ ଟାଇଟଲ ଜିତିବା ରାସ୍ତା ସ୍ପଷ୍ଟ କରିଛି। ପୂର୍ବାଞ୍ଚଳ ପକ୍ଷରୁ ପ୍ରମୁଖ ସ୍ପିନର ବ୍ୟାଟିଂ କଲାବେଳେ ଆହତ ହୋଇଥିବାରୁ ଗୋଟିଏ ହେଲେ ବଲ ପକାଇପାରି ନାହାନ୍ତି। କିନ୍ତୁ ଦଳରେ ସ୍ଥାନ ପାଇଥିବା ଦୁଇ ଅନ୍ତର୍ଜାତୀୟ ଅଭିଜ୍ଞ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ମୁକେଶ କୁମାର ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରି ମ୍ୟାଚ୍‌କୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଛନ୍ତି। ପ୍ରଥମ ଇନିଂସରେ ସୁନ୍ଦର ୮୫ ରନ୍ କରିଥିବା ଯୁବ ଖେଳାଳି ଶିଖର ମୋହନ ପ୍ରତିପକ୍ଷ ଦଳର ଓପନର ତଥା ସ୍ଥାନୀୟ ଖେଳାଳି ଏନ୍ ଜଗଦୀଶନଙ୍କର ଗୁରୁତ୍ୱପୂର୍ଣ୍ଣ ୱିକେଟ ଅକ୍ତିଆର କରିଛନ୍ତି। ଶେଷ ଭାଗରେ ପ୍ରତିରୋଧ କରୁଥିବା ଶ୍ରେୟସ ଗୋପାଳଙ୍କୁ ଆଉଟ କରି ଅଫ୍ ସ୍ପିନର କୌନେନ୍ କ୍ୟୁରେଶୀ ଏକମାତ୍ର ସଫଳତା ପାଇଥିଲେ ମଧ୍ୟ ପୂର୍ବାଞ୍ଚଳକୁ ପ୍ରଥମ ଇନିଂସ ଅଗ୍ରଣୀ ଦେବା ସ୍ପଷ୍ଟ କରିଛନ୍ତି।

ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳର ଶେଷ ବଲ୍‌ରେ ମୁକେଶ କୁମାର ଆଉଟ ହେବା ପରେ ପୂର୍ବାଞ୍ଚଳର ପ୍ରଥମ ଇନିଂସ ୭୦୮ ରନ୍‌ରେ ଶେଷ ହୋଇଥିଲା। ଦଳ ପକ୍ଷରୁ ଇଶାନ କିଶାନ ସର୍ବାଧିକ ୨୭୦, କୁମାର କୁଶାଗ୍ର ୧୦୧, ଶିଖର ମୋହନ ୮୫, ଅଭିମନ୍ୟୁ ଇଶ୍ୱରନ ୭୨ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ଦଳ ଆଜି ପ୍ରଥମ ଇନିଂସ ଖେଳ ଆରମ୍ଭ କରି ୧୦ରନ୍‌ରେ କାମଚଲା ଓପନର ରିକି ଭୁଇ (୧) ଓ ୭୦ ରନ୍‌ରେ ଜଗଦୀଶନ (୩୨)ଙ୍କ ୱିକେଟ ହରାଇଥିଲା। ଶ୍ରୀଲଙ୍କାରେ କ୍ରମାଗତ ୩ଟି ଶତକ ହାସଲ କରି ଜବରଦସ୍ତ ଫର୍ମରେ ଫେରିଥିବା ଦେବଦତ୍ତ ପାଡିକଲ ଏଠାରେ ଆରାମରେ ଖେଳୁଥିଲେ। ତାଙ୍କଠାରୁ ଦଳ ଏକ ବଡ଼ ଇନିଂସ ଆଶା କରୁଥିଲା। ଲଞ୍ଚ ପରେ ସେ ୬୨ ରନ୍ କରି ମୁକେଶ କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଦକ୍ଷିଣାଞ୍ଚଳ ଦଳରେ ବଡ଼ ଇନିଂସ ଖେଳିବାର ଦକ୍ଷତା ରଖିଥିବା ସ୍ମରଣ ରବିଚନ୍ଦ୍ରନ ୨୩, ଯୁବ ଖେଳାଳି ସେକ୍ ରଶିଦ୍ ୨୭ ଓ ସଂକଟମୋଚନକାରୀ ଶ୍ରେୟସ ଗୋପାଳ ୨୬ରନ୍‌ରେ ଆଉଟ ହେବା ଫଳରେ ପୂର୍ବାଞ୍ଚଳକୁ ଫାଇଦା ମିଳିଥିଲା। ଏବେ କେବଳ ଅଧିନାୟକ ତିଲକ ବର୍ମା ୧୩୩ ବଲ୍‌ରୁ ଧୈର୍ଯ୍ୟପୂର୍ଣ୍ଣ ୫୬ ରନ୍ କରି ଅପରାଜିତ ଅଛନ୍ତି। ତାଙ୍କ ବ୍ୟାଟିଂ ଉପରେ ଦକ୍ଷିଣାଞ୍ଚଳ ହୁଏତ କିଛି ରନ୍ ସଂଗ୍ରହ କରିପାରେ, କିନ୍ତୁ ୭୦୮ ରନ୍‌ର ପ୍ରଥମ ଇନିଂସ ସ୍କୋରକୁ ଅତିକ୍ରମ କରିବା ସମ୍ଭବ ହେବ ନାହିଁ। ଏହା ଫଳରେ ପୂର୍ବାଞ୍ଚଳ ତୃତୀୟଥର ଦୁଲୀପ୍ ଟ୍ରଫି ଚାମ୍ପିଅନ ହେବାର ରାସ୍ତାରେ କେବଳ ତିଲକ ପ୍ରତିବନ୍ଧକ ହୋଇ ଛିଡା ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ

## ୩ବର୍ଷ ପରେ କ୍ୱାର୍ଟରରେ ଗଫ୍



ନ୍ୟୁୟର୍କ,୮।୯ (ଏଜେନ୍ସି): ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ଆମେରିକାରା ଉଦୀୟମାନ ଖେଳାଳି ତଥା ୨୦୨୩ର ଚାମ୍ପିଅନ କୋକୋ ଗଫ୍ ୨୦୨୬ର ୟୁଏସ୍ ଓପନ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିଲାଗି ସେ ନିଜ ଦେଶର ୧୪ ନମ୍ବର ସିଡ୍ ତଥା ଇଭା ଜୋଭିଚ୍‌ଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଏହି ସଫଳତା ପାଇଥିଲେ। ନଂ-୪ ସିଡ୍ ଗଫ୍ କ୍ୱାର୍ଟର ଫାଇନାଲରେ ୫ ନମ୍ବର ସିଡ୍ ତଥା ଚଳିତ ବର୍ଷର ଫ୍ରେଞ୍ଚ ଓପନ ଚାମ୍ପିଅନ ରୁଷର ମୀରା ଆନ୍ଦ୍ରୀଭାଙ୍କୁ ଭେଟିବେ। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ କାଜାଖସ୍ତାନର ଏଲିନା ରିବାକିନାଙ୍କ ସହ ଅଣସିଡେଡ ଖେଳାଳି ଚୀନ୍‌ର ଝେଙ୍ଗ କ୍ୱିନେନ୍‌ଙ୍କୁ ଭେଟିବେ। ଚତୁର୍ଥ ରାଉଣ୍ଡ ଖେଳରେ ଜାପାନର ତାରକା ଖେଳାଳି ତଥା ନଂ-୧୩ ସିଡ୍ ନାଓମି ଓସାକାଙ୍କୁ ୬-୧, ୬-୧ ସିଧାସଳଖ ସେଟ୍‌ରେ ହରାଇଥିଲେ। ସେହପିରି ଝେଙ୍ଗ୍ ନଂ-୮ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ। ଆଜି ରାତିରେ ଖେଳାଯିବାକୁ ଥିବା ଅନ୍ୟ ଦୁଇ କ୍ୱାର୍ଟର ଫାଇନାଲରେ ନଂ-୧ ସିଡ ଆରିନା ସାବାଲେଙ୍କାଙ୍କ ସହ ୱିମ୍ବଲଡନ ଚାମ୍ପିଅନ ତଥେ ୬ଷ୍ଠ ସିଡ୍ ଲିଣ୍ଡା ନୋସ୍କୋଭା ଏବଂ ନଂ-୩ ସିଡ୍ ଜେସିକା ପେଗୁଲାଙ୍କ ସହ ଏମ୍ମା ନାଭାରୋଙ୍କର ମୁକାବିଲା ହେବ।

### ନଂ-୧ ଜ୍ୱେରେଭ୍ କ୍ୱାର୍ଟରରେ

ପୁରୁଷ ବିଭାଗରେ ନଂ-୧ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍‌ଙ୍କ ବିଜୟ ସହ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟରରେ ଆମେରିକାର ଦୁଇ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କ ସହ ଆଲେକ୍ସ ମିଚେଲସେନଙ୍କର ଓ ନଂ-୨ ସିଡ୍ କାର୍ଲୋସ ଆଲକାରାଜଙ୍କ ସହ ବେନ୍ ଶେଲଟନଙ୍କର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମୁକାବିଲା ହେବ। ସେହିପରି ଆସନ୍ତାକାଲି ରାତିରେ ନଂ-୧ ଜ୍ୱେରେଭଙ୍କ ସହ ଅଣସିଡେଡ ଖେଳାଳି ବୋଟିକ୍ ଭାନ୍ ଡି ଜାଣ୍ଡସ୍କଲପ୍‌ଙ୍କର ଏବଂ ନଂ-୨୮ ସିଡ୍ ଆଲେକଜାଣ୍ଡର ବ୍ଲୁକ୍ସଙ୍କ ସହ ଅଣସିଡେଡ ଖେଳାଳି କାରେନ ଖାଚାନୋଭାଙ୍କ ସହ ଲଢ଼େଇ ହେବ। ଗତକାଲି ରାତିରେ ନଂ-୧୪ ସିଡ ଲର୍ଣ୍ଣ ଟିଏନ୍‌ଙ୍କୁ ୫ ମ୍ୟାଚ୍ ବିଶିଷ୍ଟ ମୁକାବିଲାରେ ହରାଇ ଖାଚାନୋଭ୍ ଶେଷ କ୍ୱାର୍ଟର ଫାଇନାଲ ସ୍ଥାନ ସୁରକ୍ଷିତ କରିଥିଲେ।

### ୟୁଏସ୍ ଓପନ କ୍ୱାର୍ଟରଫାଇନାଲ

**ମହିଳା ସିଙ୍ଗଲ୍ସ**

| | |
|---|---|
| ଆରିନା ସାବାଲେଙ୍କା (୧) | ଲିଣ୍ଡା ନୋସ୍କୋଭା (୬) |
| ଜେସିକା ପେଗୁଲା (୩) | ଏମ୍ମା ନାଭାରୋ (୨୬) |
| କୋକୋ ଗଫ୍ (୪) | ମୀରା ଆନ୍ଦ୍ରୀଭା (୫) |
| ଏଲିନା ରିବାକିନା (୨) | କ୍ୱିନ୍‌ନେନ୍ ଝେଙ୍ଗ୍ (ନାହିଁ) |

**ପୁରୁଷ ସିଙ୍ଗଲ୍ସ**

| | |
|---|---|
| ଫ୍ରାନସେସ୍ ଟିଆଫୋଏ (୧୧) | ଆଲେକ୍ସ ମିଚେଲସେନ୍ |
| କାର୍ଲୋସ ଆଲକାରାଜ୍ (୨) | ବେନ୍ ଶେଲଟନ (୮) |
| ଆଲେକଜାଣ୍ଡର ଜ୍ୱେରେଭ୍ (୧) | ବି. ଭାନ୍ ଡି ଜାଣ୍ଡସ୍କଲପ୍ |
| ଆଲେକ୍‌ଜାଣ୍ଡର ବ୍ଲୁକ୍ସ (୨୮) | କାରେନ୍ ଖାଚାନୋଭ୍ |

## ଭାରତ-ଜାପାନ ଟି-୨୦ ଫ୍ୟାନ୍ କୋଡ୍‌ରେ ଲାଇଭ୍ ଷ୍ଟ୍ରିମିଂ

ନୂଆଦିଲ୍ଲୀ,୮।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ସେପ୍ଟେମ୍ବର ୨୨ ତାରିଖରେ ହେବାକୁ ଥିବା ଐତିହାସିକ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ ଅଧିକାର ପାଇଛି ଫ୍ୟାନ୍ କୋଡ୍। ଗ୍ଲୋବାଲ ଡିଜିଟାଲ ପ୍ରସାରଣ ଅଧିକାର ଲାଗି ମଧ୍ୟ ଫ୍ୟାନ୍‌କୋଡ୍ ଦୌଡ଼ରେ ରହିଛି। ଏହି ମ୍ୟାଚ୍‌ର ଟେଲିଭିଜନ ପ୍ରସାରଣ ଲାଗି ବିଡ୍ ଦାଖଲ କରିବାକୁ ପ୍ରସାରଣକାରୀ ସଂସ୍ଥାଗୁଡ଼ିକୁ କୁହାଯାଇଛି। ଖୁବ୍ ଶୀଘ୍ର ପ୍ରସାରଣ ଅଧିକାର କାହାକୁ ମିଳିବ ତାହା ସ୍ପଷ୍ଟ ହେବ। ଜାପାନର ସାନୋ ଇଣ୍ଟରନ୍ୟାସନାଲ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯିବ। ସୋନି, ଷ୍ଟାର କିମ୍ବା ଜୀ ଟିଭି ନେଟ୍‌ୱର୍କ ମଧ୍ୟରୁ ଗୋଟିଏ ସଂସ୍ଥା ଏହି ମ୍ୟାଚ୍‌ର ପ୍ରସାରଣ ଅଧିକାର ପାଇବେ ବୋଲି ଆଶା କରାଯାଉଛି।

## ପାରା ତୀରନ୍ଦାଜଙ୍କୁ ୨ ସ୍ୱର୍ଣ୍ଣ

ଅହମ୍ମଦାବାଦ୍,୮।୯ (ଏଜେନ୍ସି): ଭାରତର ପୁରୁଷ ରିକର୍ଭ ଓ କମ୍ପାଉଣ୍ଡ ଟିମ୍ ୱାର୍ଲ୍ଡ ତୀରନ୍ଦାଜୀ ପାରା ସିରିଜ୍‌ରେ ୨ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡିଫେଣ୍ଡିଂ ଚାମ୍ପିଅନ ତୋମାନ କୁମାର ଓ ଶ୍ୟାମସୁନ୍ଦର ସ୍ୱାମୀ ପୁରୁଷ କମ୍ପାଉଣ୍ଡ ପେୟାରରେ, ହରବିନ୍ଦର ସିଂହ ଓ ବିଜୟ ସୁନ୍ଦି ରିକର୍ଭରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ମହିଳା ବିଭାଗ ରିକର୍ଭ ଟିମ୍ ଭାବନା ଓ ପୂଜା ଭଲ ପ୍ରଦର୍ଶନ କରି ନ ପାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ମହିଳା କମ୍ପାଉଣ୍ଡ ଯୋଡି ମଧ୍ୟ କାଂସ୍ୟ ପଦକ ହରାଇଛି। ଓଡ଼ିଶାର ପାୟଲ ନାଗ ଓ ଶିତଲ ଦେବୀଙ୍କ ଯୋଡି କାଂସ୍ୟ ପଦକ ମୁକାବିଲାରେ ପରାଜିତ ହୋଇଥିଲେ।

ଓଡିଶା ହ୍ୟାଣ୍ଡବଲ ସଂଘ ନିର୍ବାଚନ

## ବିପ୍ଳବ ସଭାପତି, ମାନସ ସମ୍ପାଦକ




ଭୁବନେଶ୍ୱର, ୮।୯ (ସମିସ): ପୁରୀର ଝଡ଼େଶ୍ୱରୀ କ୍ଲବଠାରେ ଓଡ଼ିଶା ହ୍ୟାଣ୍ଡବଲ୍ ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରିତ୍ୱିକ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ପକ୍ଷରୁ ପର୍ଯ୍ୟବେକ୍ଷକ ଭାବେ ପ୍ରଶାନ୍ତ କୁମାର ନାୟକ ଏବଂ ହ୍ୟାଣ୍ଡବଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ଏଚଏଆଇ)ରୁ ପର୍ଯ୍ୟବେକ୍ଷକ ଭାବେ ଝାଡ଼ଖଣ୍ଡ ସଂଘର କୋଷାଧ୍ୟକ୍ଷ ସୟଦ ସମିମି ଅହମଦ୍ ଉପସ୍ଥିତ ଥିଲେ। ଏହି ଅବସରରେ ଆଗାମୀ ଚାରି ବର୍ଷ ପାଇଁ କାର୍ଯ୍ୟକାରୀ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ନୂତନ କାର୍ଯ୍ୟକାରୀ ସମିତିରେ ସଭାପତି ଭାବେ ବିପ୍ଳବ ଚୌଧୁରୀ ଓ ସମ୍ପାଦକ ଭାବରେ ଇଂ ମାନସ କୁମାର ସିଂ ନିର୍ବାଚିତ ହୋଇଛନ୍ତି। ସେହିଭଳି ଉପ ସଭାପତି ଋତ୍ୱିକ ଅଧିକାରୀ, ସୁରେଶ ଚନ୍ଦ୍ର ପାଢ଼ୀ, ରମେଶ ପୃଷ୍ଟି, ପାର୍ଥସାରଥୀ ମହାପାତ୍ର, ଯୁଗ୍ମ ସମ୍ପାଦକ ଗୌରୀ ଶଙ୍କର ମିଶ୍ର, ଗୀତାଞ୍ଜଳି ଦାଶ, କୋଷାଧ୍ୟକ୍ଷ ଭାବରେ ଶୀତେନ୍ଦ୍ରନାଥ ଦାସ ଏବଂ କାର୍ଯ୍ୟକାରୀ ସଦସ୍ୟମାନେ ହେଲେ ସାରଦା ପ୍ରସାଦ ଦାସ, ପ୍ରଶାନ୍ତ ରଥ, ଶୁଭେନ୍ଦୁ ନାରାୟଣ ଚୌଧୁରୀ, ପ୍ରତାପ କୁମାର ମହାନ୍ତି, ପ୍ରଣୟ କୁମାର ପାଣି ଓ ବିଷ୍ଣୁପ୍ରସାଦ ପଟ୍ଟନାୟକ ଆଗାମୀ ୪ବର୍ଷ ଲାଗି ନିର୍ବାଚିତ ହୋଇଛନ୍ତି।

# 'ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ ଆମର ଲକ୍ଷ୍ୟ'



ବେଙ୍ଗାଲୁରୁ,୮।୯ (ଏଜେନ୍ସି)

ଅଧିନାୟିକା ସଲିମା ଟେଟେଙ୍କ ନେତୃତ୍ୱ ଓ ହେଡ୍ କୋଚ୍ ଜୋଏର୍ଡ ମାରିନଙ୍କ ପ୍ରଶିକ୍ଷଣରେ ଭାରତୀୟ ମହିଳା ହକି ଦଳ ଏବେ ସଫଳତାର ଶୀର୍ଷରେ ରହିଛି। ମାରିନ୍ ଚଳିତବର୍ଷ ହେଡ କୋଚ୍ ଦାୟିତ୍ୱ ନେବା ପରେ ୱାର୍ଲ୍ଡକପ୍ କ୍ୱାଲିଫାୟର୍ସରେ ରନର୍ସ ଅପ୍, ଭାରତ ନେସନ୍ସ କପ ଚାମ୍ପିଅନ ହୋଇ ମହିଳା ପ୍ରୋ-ଲିଗ୍‌କୁ ଯୋଗ୍ୟତା ଅର୍ଜନ କରିଛି। ଏହା ପରେ ବେଲଜିୟମ ଓ ନେଦରଲ୍ୟାଣ୍ଡସରେ ଅନୁଷ୍ଠିତ ବିଶ୍ୱକପ୍‌ରେ ୫ମ ସ୍ଥାନ ଅଧିକାର କରି ଐତିହାସିକ ସଫଳତା ପାଇବା ପରେ ମହିଳା ଦଳ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସରେ ଚାମ୍ପିଅନ ହେବା ଲକ୍ଷ୍ୟ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବା ସହ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ଆମର ଲକ୍ଷ୍ୟ ବୋଲି ଭାରତ ଛାଡିବା ପୂର୍ବରୁ ଅଧିନାୟିକା ସଲିମା ଟେଟେ କହିଛନ୍ତି। ଏହି ଲକ୍ଷ୍ୟରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଛି ଚୀନ। ଉଭୟ ଦେଶ ମଧ୍ୟରେ ହୋଇଥିବା ବିଶ୍ୱକପ୍ ମୁକାବିଲା ୨-୨ ଗୋଲରେ ଡ୍ର ରହିଥିଲା। ଏସିଆନ ଗେମ୍ସରେ ଚାମ୍ପିଅନ ହେବା ଅର୍ଥ ଚୀନ୍, ଦକ୍ଷିଣ କୋରିଆ ଓ ଜାପାନ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟୀ ହେବା। ଏଣୁ ଭାରତକୁ ଏହି ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟୀ ହେବାକୁ ହେଲେ ଅଧିକ ଉନ୍ନତ ପ୍ରଦର୍ଶନ ଦେବାକୁ ହେବ। ସୁନେଲିତା ଟପ୍ପୋ ଏହି ଭାରତୀୟ ମହିଳା ହକି ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳିଭାବେ ସ୍ଥାନ ପଇଛନ୍ତି।

### ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ୍

## ଭାରତଠୁ ୭-୩ ଗୋଲ୍‌ରେ ହାରିଲା ଦକ୍ଷିଣ କୋରିଆ



ମୋକି/ଚୀନ୍,୮।୯ (ଏଜେନ୍ସି): ଅଧିନାୟକ ତଥା ଓଡ଼ିଆ ଡ୍ରାଗ୍ ଫ୍ଲିକର ଅନ୍‌ମୋଲ ଏକ୍କାଙ୍କ ଡବଲ ଗୋଲ ବଳରେ ଏଠାରେ ଚାଲିଥିବା ୨୧ ବର୍ଷରୁ କମ୍ ଏସିଆ କପ୍ ହକିର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତ ୭-୩ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ଏହା ଫଳରେ ୩ଟି ମ୍ୟାଚ୍‌ରୁ ୭ ପଏଣ୍ଟ ପାଇ ପୁଲ-ଏ'ରେ ପ୍ରଥମ ସ୍ଥାନରେ ରହିବା ସହ ସେମିଫାଇନାଲ ଖେଳିବା ରାସ୍ତା ପରିଷ୍କାର କରିଛି।

ବିଶେଷକରି ଆସନ୍ତାକାଲି ଶେଷ ଲିଗ୍ ମ୍ୟାଚ୍‌ରେ ଚାଇନିଜ୍ ତାଇପେ ସହ ଖେଳିବାକୁ ଥିବା ଭାରତ ନିଜ ଗ୍ରୁପ୍‌ରେ ପ୍ରଥମ ସ୍ଥାନରେ ରହିବା ସ୍ପଷ୍ଟ ହୋଇଛି। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ଅନ୍‌ମୋଲ ଏହାକୁ ମିଶାଇ ଚଳିତ ଟୁର୍ଣ୍ଣାମେଣ୍ଟରେ ୮ଟି ଗୋଲ ଦେବାର ରେକର୍ଡ କରିଛନ୍ତି। ଆଜିର ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଭାରତ ଗୋଟିଏ ଗୋଲ ଦେବା ପରେ ଦକ୍ଷିଣ କୋରିଆ ତାହାକୁ ଶୁଝାଇଦେଇଥିଲେ। ତୃତୀୟ କ୍ୱାର୍ଟରରେ ୪-୩ରେ ଅଗ୍ରଣୀ ରହିଥିବା ଭାରତ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଭାରତ ୩ଟି ଗୋଲ ଦେବା ଫଳରେ ଏହି ମୁକାବିଲାକୁ ୭-୩ରେ ଜିତିନେଇଥିଲା। ଏହା ମଧ୍ୟରୁ ଆର୍ଯ୍ୟନ ଖେସ୍ ମଧ୍ୟ ଗୋଟିଏ ଗୋଲ ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS